୬ ଭାରତର ଅନାହତ ସିଂ ଜିତିଲେ ସ୍କ୍ୱାସ୍ ଅନ୍ ଫାୟାର ଓପନ୍





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୮ ● ୩ ଫେବୃଆରୀ ୨୦୨୬, ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-8 ● 3rd February 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ରାୟଗଡାରେ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ରାୟଗଡା, ୨।୨

ନ୍ୟୁଜ୍ ବ୍ୟୁରୋ

ରାୟଗଡା ଜିଲ୍ଲାରେ ୯,୩୩୫ ଏସ୍ଏଚଜି ପାଇଁ ୧୪ କୋଟି ଟଙ୍କାର ରିଭଲଭିଂ ଫଣ୍ଡ, ୧୬୪ଟି ଜିପିଏଲ୍ଏଫ୍‌କୁ ୫୩.୧୪ କୋଟି ଟଙ୍କାର ପାଣ୍ଠି, ୪୧୯୫ଟି ଏସ୍ଏଚଜିକୁ ୩୭.୫୫ କୋଟି ଟଙ୍କାର ଋଣ ପ୍ରଦାନ। ଜିଲ୍ଲା ପାଇଁ ୬୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୦୯ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହ ମା’ ମଝିଘରିଆଣୀ ମନ୍ଦିରର ଉନ୍ନତି କରଣ ପାଇଁ ୩୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ରାୟଗଡା ଜିଲ୍ଲାରେ ଗଢି ଉଠୁଥିବା ଶିକ୍ଷାନୁଷ୍ଠାନରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ୮୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସୋମବାର ରାୟଗଡା ଠାରେ ସୁଭଦ୍ରା ଶକ୍ତି ମେଳା ୨୦୨୬ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଏହି ଘୋଷରା କରିଥିଲେ। ସେ କହିଥିଲେ ରାୟଗଡା ଜିଲ୍ଲା ଆଜି ସାରା ରାଜ୍ୟ ପାଇଁ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଦାହରଣ ପାଲଟିଛି। ଏହି ଜିଲ୍ଲାରେ ୧୨,୭୮୩ଟି ଏସ୍ଏଚ୍‌ଜି ଜରିଆରେ ୧.୫୨ ଲକ୍ଷରୁ ଅଧିକ ମା’ ଓ ଭଉଣୀମାନେ ସଂଗଠିତ ହୋଇ ନିଜପାଇଁ ସୁନ୍ଦର ଭବିଷ୍ୟତ ଗଢୁଛନ୍ତି। ପୂର୍ବରୁ ଯେଉଁଠି ସୁଯୋଗର ଅଭାବ ଥିଲା, ମହିଳା ମାନଙ୍କ ସକ୍ରିୟ ଯୋଗଦାନ ଫଳରେ ଆଜି ସେଠି ସମ୍ଭାବନାର ନୂଆ ଦ୍ୱାର ଖୋଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଇଁ (ପୃଷ୍ଠା ୭ରେ)




## ଭୁବନେଶ୍ୱରରେ ପହଞ୍ଚିଲେ ମହାମହିମ ରାଷ୍ଟ୍ରପତି

ଭୁବନେଶ୍ୱର, ୨।୨

ନ୍ୟୁଜ୍ ବ୍ୟୁରୋ

ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ ଦିନିଆ ଓଡିଶା ଗସ୍ତରେ ଆସି ସୋମବାର ଭୁବନେଶ୍ୱର ପହଞ୍ଚିଛନ୍ତି। ସେ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ବିମାନବନ୍ଦର ଠାରେ ଓଡିଶାର ରାଜ୍ୟପାଳ ଡା. ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ୱାଇ ଖୁରାନିଆ, ପୋଲିସ୍ କମିଶନର ଏସ. ଦେବଦତ୍ତ ସିଂଙ୍କ ସମେତ ବରିଷ୍ଠ ଅଧିକାରୀମାନେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ଏହାପରେ ରାଷ୍ଟ୍ରପତି ସିଧାସଳଖ ଲୋକଭବନ ଅଭିମୁଖେ ପ୍ରସ୍ଥାନ କରିଥିଲେ, ଯେଉଁଠାରେ ସେ ରାତ୍ରି ବିଶ୍ରାମ କରିବାର କାର୍ଯ୍ୟକ୍ରମ ରହିଛି ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କର ଏହି ୬ ଦିନିଆ ଗସ୍ତକାଳରେ ଯାଜପୁର, ବାଲେଶ୍ୱର, ପୁରୀ, ଖୋର୍ଦ୍ଧା ଏବଂ ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

ମଙ୍ଗଳବାର ରାଷ୍ଟ୍ରପତି ଯାଜପୁର ଗସ୍ତରେ ଯାଇ ସେଠାରେ ଅଧିଷ୍ଠାତ୍ରୀ ଦେବୀ ମାଆ ବିରଜା ମନ୍ଦିରରେ ଦର୍ଶନ-ପୂଜା କରିବେ। ସେଠାରେ (ପୃଷ୍ଠା ୭ରେ)



## ଆଜିର ମୁଖ୍ୟ ଖବର

- ସିବିଆଇର ପ୍ରମୁଖ ଅନ୍ତର୍ଜାତୀୟ ଅପରେସନ 'ଅପରେସନ୍ ସିଷ୍ଟ୍ରାଇକ୍': ୩୫ଟି ସ୍ଥାନରେ ଚଢଉ, ଜଣେ ଗିରଫ।
- ଆତଙ୍କବାଦ ସହିତ ଯୋଡ଼ିଥିବା ଫାଇନେନ୍ସିଂ ଏବଂ ସପୋର୍ଟ ନେଟୱର୍କ ଯାଞ୍ଚରେ ଏନ୍ଆଇଏର ଚଢ଼ଉ।
- ଫେବୃୟାରୀ ୪ଯାଏ ଆମେରିକା ଗସ୍ତରେ ବୈଦେଶିକ ମନ୍ତ୍ରୀ ଡ.ଜୟଶଙ୍କର।
- କଶ୍ମୀରରେ ୪.୭ ତୀବ୍ରତାର ଭୂମିକମ୍ପ

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୩୧୭ (-୭୪୧)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୪୦ (-୬୮୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୮୮ (-୫୫୬)

## ରୁପା ଦର

ରୂପା – ପ୍ରତି ଗ୍ରାମ ୩୦୦ (-୨୦)

## ଏକାଳ ପଖାଳ



ଏୟାଡେ ଦେଖ ସେୟାଡେ ଦେଖ
ଚାରିଆଡେ ଖାଲି ରେଳ
କେନ୍ଦ୍ର ଏତେ ଦେଲା ଯେ ଜନେ
ଭାବିବାକୁ ନାହିଁ ବେଳ
ଏଥିରେ ଯେ ନାହିଁ ଛଳ
ବିରୋଧୀ ଭାବନ୍ତି କରିବେ କେମିତି
ସଜ ଅଣ୍ଡାଟାକୁ ଝୋଳ।

## ରେଳ ଭିତ୍ତିଭୂମି ବିକାଶ ପାଇଁ ଓଡ଼ିଶାକୁ ୧୦,୯୨୮ କୋଟିର ଅନୁଦାନ

ଭୁବନେଶ୍ୱର, ୨।୨ : ନ୍ୟୁଜ୍ ବ୍ୟୁରୋ

୨୦୨୬-୨୭ କେନ୍ଦ୍ରୀୟ ବଜେଟରେ ଓଡିଶା ରେଳ ଭିତ୍ତିଭୂମିର ବିକାଶ ପାଇଁ ଐତିହାସିକ ପ୍ରୋତ୍ସାହନ ରାଶି ପାଇଛି, ଯାହା ପୂର୍ବ ଭାରତରେ ରେଳ ପରିଚାଳିତ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଓଡିଶା ପାଇଁ ବାର୍ଷିକ ହାରାହାରି ରେଳ ବଜେଟ ଆବଣ୍ଟନ ୨୦୦୯-୧୪ (ପୃଷ୍ଠା ୭ରେ)



## ଓଡ଼ିଶା ପାଇଁ ରେକର୍ଡ ବ୍ୟୟ ବରାଦ କରିଥିବାରୁ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୨

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ରେଳ ଭିତ୍ତିଭୂମିର କାୟାକଳ୍ପ ପାଇଁ ଚଳିତ ବଜେଟ୍‌ରେ ରେକର୍ଡ ୧୦,୯୨୮ କୋଟି ଟଙ୍କା ବରାଦ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶାର ପ୍ରଗତି ପ୍ରତି କେନ୍ଦ୍ର ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ 'ସମୃଦ୍ଧ ଓଡ଼ିଶା' ଗଠନ ସଂକଳ୍ପକୁ ଆହୁରି ସୁଦୃଢ଼ କରିଛି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୬୫୯ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ଗତ ୧୧ ବର୍ଷ ମଧ୍ୟରେ ୨,୨୦୦ କିଲୋମିଟର ନୂତନ ରେଳ ଲାଇନ ସ୍ଥାପିତ ହେବା ଆମ ବିକାଶ ଯାତ୍ରାର ଏକ ଗୌରବମୟ (ପୃଷ୍ଠା ୭ରେ)

## ମିଶନ ଶକ୍ତି ପାଇବ ନୂଆ ରୂପ

## ଅପ୍ରେଲ ପହିଲାରୁ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ୟୁନିଫର୍ମ ଓ ଆଇକାର୍ଡ



ଭୁବନେଶ୍ୱର, ୨।୨ : ନ୍ୟୁଜ୍ ବ୍ୟୁରୋ

ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ଓଡିଶାର ସାମଗ୍ରିକ ବିକାଶର ମୁଖ୍ୟ ଆଧାର। ଏହି ଲକ୍ଷ୍ୟକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ କରି ମହିଳାମାନଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି। ସୋମବାର ମିଶନ ଶକ୍ତି ଭବନ, ଭୁବନେଶ୍ୱର ଠାରେ "ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ" କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, 'ମହିଳାଙ୍କୁ ସ୍ୱାବଲମ୍ବୀ (ପୃଷ୍ଠା ୭ରେ)

## ଲୋକସେବା ଭବନର ୧୦ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୨।୨ : ନ୍ୟୁଜ୍ ବ୍ୟୁରୋ

ଲୋକସେବା ଭବନର ୧୦ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ଅର୍ଥ ବିଭାଗ । ଅର୍ଥ ବିଭାଗର ୧୦ ଜଣ ଅଧିକାରୀ ବାରମ୍ବାର ବଦଳି ପରେ ବି ପଦ ଛାଡୁ ନ ଥିବାରୁ ବିଭାଗ ପକ୍ଷରୁ ନୋଟିସ୍ ଜାରି ହୋଇଛି। ୭ ଦିନ ମଧ୍ୟରେ ବଦଳି ସ୍ଥାନରେ ଯୋଗ ନ ଦେଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସ୍ ରେ ଉଲ୍ଲେଖ କରାଯାଇଛି। ୨୦୨୫ (ପୃଷ୍ଠା ୭ରେ)

## ରାହୁଲଙ୍କ ଭାଷଣକୁ ନେଇ ହଙ୍ଗାମା ଲୋକସଭା ଦିନକ ପାଇଁ ମୁଲତବୀ

ନୂଆଦିଲ୍ଲୀ, ୨।୨

ସୋମବାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଲୋକସଭାରେ ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱାଣେଙ୍କ ଅପ୍ରକାଶିତ ପୁସ୍ତକ ଉପରେ ଏକ ପତ୍ରିକା ଲେଖା ଉଠାଇବାକୁ ଚେଷ୍ଟା କରିଥିଲେ। ଶାସକ ଦଳର ବିରୋଧ ଏବଂ ବାଚସ୍ପତିଙ୍କ ରୁଲିଂ ସତ୍ତ୍ୱେ, ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗକୁ ବାରମ୍ବାର ଉଠାଇବା ଫଳରେ ଦୁଇଥର ମୁଲତବୀ ଏବଂ ପରବର୍ତ୍ତୀ ସମୟରେ ଦିନକ ପାଇଁ ମୁଲତବୀ କରାଯାଇଥିଲା। ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସଂକ୍ରାନ୍ତ ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୂର୍ବ ଲଦାଖ ସୀମାରେ ଭାରତ (ପୃଷ୍ଠା ୭ରେ)

## ହେବ ତୃତୀୟ ବିଶ୍ୱ ଯୁଦ୍ଧ !



ନୂଆଦିଲ୍ଲୀ, ୨।୨

୨୦୨୬ ମସିହାର ପ୍ରଥମ ମାସରେ, ବିଶ୍ୱର ଅଧିକାଂଶ ସ୍ଥାନରେ ଉତ୍ତେଜନା ଦେଖାଦେଇଛି। ଇରାନ ଉପରେ ଆମେରିକାର ସମ୍ଭାବ୍ୟ ଆକ୍ରମଣର ଭୟ ସମଗ୍ର ପଶ୍ଚିମ ଏସିଆରେ ଘୁରି ବୁଲୁଛି। ଏହି ସମୟରେ ଗ୍ରୀନଲ୍ୟାଣ୍ଡକୁ ମିଶାଇବା ପାଇଁ ଆମେରିକାର ଯୋଜନା ୟୁରୋପରେ ଚିନ୍ତାକୁ ବୃଦ୍ଧି କରିଛି। ଋଷିଆ-ୟୁକ୍ରେନ ଯୁଦ୍ଧ ଜାରି ରହିଛି ଏବଂ ଏସିଆରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଜାରି ରହିଛି। ଏସବୁ ଏପରି ସମୟରେ ଘଟୁଛି ଯେତେବେଳେ ନିୟମ-ଭିତ୍ତିକ ଅନ୍ତର୍ଜାତୀୟ କ୍ରମ ଭାଙ୍ଗି ପଡୁଥିବା ପରି ମନେ ହେଉଛି। ଫଳସ୍ୱରୂପ, ୨୦୨୬ ମସିହାରେ ତୃତୀୟ ବିଶ୍ୱଯୁଦ୍ଧ ପରି ଏକ ବିପର୍ଯ୍ୟୟ ପରିସ୍ଥିତିର ସମ୍ଭାବନା ବଢୁଛି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ବିଶ୍ୱରେ ଅତି କମରେ ପାଞ୍ଚଟି ପ୍ରମୁଖ ଫ୍ଲାସପଏଣ୍ଟ ଅଛି ଯାହା ୨୦୨୬ ମସିହାରେ ଏକ ବଡ଼ ବିଶ୍ୱ ସଂଘର୍ଷ ସୃଷ୍ଟି କରିପାରେ। (ପୃଷ୍ଠା ୭ରେ)




32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୩ ଫେବୃୟାରୀ, ୨୦୨୬ ମଙ୍ଗଳବାର





# ବ୍ୟାସନଗର ମହାବିଦ୍ୟାଳୟର ବିକାଶ ପାଇଁ ବିଧାୟକଙ୍କ ସହାୟତା

**ବ୍ୟାସନଗର,ନ୍ୟୁଜ ବ୍ୟୁରୋ**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହର ସହ ପାଳିତ ହୋଇଯାଇଛି। କୋରାଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ର ଉନ୍ନତି ପାଇଁ ବିଧାୟକ ୧୫ କୋଟି ଟଙ୍କାର ବିଜ୍ଞାନ ଗୃହ, ଦେଢ଼ କୋଟି ଟଙ୍କା ର ସମ୍ମିଳନୀ କକ୍ଷ ର ଉନ୍ନତିକରଣ, ପାଠାଗାର ପାଇଁ ୪ କୋଟି, ବାଳିକା କମନ ରୁମ ପୁନଃ ନିର୍ମାଣ ତଥା ଫେବୃଆରୀ ମାସରେ ଇଣ୍ଡୋର ଷ୍ଟାଡିଅମ ଖୋଲାଯିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହି ଅବସରରେ ସିନେ ତାରକା ସୁଶ୍ରୀ ସୂର୍ଯ୍ୟମୟୀ ମହାପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଛାତ୍ର



ଛାତ୍ରୀମାନଙ୍କ ଉତ୍ତୋରତ୍ତର କାମନା କରିଥିଲେ। ଅଧ୍ୟକ୍ଷ ଶରତ କୁମାର ମଲ୍ଲିକଙ୍କ ସଭାପତିତ୍ୱ ରେ ସଭା କାର୍ଯ୍ୟ ପରିଚାଳନା କରାଯାଇଥିଲା। ଅଧ୍ୟାପକ ବଜ୍ରବନ୍ଧୁ ମିଶ୍ରଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ଉତ୍ସବର ସଂଯୋଜକ ସନ୍ତୋଷ କୁମାର ରଥଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ସଭା ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ପରିଶେଷରେ ପ୍ରଶାସନିକ ଅଧିକାରୀ ପ୍ରଭାତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ କୁ ଅଧ୍ୟାପକ ରଞ୍ଜନ କୁମାର ସାହୁ, ଦିଲୀପ କୁମାର ବେହେରା, ଗୋଲକ କୁମାର ମହାକୁଡ଼. ଅଜୟ କୁମାର ପଣ୍ଡା, ଜୀବନ ବନ୍ଧୁ ଦାସ, ପ୍ରମୋଦିନୀ ତରାଇ, ହରପ୍ରିୟା ନାୟକ, ଭାଗ୍ୟଲକ୍ଷ୍ମୀ ଦାସ, ରାଧିକା ରଞ୍ଜନ କାନୁନଗୋ, ଦାମୋଦର ରାଉତଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କ୍ରୀଡ଼ା ଶିକ୍ଷକ ନିରଞ୍ଜନ ପୃଷ୍ଟି ଓ ଅଣଶିକ୍ଷକ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ସମାପନ କରାଯାଇଥିଲା।

# ବିନା ଅତିଥିରେ ଉଦ୍‌ଘାଟିତ ହେଲା ବ୍ୟାସସରୋବର ମହୋତ୍ସବ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପରିଷଦ ଠାରେ ଥିବା ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ମହୋତ୍ସବ ବିନା ଅତିଥିରେ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବକୁ ଉଦଘାଟନ କରିବାପାଇଁ ପୌର ପରିଷଦ ପକ୍ଷରୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ମହାନ୍ତି ଓ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେବାକୁ ନିମନ୍ତ୍ରଣ ପତ୍ରରେ ନାମ ଉଲ୍ଲେଖ ଥିବାବେଳେ ପରିଶେଷରେ କେହିଜଣେ ପ୍ରଶାସନିକ ଅଧିକାରୀ ଯୋଗଦେଇନଥିଲେ । ବୋହୁ ବିଳମ୍ବରେ ବ୍ୟାସନଗର ପୌର ପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ବଳ ପାରିଷଦ ମାନଙ୍କୁ ନେଇ ଉତ୍ସବକୁ ଉଦଘାଟନ କରିଥିଲେ । ମହୋତ୍ସବକୁ ଉଦଘାଟନ କରି ରାଜ୍ୟ ସରକାର ବ୍ୟାସ ସରୋବରକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେଇଛନ୍ତି । ଏହି ପୀଠର ବର୍ଣ୍ଣନା ମହାଭାରତରେ ରହିଛି । ଏହି ପୀଠରେ



ବ୍ୟାସଦେବ ମହାଭାରତ ଶେଷପର୍ବ ଲେଖିଥିବା ପୁରାଣରେ ବର୍ଣ୍ଣିତ ଅଛି । ଏହି ମହୋତ୍ସବକୁ ପୌର ପରିଷଦ ସହରବାସୀଙ୍କ ଟିକସ ଓ ନିଜସ୍ୱ ପାଣ୍ଠିରେ ଅନୁଷ୍ଠିତ ହେଉଛି । ଏଥିରେ କୌଣସି ସରକାରୀ ବେସରକାରୀ କିମ୍ବା କଳିଙ୍ଗନଗର ଶିଳ୍ପ ସଂସ୍ଥା ଗୁଡିକର କୌଣସି ଅବଦାନ ନାହିଁ । ବ୍ୟାସନଗର ମାଟି ସ୍ୱାଭିମାନର ମାଟି ଏହି ବ୍ୟାସ ମହୋତ୍ସବ ସହରବାସୀଙ୍କ ସମ୍ମାନ ଓ ସ୍ୱାଭିମାନର ପ୍ରଶ୍ନ ।ସଫଳ କରିବା ପାଇଁ ସହରବାସୀ ସହଯୋଗର ହାତ ବଢ଼ାଇବାକୁ ପୌରାଧକ୍ଷ ନିବେଦନ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ପାରିଷଦ ବିଜୟ କୁମାର ଜେନା, ସିଦ୍ଧାର୍ଥ ସାମଲ, ପାର୍ଥ ସାରଥି ନାୟକ, ସନ୍ତୋଷ ବରାଳ, ଶିବାନନ୍ଦ ନାୟକ, ଅଶୋକ ଦାସ, କୁମୁଦିନୀ ରାଉତ,ଉର୍ମିଳା ପରିଡା, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡା, କୁନି ହାଁସଦା, ସରିତା ଜେନା, ବୁଦୁନୀ ଦରାଇ, ଅନ୍ନପୂର୍ଣ୍ଣା ତରାଇ, ରଶ୍ମିତା ଖୁଣ୍ଟିଆ, ରବୀନ୍ଦ୍ର ରାଉତ, ଦିଲ୍ଲୀପ ସେଠି ପ୍ରମୁଖଯୋଗଦେଇଥିଲେ । ବ୍ୟାସ ମାରାଥନରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ବ୍ୟାସଶ୍ରୀ କଳାନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମାନସୀ ପଣ୍ଡା ଓ ବାଇଧର ମାଝୀ ମଞ୍ଚ ପରିଚାଳନା କରିଥିଲେ। ତେଣୁ ଦୀର୍ଘ ୧୧ ଦିନଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ଫିକା ପଡିଥିଲା ଦର୍ଶକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଚେୟାର ଗୁଡିକ ଫାଙ୍କା ପଡିଥିଲା । ୬୦ ରୁ ଉର୍ଦ୍ଧ ଷ୍ଟଲ ଖୋଲା ଯାଇଥିଲେ ମଧ୍ୟ ଷ୍ଟଲ ଗୁଡିକ ବ୍ୟାସଦେବ ରାଗୁଜି ଗୋସାଇଁଙ୍କ ମନ୍ଦିରରେ ରଂଗ ଦିଆ ଯାଇନାହିଁ। ନିକଟରେ ଗୁପ୍ତଗଙ୍ଗା ପରିଷ୍କାର କରାଯାଇ ନାହିଁ। ପବିତ୍ର ଗୁପ୍ତ ଗଂଗାରେ ମାଛ ଗୁଡିକ ମରିଯିବା ଫଳରେ ପାଣିରୁ ଦୁର୍ଗନ୍ଧ ବାହାରୁଛି । ନାନା ଅବ୍ୟବସ୍ଥା ସରୋବର ମେଳା ଚାଲିଛି। ଶାସକ ଦଳ ଚାପରେ ଅତିଥିମାନେ ଆସିଲେ ନାହିଁ ବୋଲି କୁହା ଯାଉଛି । ମେଳାର ପରମ୍ପରା ମା ମାଟି ସମ୍ମାନ ନାରାଦେଇ ବିଜୟ ହାସଲ କରିଥିବା ନେତା ବ୍ୟାସନଗର ମେଳା ପ୍ରତି ଅହିଷ୍ଣୁ ଭାବ କାହିଁକି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମା ମାଟିର ସମ୍ମାନ ଓ ସ୍ୱାଭିମାନ ନେତାଙ୍କର କୁଆଡେ ଗଲା ତାହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି ।

# ବିଶ୍ୱ କଲ୍ୟାଣାର୍ଥେ ପୂଜନୋତ୍ସବ



**ବରଗଡ, ନ୍ୟୁଜ ବ୍ୟୁରୋ**

ପଣ୍ଡିତ ମାନଙ୍କ ଦ୍ୱାରା ଗତ ଜୁନ ୨୦୨୩ ରୁ ବିଶ୍ୱ କଲ୍ୟାଣ ପାଇଁ ପ୍ରତିମାସରେ ଗୋଟିଏ ଦିନ ଭଟଲି ରୋଡ଼ ସ୍ଥିତ ସାର କାରଖାନାରେ ଥିବା ଶ୍ରୀ ଶ୍ରୀ ଗଣେଶ ମନ୍ଦିର ଠାରେ ୩୩ ବର୍ଷ ହୋଇ ଆସୁଥିବା ୩୩ ତମ ସାମୁହିକ ପୂଜନ କାର୍ଯ୍ୟକ୍ରମ ଆଜି ୩୧.୦୧.୨୦୨୬ ଶନିବାର ଦିନ ରାମ ଭକ୍ତ ହନୁମାନଙ୍କ ସ୍ମରଣ, ପୂଜନ, ଚାଳିଶା ପାଠ, ସଙ୍କଟମୋଚନ ହନୁମାନାଷ୍ଟକଂ ପାଠ ଓ ଆରତୀ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପଣ୍ଡିତ ସର୍ବଶ୍ରୀ ଲିଙ୍ଗରାଜ ଦାଶ, ସୁଶାନ୍ତ ଦେବତା, ପଞ୍ଚାନନ ପଣ୍ଡା, ଗୌର ଚନ୍ଦ୍ର ପାଣିଗ୍ରାହୀ, ଜନ୍ମେଶ୍ୱର ଦାଶ, ନାରାୟଣ ଦାଶ ଓ ଆଶୁତୋଷ ପାଣିଗ୍ରାହୀ ଆଦି ପଣ୍ଡିତ ମଣ୍ଡଳୀ ଉପସ୍ଥିତ ରହି ବିଶ୍ୱ ଶାନ୍ତି ପାଇଁ ପୂଜା କାର୍ଯ୍ୟ କରିଥିଲେ । ଶେଷରେ ସମସ୍ତଙ୍କ ସହଯୋଗରେ ପ୍ରସାଦ ବିତରଣ କରାଯାଇଥିଲା ।

# ଶିଶୁ ସୁରକ୍ଷାକୁ ସୁଦୃଢ କରିବା ପାଇଁ ପଦକ୍ଷେପ

**ବରଗଡ, ନ୍ୟୁଜ ବ୍ୟୁରୋ**

ଶିଶୁ ହେଲ୍ପଲାଇନ୍, ବରଗଡ଼ ପକ୍ଷରୁ ଭେଡେନ ବ୍ଲକର ଶିଶୁ ସହାୟତା ଗୋଷ୍ଠୀ ସଦସ୍ୟମାନଙ୍କ ପାଇଁ ଏକଦିନିଆ ପ୍ରଶିକ୍ଷଣ ତଥା କ୍ଷମତା ବିକାଶ କାର୍ଯ୍ୟକ୍ରମ ସଫଳତାର ସହିତ ୩୦.୦୧.୨୦୨୬ ତାରିଖରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ଶିଶୁ ହେଲ୍ପଲାଇନ୍ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବରଗଡ଼ଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା।

ଶିଶୁ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଶିଶୁ ସହାୟତା ଗୋଷ୍ଠୀ ସଦସ୍ୟମାନଙ୍କର ଜ୍ଞାନ, କୌଶଳ ଏବଂ ଭୂମିକାକୁ ସୁଦୃଢ଼ କରିବା ହେଉଛି ଏହି ତାଲିମର ମୂଳ ଲକ୍ଷ୍ୟ କ୍ଷପ୍ରଶିକ୍ଷଣ ସମୟରେ ଶିଶୁ ଅଧିକାର, ଶିଶୁ ସୁରକ୍ଷା ବ୍ୟବସ୍ଥା, ମାମଲା ରିପୋର୍ଟିଂ ପ୍ରକ୍ରିୟା ଓ କେସ୍ ପରିଚାଳନା ସମ୍ପର୍କରେ ସଚେତନତା ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ସହିତ ସମୁଦାୟ ଆଧାରିତ ଗୋଷ୍ଠୀମାନଙ୍କର ଶିଶୁ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ପ୍ରାରମ୍ଭିକ ପରିଚୟ ଏବଂ ସମୟୋଚିତ ହସ୍ତକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଲଫୋନା ଟେଟେ, ସିଡିପିଓ,



ଭେଡେନ, ସୁରେନ୍ଦ୍ର ଦାଶ ଓ ବବିତା ରାଉତ, ସମାଜକର୍ମୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ; ଏବଂ ସଞ୍ଜୟ ସତପଥୀ, ପ୍ରକଳ୍ପ ସାଂଯୋଜକ, ଶିଶୁ ସହାୟତା, ବରଗଡ଼ ତାଙ୍କର ମୂଲ୍ୟବାନ ମତାମତ ଓ ଅଭିଜ୍ଞତା ପ୍ରଦାନ କରିଥିଲେ। ପ୍ରଶିକ୍ଷ୍ୟକଗଣ ବିଭାଗୀୟ ସମନ୍ୱୟ, କାର୍ଯ୍ୟକାରୀ ରିପୋର୍ଟିଂ ବ୍ୟବସ୍ଥା ଏବଂ ଶିଶୁମାନଙ୍କ ସୁରକ୍ଷା, ସଂରକ୍ଷଣ ଓ କଲ୍ୟାଣ ପାଇଁ ତ୍ୱରିତ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିଶୁ କଲ୍ୟାଣ ସମିତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ସହାୟତା, ଆଇସିଡିଏସ ଏବଂ ସମୁଦାୟ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ସହଯୋଗ ସୁଦୃଢ଼ କରି ଗ୍ରାମୀଣ ସ୍ତରରେ ଏକ ଶକ୍ତିଶାଳୀ ଶିଶୁ ସୁରକ୍ଷା ବ୍ୟବସ୍ଥା କରାଯାଇପାରିବ । ଏହି ତାଲିମରେ ପିଏଚଇଓ, ଭେଡେନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଭେଡେନ ବ୍ଲକର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଗଣ, ଅଙ୍ଗନୱାଡି କର୍ମୀଗଣ ତଥା ପୋଲିସ, ସେକଟର ସୁପରଭାଇଜର ଆଦି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଶିଶୁ ସହାୟତାର କେଶ ୱ୍ୱାରକେର ତପସ୍ୱିନୀ ମଲ୍ଲିକ ସହଯୋଗ କରିଥିଲେ ।

# ଡିଭାଇନ୍ ଗ୍ରୁପର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବାରିପଦା, ନ୍ୟୁଜ ବ୍ୟୁରୋ**

ବାରିପଦା ସହରର ଉପକଣ୍ଠରେ ଅବସ୍ଥିତ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲଜିରେ ଜାନୁଆରୀ ୩୧ ତାରିଖରେ ଜାତୀୟ ସଡକ ସୁରକ୍ଷା ମାସ ଜିଲ୍ଲାର ସଡକ ଓ ପରିବହନ ବିଭାଗ ଏବଂ ଡିଭାଇନ୍ ର ମିଳିତ ଉଦ୍ୟମରେ ଏକ ସଡକ ସୁରକ୍ଷା



ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଦିବସରେ ଡିଭାଇନ୍ ଗ୍ରୁପର ଛାତ୍ର-ଛାତ୍ରୀ ମାନଙ୍କ ଦ୍ୱାରା ରାସ୍ତାରେ ଯାଉଥିବା ସମସ୍ତ ଚାଳକଙ୍କୁ ଫୁଲ ଓ ଚକୋଲେଟ୍ ବଣ୍ଟନ କରିବା ସହ ସଡକ ସୁରକ୍ଷା ସଚେତନତା ରାଲି କରଯାଇ ଟ୍ରାଫିକ୍ ନିୟମରେ ଆସିଥିବା ପରିବର୍ତ୍ତନ, ସାମାଜିକ ଜ୍ଞାନ ତଥା ରାସ୍ତାର ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ନିୟମ ନ ମାନିଲେ କିପରି ଦଣ୍ଡ ବିଧାନ ରହିଛି ଏବଂ ପରିବାର ଓ ସମାଜର ଯେଉଁ ସବୁ ପ୍ରଭୂତ କ୍ଷତି ହୋଇଥାଏ ସେ ସମ୍ପର୍କରେ ଅବଗତ କରଯାଇଥିଲା । ଜିଲ୍ଲାର ସଡକ ଓ ପରିବହନ ବିଭାଗର ଏମଭିଆଇ ସାଲଖୁ ମୁର୍ମୁ ଓ ଡିଭାଇନ୍‌ର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇଙ୍କ ତତ୍ତ୍ୱାବଧାନରେ ସଂପାଦିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡିଭାଇନ୍‌ର ନର୍ସିଙ୍ଗ, ଡିପ୍ଲୋମା ଓ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀର ସମସ୍ତ ଛାତ୍ର-ଛାତ୍ରୀ ଉପସ୍ଥିତ ରହିବା ସଙ୍ଗେ ସଙ୍ଗେ ଡିଭାଇନ୍‌ର ଅଧ୍ୟାପକ-ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

# କୁଞ୍ଜବିହାରୀ ସରକାରୀ ମହାବିଦ୍ୟାଳୟରେ ବିଦାୟକାଳୀନ ସଭା

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**




କୁଞ୍ଜବିହାରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଉଦ୍ଭିଦ ବିଜ୍ଞାନର ପ୍ରାଧ୍ୟାପିକା ଏବଂ ବିଭାଗୀୟ ମୁଖ୍ୟ ଡକ୍ଟର ଦୀପ୍ତିମୟୀ ସାମଲଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଷ୍ଟାଫ ଆସୋସିଏସନର ସେକ୍ରେଟାରୀ ପ୍ରକାଶ କୁମାର ପରିଡା ଓ କୋଷାଧ୍ୟକ୍ଷ ଦେବପ୍ରକାଶ ପାତ୍ରଙ୍କର ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପୌରହିତ୍ୟ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଶେଖ୍ ନୈମୁଦ୍ଦିନ୍ ଓ ସଂଯୋଜନା କରିଥିଲେ ଉପଦେଷ୍ଟା ପ୍ରାଧ୍ୟାପକ ଅନୀଲ କୁମାର ପାଢୀ। ଡକ୍ଟର ସାମଲଙ୍କ ଦୀର୍ଘ ଏକ ଦଶନ୍ଧି, ଯାହା ସେ ଏହି ମହାବିଦ୍ୟାଳୟରେ କଟେଇ ଦେଇଛନ୍ତି। ସେ ବିଷୟରେ ସ୍ମୃତିଚାରଣ କରିଥିଲେ ପ୍ରାଧ୍ୟାପକ ସୁରେନ୍ଦ୍ର ସାହୁ, ସନ୍ତୋଷ କୁମାର ମିଶ୍ର, ଡକ୍ଟର ଜୟଶ୍ରୀ ନନ୍ଦ, ଡକ୍ଟର ସୁସ୍ମିତା ତ୍ରିପାଠୀ, ପ୍ରଶାନ୍ତ ବିଶ୍ୱାଳ, ସୁକାନ୍ତ ରାଉତ, ରୋଜାଲିନ୍ ଦେବୀ, ଇତ୍ୟାଦି। ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଉତ୍ସବ ଆୟୋଜନରେ ସହାୟତା ପ୍ରଦାନ କରିଥିଲେ ଅଧ୍ୟାପକ ମାନସ ପାତ୍ର, ସୁକାନ୍ତ ରାଉତ, ମାନସ ଦାଶମିଶ୍ର, ଶ୍ରୀକାନ୍ତ ସାହୁ ପ୍ରମୁଖ। ଶେଷରେ ଡକ୍ଟର ଦୀପ୍ତିମୟୀ ସାମଲଙ୍କ ଭାବପ୍ରବଣତାରେ ଭରପୂର ଉଦବୋଧନ ସମବେତ କର୍ମଚାରୀ ଓ ଛାତ୍ରଛାତ୍ରୀଂକୁ ମନ୍ତ୍ରମୁଗ୍ଧ କରିଥିଲା।

# ସହିଦମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଶହୀଦ ଦିବସ ଗମ୍ଭୀରତାର ସହ ପାଳନ କରାଯାଇଛି। ଠିକ୍ ସକାଳ ୧୧ଟା ସମୟରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ମହୋଦୟ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂଙ୍କ ସହ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦଣ୍ଡାୟମାନ ହୋଇ ଶହୀଦମାନଙ୍କ ସ୍ମୃତିରେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ନିରବ ପ୍ରାର୍ଥନା ପୂର୍ବରୁ ଜିଲ୍ଲାପାଳ ମହୋଦୟ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସାଇରନ ବାଜିବା ସହ ନିରବ ପ୍ରାର୍ଥନା ଆରମ୍ଭ ହୋଇଥିଲା ଏବଂ ନିରବ ପ୍ରାର୍ଥନା ସମାପ୍ତି ପରେ ପୁଣି ଥରେ ସାଇରନ ବାଜିଥିଲା। ଏହି ଅବସରରେ ଜିଲ୍ଲାପାଳ ମହୋଦୟ ଦେଶ ଓ ଜାତି ଉଦ୍ଦେଶ୍ୟରେ ବଳିଦାନ ଦେଇଥିବା ସମସ୍ତ ବରପୁତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସାଇରନ ବାଜାଇବା ପାଇଁ ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିୟୋଜିତ ଥିଲେ।

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

**ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ**

ସୋନପୁର ବ୍ଲକ ହରଡଖୋଲ କ୍ଲଷ୍ଟରସ୍ତରୀୟ ତ୍ରିଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରଶ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଗତ ୨୭ରୁ ୨୯ତାରିଖ ପର୍ଯ୍ୟନ୍ତ ହରଡ଼ଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କୁଲିପାଲି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଶିକ୍ଷକ ତଥା ଡିଆରଜି ଘନଶ୍ୟାମ ମିଶ୍ର କିଭଳି ସ୍ୱଳ୍ପ ତଥା ବିନା ମୂଲ୍ୟରେ ଛାତ୍ରଛାତ୍ରୀଙ୍କ ପାଇଁ ଅନେକ ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିହେବ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅନେକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ।

# ଶିଶୁ ସହାୟତା ଗୋଷ୍ଠୀ ସଦସ୍ୟାଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ବରଗଡ଼, ନ୍ୟୁଜ ବ୍ୟୁରୋ**

ଶିଶୁ ହେଲ୍ପଲାଇନ୍, ବରଗଡ଼ ପକ୍ଷରୁ ଅମ୍ବାଭୋନା ବ୍ଲକର ଶିଶୁ ସହାୟତା ଗୋଷ୍ଠୀ ସଦସ୍ୟମାନଙ୍କ ପାଇଁ ଏକଦିନିଆ ପ୍ରଶିକ୍ଷଣ ତଥା କ୍ଷମତା ବିକାଶ କାର୍ଯ୍ୟକ୍ରମ ସଫଳତାର ସହିତ ୨୯.୦୧.୨୦୨୬ ତାରିଖରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ଶିଶୁ ହେଲ୍ପଲାଇନ୍ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବରଗଡ଼ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଶିଶୁ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଶିଶୁ ସହାୟତା ଗୋଷ୍ଠୀ ସଦସ୍ୟମାନଙ୍କର ଜ୍ଞାନ, କୌଶଳ ଏବଂ ଭୂମିକାକୁ ସୁଦୃଢ଼ କରିବା ହେଉଛି ଏହି ତାଲିମର ମୂଳ ଲକ୍ଷ୍ୟ କ୍ଷପ୍ରଶିକ୍ଷଣ ସମୟରେ ଶିଶୁ ଅଧିକାର, ଶିଶୁ ସୁରକ୍ଷା ବ୍ୟବସ୍ଥା, ମାମଲା ରିପୋର୍ଟିଂ ପ୍ରକ୍ରିୟା ଓ କେସ୍ ପରିଚାଳନା ସମ୍ପର୍କରେ ସଚେତନତା ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ସହିତ ସମୁଦାୟ ଆଧାରିତ ଗୋଷ୍ଠୀମାନଙ୍କର ଶିଶୁ




ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ପ୍ରାରମ୍ଭିକ ପରିଚୟ ଏବଂ ସମୟୋଚିତ ହସ୍ତକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାଧନ ବ୍ୟକ୍ତିମାନେ ଯଥା ପ୍ରୟାଶ ଦାଶ, ଅଧ୍ୟକ୍ଷ, ଶିଶୁ କଲ୍ୟାଣ ସମିତି ମାଳତୀ ନାୟକ, ଉଉଚଡ, ଅମ୍ବାଭୋନା ଅଭୟ ପାଣ୍ଡା, ସମାଜସେବୀ, ଅମ୍ବାଭୋନା, ସୁରେନ୍ଦ୍ର ଦାଶ, ସମାଜକର୍ମୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ସଞ୍ଜୟ ସତପଥୀ, ପ୍ରକଳ୍ପ ସାଂଯୋଜକ, ଶିଶୁ ସହାୟତା, ବରଗଡ଼ ତାଙ୍କର ମୂଲ୍ୟବାନ ମତାମତ ଓ ଅଭିଜ୍ଞତା ପ୍ରଦାନ କରିଥିଲେ। ପ୍ରଶିକ୍ଷ୍ୟକଗଣ ବିଭାଗୀୟ ସମନ୍ୱୟ, କାର୍ଯ୍ୟକାରୀ ରିପୋର୍ଟିଂ ବ୍ୟବସ୍ଥା ଏବଂ ଶିଶୁମାନଙ୍କ ସୁରକ୍ଷା, ସଂରକ୍ଷଣ ଓ କଲ୍ୟାଣ ପାଇଁ ତ୍ୱରିତ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିଶୁ କଲ୍ୟାଣ ସମିତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ସହାୟତା, ଆଇସିଡିଏସ ଏବଂ ସମୁଦାୟ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ସହଯୋଗ ସୁଦୃଢ଼ କରି ଗ୍ରାମୀଣ ସ୍ତରରେ ଏକ ଶକ୍ତିଶାଳୀ ଶିଶୁ ସୁରକ୍ଷା ବ୍ୟବସ୍ଥା କରାଯାଇପାରିବ ।

# ଐକବଦ୍ଧ ଭାବେ ସଂଗ୍ରାମ ଜାରି ରଖିବାକୁ ହିନ୍ଦୁ ସମାଜକୁ ଆହ୍ୱାନ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୋନପୁର ପଟାଭାଡ଼ି ନାମ ମଣ୍ଡପ ଶ୍ରୀରାମ ମନ୍ଦିର ପରିସରରେ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏ କାର୍ଯ୍ୟକ୍ରମକୁ ବୁଝିବାକୁ ହେଲେ ପ୍ରଥମେ ଏହି ଶ୍ଳୋକପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ହେବ- ତ୍ରେତୟାଂ ମନ୍ତ୍ର ଶକ୍ତିଶ୍ଚ ଜ୍ଞାନ ଶକ୍ତି କୃତେ ଯୁଗେ ଦ୍ୱାପରେ ଯୁଦ୍ଧ ଶକ୍ତିଶ୍ଚ ସଂଘ ଶକ୍ତି କଲୌ ଯୁଗେ । ଅର୍ଥାତ କଳିଯୁଗରେ ସଂଗଠନ ଶକ୍ତି ହିଁ ଆମକୁ ସୁରକ୍ଷା ଏବଂ ଶକ୍ତିଶାଳୀ କରିପାରିବ। ଆପଣମାନଙ୍କ ଜ୍ଞାତ ଥିବ ଯେ ଆଜି ସାରା ପୃଥିବୀରେ କିପରି ଅରାଜକତା ଶକ୍ତି ମୁଣ୍ଡ ଟେକିଛି । ଅନେକ ଦେଶ ଦେଶ ମଧ୍ୟରେ ଅସ୍ତିତ୍ୱକୁ ନେଇ ନିଜ ନିଜର ବଳ ପ୍ରୟୋଗ ଦ୍ୱାରା ବିଜୟୀ ହେବାକୁ ଉଦ୍ୟମ କରୁଛନ୍ତି । ଭାରତକୁ ଦୀର୍ଘ ୧୦୦୦ ବର୍ଷ ହେଲା ଅନେକ ବାହାର ତତ୍ତ୍ୱ ଆସି ଅନେକ ସମୟରେ ଭାରତର ସଂସ୍କୃତିକୁ ବିଲୋପ କରିବା ପାଇଁ ବଳପୂର୍ବକ ଉଦ୍ୟମ ସତ୍ତ୍ୱେ ସେମାନେ ସଫଳ ହୋଇପାରି ନାହାନ୍ତି। ତାହାର ଏକମାତ୍ର କାରଣ ହେଉଛି ସେତେବେଳେ ମଧ୍ୟ ହିନ୍ଦୁ ଏକ ହୋଇ ଲଢେଇ ଜାରି ରଖିଥିଲେ । ବର୍ତ୍ତମାନ ମଧ୍ୟ ଭାରତ ଉପରେ ଅନେକ ଦେଶ ବାହାରେ ଏବଂ ଦେଶ ଭିତରେ ଆମ ସଂସ୍କୃତି, ଆସ୍ଥା, ପରମ୍ପରା ଉପରେ କୋପ ଦୃଷ୍ଟି ପକାଉଛନ୍ତି। ଏବେ ମଧ୍ୟ ଆମକୁ ଏକ ହୋଇ ସଜାଗ ରହିବା ଆବଶ୍ୟକ । ଏହିପରି କିଛି ବିଷୟକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ହୋଇଥିଲେ ଉପ ଜିଲ୍ଲାପାଳ ଡ଼ ସୌମ୍ୟା ରୂପା ରଥ ଉପସ୍ଥିତ ହୋଇ ତାଙ୍କ କିଛି ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତାଭାବେ ବିଶ୍ୱହିନ୍ଦୁ ପରିଷଦର ଦିଲୀପ ମେହେର ଉପସ୍ଥିତ ଥିଲେ କ୍ଷ ସେ ତାଙ୍କ ବକ୍ତବ୍ୟରେ ହିନ୍ଦୁଙ୍କୁ ରାଷ୍ଟ୍ର ସୁରକ୍ଷାରେ ହିନ୍ଦୁଙ୍କ ଅବଦାନକୁ ନେଇ କିଛି ବିଚାର ଏବଂ ଆଗ୍ରହ ପ୍ରକାଶ କରିଥିଲେ । ମଞ୍ଚ ପରିଚାଳନା ଗଦାଧର ବାରିକ କରିଥିଲେ । ପୂର୍ବରୁ ଦିଲୀପ ତ୍ରିପାଠୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରେ ଲୋକଙ୍କ ମନ ଜିଣିଥିଲେ ଓ ଏଥିରେ ବିଶେଷ ସହଯୋଗ କରିଥିଲେ ସୋନପୁର ରାଷ୍ଟ୍ରୀୟ ସେବିକା ସମିତି, ବିଶ୍ୱହିନ୍ଦୁ ପରିଷଦ ଏବଂ ସୋନପୁର ମାତୃଶକ୍ତି ଭଉଣୀମାନେ । ଶେଷରେ ଗଦାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୁଳସୀ ମହିଳା ମହା ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ତୁଳସୀ ମହିଳା ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ମଥୁରୀ ଚରଣ ନାୟକ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ କଲେଜର ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ପକ୍ଷରୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ତପନ କୁମାର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ବିଦାୟୀ ଅଧ୍ୟକ୍ଷ ଡ଼ଃ ନାୟକ ଓ ଗ୍ରାନ୍ଥାଗାରିକ ରଶ୍ମିତା ପଟ୍ଟନାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା ସହିତ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରା ଯାଇଥିଲା । ଡ଼ଃ ନାୟକ କରିଲୋପାଟଣା ମହା ବିଦ୍ୟାଳୟ ରୁ ଅଧ୍ୟାପନା କାର୍ଯ୍ୟ ଆରମ୍ଭ କରି ଦୀର୍ଘ ବର୍ଷ ଧରି ନିଜର କାର୍ଯ୍ୟ ଦକ୍ଷତା ପାଇଁ ପ୍ରଶଂସା ଭାଜନ ହୋଇଥିଲେ। ୨୦୧୬ ରେ ତୁଳସୀ ମହିଳା ମହା ବିଦ୍ୟାଳୟରେ ଯୋଗ ଦେବା ପରେ ଏଠାରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ, ଶୈକ୍ଷିକ ଭୀତିଭୂମି ସୁଦୃଢ କରିବା ଓ ନୂତନ ଛାତ୍ରୀ ନିବାସ ନିର୍ମାଣ ଓ ଶ୍ରେଣୀଗୃହ ନିର୍ମାଣ ଆଦି ବହୁ ଉନ୍ନୟନ ମୂଳକ କର୍ଯ୍ୟକରି ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛନ୍ତି । ଆଜିର ଏହି ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମାର୍ଶାଘାଇ ମହା ବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ ଶଶିକାଂ ନାୟକ, ପୂର୍ବତନ ଅଧ୍ୟକ୍ଷ ଅଜୟ ସାମଲ, ରଂଜିତ ରଂଜନ ସାହୁ, ସବିତା ଦାସ, ଡ଼ଃ ପଦ୍ମଜାକବି ଶତପଥୀ, ଡ଼ଃ ମମତା ସାହୁ ପ୍ରମୁଖ ମହା ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ୧୫୦ ତମ ବନ୍ଦେ ମାତରମ୍ ବାର୍ଷିକ ଉତ୍ସବ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକ ପୁର୍ତି ଉପଲକ୍ଷେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ଉତ୍ସବ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ପୌର ଅଧ୍ୟକ୍ଷା ସରିତା ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଏସଡିପିଓ ଜ୍ୟୋତି ରଂଜନ ଗୌଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ, ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଓ ପୌର ସଦସ୍ୟ ଉମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ଏହି ବନ୍ଦେ ମାତରମ୍‌ର ଐତିହାସିକ ତଥ୍ୟ, ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀ ମାନଙ୍କର ପ୍ରେରଣାର ଉତ୍ସଭାବେ ସାହାସ ଓ ମନୋବଳ ବଢାଇଥିଲା ବୋଲି ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ଦିଆଯାଇ ଥିଲା । ସଭାପତିଙ୍କ ଅନୁମତି କ୍ରମେ ସଭାକାର୍ଯ୍ୟ ଓ ମଂଚ ପରିଚାଳନା ବରିଷ୍ଠ କର୍ମଚାରୀ ଅଶୋକ କୁମାର ସାହୁ କରିଥିଲେ । କାର୍ଯ୍ୟକ୍ରମରେ ଜ୍ୟୋତି ରଂଜନ ରାଉତ ଶ୍ରୀଦେବୀ ପରିଡା, ମୋନାଲି ସାହୁ, ମଧୁସ୍ମିତା ଧଳ, ମିଳି ବେହେରା, କପିଳେନ୍ଦ୍ର ପଣ୍ଡା, ପ୍ରଶାନ୍ତ ନାୟକ, ଅଜୟ ବେହେରା, ସୁଚିସ୍ମିତା ଜେନା, ମନୋରଂଜନ ସାହୁ, ନନ୍ଦିନୀ ବେହେରା, ମଧୁସ୍ମିତା ଗୋଛାୟତ ଓ ସନ୍ତୋଷୀ ଭଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ ।





# ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କ ବଦଳି ଆଦେଶକୁ ରଦ୍ଦ କଲେ ହାଇକୋର୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳ ସଂପ୍ରସାରଣ ଅଧିକାରୀମାନଙ୍କ ବଦଳି ପ୍ରକ୍ରିୟାରେ ଏକ ବଡ଼ ଆଇନ୍‌ଗତ ନିଷ୍ପତ୍ତି ଶୁଣାଇଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟ। ଜିଲ୍ଲାପାଳଙ୍କ ଦ୍ୱାରା ଜାରି ହୋଇଥିବା ବଦଳି ନିର୍ଦ୍ଦେଶକୁ ବେଆଇନ୍ ଦର୍ଶାଇ ହାଇକୋର୍ଟ ଜିଲ୍ଲାପାଳଙ୍କ ଆଦେଶକୁ ରଦ୍ଦ କରିଛନ୍ତି। ରାୟଗଡ଼ା ଜିଲ୍ଲାପାଳଙ୍କ ଦ୍ୱାରା ଗତ ୧୦.୧୨.୨୦୨୫ ରିଖରେ ୭ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଜିଲ୍ଲାରେ ବିଭିନ୍ନ ସ୍ଥାନକୁ ଅଦଳବଦଳ କରି ବଦଳି ଆଦେଶ ଜାରି କରିଥିଲେ । ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାୟଗଡା ମଙ୍ଗଳ ସଂପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକ ଓ ଅନ୍ୟମାନେ ହାଇକୋର୍ଟରେ ପୃଥକ ପୃଥକ ରିଟ୍ ପିଟିସନ୍ ଡବ୍ଲ୍ୟୁପିସି ୩୬୦୧୭, ୩୬୦୨୩, ୩୬୦୨୬, ଏବଂ ୩୬୦୨୭ ଅଫ୍ ୨୦୨୫ ଦାୟର କରିଥିଲେ। ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ସମସ୍ତ ମାମଲାକୁ ଏକତ୍ର ଶୁଣାଣି କରି ୨୮.୦୧.୨୦୨୬ ତାରିଖରେ ନିଷ୍ପତ୍ତି ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏଏସ୍‌ସି ଏସ.ପି. ଦାସ ପକ୍ଷ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଜି.ଆର. ସେଠୀ ଯୁକ୍ତି ଦର୍ଶାଇଥିଲେ ଯେ, 'ଓଡ଼ିଶା ସବ୍‌ଅର୍ଡିନେଟ୍ ୱେଲ୍‌ଫେୟାର୍ ସର୍ଭିସେସ୍ ରୁଲ୍ସ, ୧୯୯୨' ଅନୁଯାୟୀ ଜିଲ୍ଲାପାଳଙ୍କର ବଦଳି କରିବା ପାଇଁ କୌଣସି ଆଇନ୍‌ଗତ କ୍ଷମତା ନାହିଁ। ଉକ୍ତ ନିୟମାବଳୀ ଅନୁଯାୟୀ, କେବଳ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗର ନିର୍ଦ୍ଦେଶକ ହିଁ ଏହି ଅଧିକାରୀଙ୍କୁ ବଦଳି କରିବା ପାଇଁ ଏକମାତ୍ର ସକ୍ଷମ କର୍ତ୍ତୃପକ୍ଷ। ଏଥିସହ ଏହି ମାମଲା ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ବିଭାଗ ଦ୍ୱାରା ପ୍ରଦତ୍ତ କାର୍ଯ୍ୟୋତ୍ତର ଅନୁମୋଦନକୁ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଛନ୍ତି। ଯେହେତୁ ଜିଲ୍ଲାପାଳଙ୍କ ପାଖରେ ଏହି କ୍ଷମତା ନାହିଁ, ତେଣୁ ତାଙ୍କ ଦ୍ୱାରା ଜାରି ୧୦.୧୨.୨୦୨୫ର ଆଦେଶ ସମ୍ପୂର୍ଣ୍ଣ ଭାବେ ଅବୈଧ ସହ ଏହାକୁ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଥିବା ସୂଚନା ଦେଇଛନ୍ତି ଆବେଦନକାରୀଙ୍କ ଓକିଲ ଶ୍ରୀ ସେଠୀ । ରାୟଗଡା ଜିଲ୍ଲାରେ ମଙ୍ଗଳ ବିଭାଗର ଅଧିକାରୀମାନଙ୍କ ପାଇଁ ୨ ଜଣ ଜିଲ୍ଲାପାଳ ଅକଳରେ ପଡିଲେଣି । ତତ୍କାଳୀନ ଜିଲ୍ଲାପାଳ ପାରୁଲ ପଟାୱରୀ ଜିଲ୍ଲା ବର୍ତ୍ତମାନର ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ଦାୟିତ୍ୱରୁ ବାହାର କରି ବଦଳି ଆଦେଶ ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଅସୀମା ରାଓ ହାଇକୋର୍ଟରୁ ଜିଲ୍ଲାପାଳ କରିଥିବା ଆଦେଶକୁ ବେଆଇନ୍ ଦର୍ଶାଇ ସ୍ଥଗିତ ରଖିବା ସହ ନିଜେ ପୁନର୍ବାର ଦାୟିତ୍ୱ ଗ୍ରହଣ କରିଥିଲେ । ବର୍ତ୍ତମାନର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ କରିଥିବା ବଦଳି ଆଦେଶକୁ ଚ୍ୟାଲେଞ୍ଜ କରି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନେ ଚ୍ୟାଲେଞ୍ଜ କରି ପୁନର୍ବାର ନିଜ ସ୍ଥାନରେ ଅବସ୍ଥାପିତ ଘଟଣା ଏବେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ।




# ଗେଙ୍ଗୁଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ରାମେଶ୍ୱରପୁର ଗୋଖାସାହୀ ଠାରେ ଚାଲିଥିବା ଗେଙ୍ଗୁଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ, ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୨୨, ୨୦୨୫ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଦୀର୍ଘ ଦିନ ବିତିଯାଇଥିଲେ ସେପରି ଆଖି ଦୃଷ୍ଟିଆ କାମ ହୋଇନାହିଁ। କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, କାର୍ଯ୍ୟ ସ୍ଥଳରେ ବିଭାଗୀୟ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଫଳରେ ନିର୍ମାଣ କାର୍ଯ୍ୟର ମାନ ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଥାଉକି ପୂର୍ବରୁ ପ୍ରତିବର୍ଷ ମରାମତି ନାମରେ ଏହି ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ହୋଇଛି। ଏବେ ପୁଣି ଥରେ ନୂତନ କାର୍ଯ୍ୟରେ ସେହି ସମାନ ଢଙ୍ଗରେ କାର୍ଯ୍ୟ ହେଉଥିବାରୁ ଲୋକେ ଆଶଙ୍କାରେ ରହିଛନ୍ତି। ବନ୍ଧର ସୁରକ୍ଷା ଯଦି ଠିକ୍ ଭାବେ ନହୁଏ, ତେବେ ଆଗାମୀ ବର୍ଷା ଦିନେ ଏହା ଗ୍ରାମବାସୀଙ୍କ ପାଇଁ ବିପଦ ସାଜିବ। ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସହ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନା ଥାଉକି ଉକ୍ତ ଅଞ୍ଚଳ ଏକ ବନ୍ୟାଞ୍ଚଳ ପ୍ରତି ବର୍ଷ ବନ୍ୟା ଆସି ଉକ୍ତ ଅଞ୍ଚଳରେ ବ୍ୟାପକ କ୍ଷତିକରେ ଏହି ନଦୀ ବନ୍ଧରେ ଫାଟ ସୃଷ୍ଟି ହେବା ସହ ବନ୍ଧ ମଧ୍ୟ ଧସି ଥାଏ। ଏ ନେଇ ସ୍ଥାନୀୟ ଅଞ୍ଚଳର ଲୋକମାନେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବି କରି ସମସ୍ୟା ବିଷୟରେ ଜଣାଇବା ପରେ ମନ୍ତ୍ରୀଙ୍କ ଉଦ୍ୟମରେ ସେଠାରେ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏବଂ ସରକାରି ନୀତିରେ ସେଠାରେ କାର୍ଯ୍ୟ ପାଇଁ ଟେଣ୍ଡର କରାଯାଇଥିବା ବେଳେ ଠିକାଦାରଙ୍କ ମନମର୍ଜିରେ କାମ କରୁଛନ୍ତି। ସେଠାରେ କେବଳ ଲୁହା ପାତ ପୋତି ଦେଇ ଆଉ କାର୍ଯ୍ୟ କରୁନାହାନ୍ତି। ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି। ତେବେ ତୁରନ୍ତ କାର୍ଯ୍ୟ ସାରିବାକୁ ଠିକାଦାରଙ୍କୁ ତାଗିଦ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି।



# ଯୁବତୀଙ୍କ ଝୁଲନ୍ତା ଶବ ଉଦ୍ଧାର:ହତ୍ୟା ଅଭିଯୋଗ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

କୁନ୍ଦେଇ ଥାନା ଅଧୀନରେ ଥିବା ତୁମୁଡା ଗ୍ରାମର ଜଣେ ଯୁବତୀଙ୍କ ମୃତ ଦେହ ଉଦ୍ଧାର ହୋଇଥିବାବେଳେ ପରିବାର ଏହାକୁ ହତ୍ୟା ଅଭିଯୋଗ କରିଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ ତୁମୁଡା ଗ୍ରାମର ମଙ୍ଗୁ ଗଣ୍ଡଙ୍କ ଝିଅ ଗଙ୍ଗା ବାଇ ଗଣ୍ଡ (୧୮) ପ୍ରତିଦିନ ଭଳି ଶନିବାର ରାତିରେ ପରିବାର ସହ ଖାଇବା ପରେ ଶୋଇବାକୁ ଯାଇଥିଲା । କିନ୍ତୁ ସକାଳେ ସେ ଘରେ ନଥିବା ପରିବାର ଲୋକେ ଦେଖିବାକୁ ପାଇ ସାହି ପଡିଶା ଖୋଜିଥିଲେ କିନ୍ତୁ କୌଣସି ସନ୍ଧାନ ପାଇନଥିଲେ । ପରେ ଖବର ପାଇଥିଲେ ଘର ଠାରୁ ଏକ କିଲୋମିଟର ଦୁର ମାଲାପାରା ଗ୍ରାମର ଏକ ପୋଖରୀ ନିକଟରେ ଥିବା ବମୁର ଗଛରେ ଗଙ୍ଗା ବାଇଙ୍କ ଝୁଲନ୍ତା ମୃତ ଶରୀର ଝୁଲୁଛି । ଏହାପରେ କୁନ୍ଦେଇ ପୋଲିସକୁ ଖବର କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବା ସମୟରେ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ । ପରିବାର ଲୋକେ କହିବା କଥା ଓଡଣ୍ଡୀ ଗ୍ରାମର ସାଗାରାମ ଗଣ୍ଡ ଛ ମାସ ତଳେ ଗଙ୍ଗା ବାଇକୁ ଭଲପାଇ ନେଇ ନିଜ ପାଖରେ ରଖିଥିଲା । ପରିବାର ଲୋକେ ଖବରପାଇ ଝିଅ ଗଙ୍ଗାକୁ ଘରକୁ ଆଣିଥିଲେ । ତେଣୁ ପରିବାର ଲୋକେ ଏହି କାରଣରୁ ଗଙ୍ଗା ଆତ୍ମହତ୍ୟା କରିନଥିବା ଏବଂ ତାକୁ କିଏ ମାରି ଟାଙ୍ଗି ଦେଇଥିବା ଅଭିଯୋଗ କରିଥିଲେ । ପରେ ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ ଆରମ୍ଭ କରିଥିଲା । ଏବଂ ସନ୍ଦେହକାରୀକୁ ଅଟକ ରଖିବା ପରେ ଶବ ଉଦ୍ଧାର କରାଯାଇଥିଲା । ଏହାପରେ ମୃତ ଶରୀରକୁ ବ୍ୟବଚ୍ଛେଦ ସାରି ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଉକ୍ତ ଘଟଣାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଥିବା କୁନ୍ଦେଇ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା ପ୍ରକାଶ କରିଛନ୍ତି ।

# ଚାନ୍ଦିପୁର ବେଳାଭୂମିରେ ସାଇକ୍ଲୋଥୋନର ଶୁଭାରମ୍ଭ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ବେଳାଭୂମିରେ ସିଆଇଏସ୍ଏଫ୍ ଦ୍ୱାରା ବନ୍ଦେ ମାତରମ୍ କୋଷ୍ଟାଲ୍ ସାଇକ୍ଲୋଥୋନ୍ ୨୦୨୬ର ଚତୁର୍ଥ ଦିନର ସାଇକେଲ ମାରାଥନ ଶୁଭାରମ୍ଭ କରାଯାଇଛି । ଏନ୍‌ଡିଆର୍‌ଏଫ୍‌ର ସିନିୟର୍ କମାଣ୍ଡାଟ ନିରଜ କୁମାର, ଆଇଟିଆର୍‌ର ଉପ ନିର୍ଦ୍ଦେଶକ ପି.ଆର୍. ବେହେରା ଓ ସିଆଇଏସ୍‌ଏଫ୍‌ର କମଣ୍ଡିଂ ଅଫିସର ସୁରେନ୍ଦ୍ର କୁମାର ପତାକା ଦେଖାଇ ସାଇକେଲ ମାରାଥନକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚାନ୍ଦିପୁର ମେରାଇନ୍ ପୋଲିସ ଥାନା ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଠାରେ ପ୍ରାୟ ୩୦୦ ଲୋକ ଉପସ୍ଥିତ ଥିଲେ । ଏହି ସାଇକେଲ ମାରାଥନ ଜାନୁଆରୀ ୨୮ରେ ପଶ୍ଚିମବଙ୍ଗର ବଖାଲିରୁ ଆରମ୍ଭ ହେଇଥିଲା। ଏଥିରେ ୬୫ ଜଣ ସିଆଇଏସ୍‌ଏଫ୍‌ର ସାଇକେଲ ଚାଳକମାନେ ଭାଗ ନେଇଛନ୍ତି। ଏହି ଦଳ ସନ୍ଧ୍ୟାରେ ଚାନ୍ଦିପୁର ବେଳାଭୂମିକୁ ପହଞ୍ଚିଥିଲା । ପରେ ସେମାନଙ୍କୁ ଇଞ୍ଚୁଡିକୁ ଏକ ବସ୍ ଯୋଗେ ନିଆଯାଇଥିଲା। ସେଠାରେ ସେମାନେ ରାତ୍ରି ଯାପନ କରିଥିଲେ । ସନ୍ଧ୍ୟାରେ ଲବଣ ସତ୍ୟାଗ୍ରହ ସ୍ମୃତି ବିଦ୍ୟାପୀଠରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଠାରେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ସିଆଇଏସ୍‌ଏଫ୍ ସୁରେନ୍ଦର କୁମାର ଏବଂ ପ୍ରିନ୍ସିପାଲ୍ ଏଫ୍‌ଏମ୍ କଲେଜ ଦୀନେଶ ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଫ୍‌ଏମ୍ କଲେଜ, ବାଲେଶ୍ୱର ଏବଂ ଇଞ୍ଚୁଡ଼ି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ମନଲୋଭା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସିଆଇଏସ୍‌ଏଫ୍ ସାଇକେଲ ଚାଳକମାନେ ବେଶ୍ ମନଭରି ଉପଭୋଗ କରିଥିଲେ। ସାଇକେଲ ଚାଳକମାନେ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ସହିତ ଭାବବିନିମୟ କରିଥିଲେ। ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହସ୍ରାଧିକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଗାମୀ ଫେବୃୟାରୀ ୨୮ ତାରିଖରେ ଏହି ସାଇକେଲ ମାରାଥନ କେରଳର କୋଚିରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ।

# ଟାଟା ଷ୍ଟିଲ୍‌ର ପ୍ରଭାବୀ ପଦକ୍ଷେପ:ସ୍ୱତନ୍ତ୍ର ନିଯୁକ୍ତି ମାଧ୍ୟମରେ ସଶକ୍ତ ହେବେ ବିସ୍ଥାପିତ ଓ ଜମିହରା ପରିବାର

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ସାମାଜିକ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତକାରୀ ବିକାଶ ପ୍ରତି ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇ ଟାଟା ଷ୍ଟିଲ୍ କଳିଙ୍ଗନଗରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛି । ଏକ ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ କଳିଙ୍ଗନଗର ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଏବଂ ଜମି ହରାଇଥିବା ପରିବାରର ୫୦ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ମନୋନୀତ କରାଯାଇଛି । ଏହି ପଦକ୍ଷେପ ଶିଳ୍ପାୟନ ଦ୍ୱାରା ପ୍ରଭାବିତ ସ୍ଥାନୀୟ ଲୋକମାନଙ୍କୁ ଦୀର୍ଘସ୍ଥାୟୀ ଜୀବିକା ଯୋଗାଇଦେବା ଦିଗରେ ଟାଟା ଷ୍ଟିଲ୍‌ର ନିଷ୍ଠାକୁ ପ୍ରମାଣିତ କରୁଛି। ୨୦୨୫ ଜୁଲାଇ ମାସରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନକୁ ଏପରି ଭାବରେ ପ୍ରସ୍ତୁତ କରାଯାଇଥିଲା ଯେପରି କେବଳ ଟାଟା ଷ୍ଟିଲ୍ ପ୍ଲାଣ୍ଟ ଯୋଗୁଁ ଜମି ହରାଇଥିବା ଏବଂ ବିସ୍ଥାପିତ ହୋଇଥିବା ପରିବାରର ଯୋଗ୍ୟ ପ୍ରାର୍ଥୀମାନେ ହିଁ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି ସ୍ୱତନ୍ତ୍ର ଚୟନ ପ୍ରକ୍ରିୟାରେ ୧୭୯ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ମୋଟ୍ ୫୦ ଜଣଙ୍କୁ ତାଲିକାଭୁକ୍ତ କରାଯାଇଛି । ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ ୪୨ ଜଣ ଡିପ୍ଲୋମାଧାରୀ ଏବଂ ୮ ଜଣ ଆଇଟିଆଇ ଶିକ୍ଷାପ୍ରାପ୍ତ, ଯାହା ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱ ବହନ କରିବ । ଫେବୃୟାରୀ ୪ ତାରିଖରେ ଏହି ପ୍ରାର୍ଥୀମାନଙ୍କର ପ୍ରମାଣପତ୍ର ଯାଞ୍ଚ ଏବଂ ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ତ୍ରିଜଙ୍ଗା ପୁନର୍ବାସ କଲୋନୀରୁ ମନୋନୀତ ପ୍ରାର୍ଥିନୀ କୁମାରୀ ରୀନା ପାତ୍ର ନିଜର ଉତ୍ସାହ ପ୍ରକାଶ କରି କହିଛନ୍ତି, 'ଟାଟା ଷ୍ଟିଲ୍‌ରୁ ମିଳିଥିବା ଏହି ସୁଯୋଗ ମୋର ଏବଂ ମୋ ପରିବାର ପାଇଁ ଏକ ସ୍ୱପ୍ନ ସତ ହେବାପରି । ଏହା କେବଳ ଏକ ଚାକିରି ନୁହେଁ, ବରଂ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ଏବଂ ସମାଜର ବିକାଶରେ ଅବଦାନ ରଖିବାର ମୋ ପାଇଁ ଏକ ସୁଯୋଗ।' ସେହିପରି ଗୋବରଘାଟି ପୁନର୍ବାସ କଲୋନୀର ମଣ୍ଟୁ ସୋୟ କହିଛନ୍ତି, 'ମୁଁ ବହୁତ ଗର୍ବିତ ଏବଂ କୃତଜ୍ଞ । ଏହି ସ୍ୱତନ୍ତ୍ର ନିଯୁକ୍ତି ଆମକୁ ଭବିଷ୍ୟତ ଗଠନ ପାଇଁ ଏକ ବଡ଼ ସୁଯୋଗ ଦେଇଛି।' ମନୋନୀତ ପ୍ରାର୍ଥୀମାନେ ମୁଖ୍ୟତଃ ତ୍ରିଜଙ୍ଗା, ଗୋବରଘାଟି, ସାଂସାଇଲୋ ଏବଂ ରାମଠେଙ୍ଗ ପୁନର୍ବାସ କଲୋନୀ ସମେତ ନିକଟସ୍ଥ ଦାନଗଦି, ପଙ୍କପାଳ, ବାରଗାଡିଆ, ମାନତିରା ଏବଂ ନଡ଼ିଆଭଙ୍ଗା ପଞ୍ଚାୟତର ବାସିନ୍ଦା ଅଟନ୍ତି । ପୁନର୍ବାସ କଲୋନୀର ଅଭିଭାବକ ସଦାଶିବ ପଢ଼ିହାରୀ ଖୁସି ବ୍ୟକ୍ତ କରି କହିଛନ୍ତି, 'ଆମେ ଏମିତି ଏକ ସୁଯୋଗ ପାଇଁ ଆଶା ରଖିଥିଲୁ ଏବଂ ଆଜି ତାହା ପୂରଣ ହୋଇଛି । ମୋ ପୁଅର ଭବିଷ୍ୟତ ସୁରକ୍ଷିତ ହୋଇଥିବାରୁ ଆମେ ବହୁତ ଖୁସି।' ଏହି ପ୍ରତିବଦ୍ଧତାକୁ ଆହୁରି ବ୍ୟାପକ କରି ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ମଧ୍ୟ ଏହାର ବିସ୍ଥାପିତ ଓ ଜମିହରା ପରିବାରର ସଦସ୍ୟଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛି । ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ ମେକାନିକାଲ୍, ଇଲେକ୍ଟ୍ରିକାଲ୍, ଇଲେକ୍ଟ୍ରୋନିକ୍ସ, ମେଟାଲର୍ଜି ଏବଂ ସିଭିଲ୍ ଇଞ୍ଜିନିୟରିଂରେ ଆଇଟିଆଇ ଏବଂ ଡିପ୍ଲୋମାଧାରୀଙ୍କ ସମେତ ଇଣ୍ଡଷ୍ଟ୍ରିଆଲ୍ ସେଫ୍ଟିରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା କରିଥିବା ପ୍ରାର୍ଥୀଙ୍କ ପାଇଁ ଆବେଦନ ଆହ୍ୱାନ କରାଯାଇଛି ।



# ଏନ୍‌ଏଲ୍‌ସିଆଇଏଲ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର:୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

NLCILର ତାଳବିରା II ଓ III ଓପନ୍‌କାଷ୍ଟ ପ୍ରକଳ୍ପର CSR ପଦକ୍ଷେପ ଅଧୀନରେ ଖ୍ଣ୍ଡା ଗ୍ରାମ ପଞ୍ଚାୟତରେ ମହାନୟ ମେଗା ମେଡିକାଲ୍ ହେଲ୍ଥ କ୍ୟାମ୍ପ – ୫୦୦ରୁ ଅଧିକ ଗ୍ରାମବାସୀ ଉପକୃତ ହୋଇଛନ୍ତି। NLC ଇଣ୍ଡିଆ ଲିମିଟେଡ୍ (NLCIL)ର ତାଳବିରା ଓପନ୍‌କାଷ୍ଟ ପ୍ରକଳ୍ପ (OCP) II ଓ III ତରଫରୁ ରବିବାର ଦିନ ଖ୍ଣ୍ଡା ଗ୍ରାମ ପଞ୍ଚାୟତର ରାଜୀବ ଭବନରେ ଏକ ମେଗା ମେଡିକାଲ୍ ହେଲ୍ଥ କ୍ୟାମ୍ପ ସଫଳତାର ସହିତ ଆୟୋଜିତ କରାଯାଇଛି। NLCILର CSR ପଦକ୍ଷେପ ଅଧୀନରେ ଆୟୋଜିତ ଏହି କ୍ୟାମ୍ପ ମାଧ୍ୟମରେ ପ୍ରକଳ୍ପ ପ୍ରଭାବିତ ପ୍ରାୟ ୫୦୦ ଜଣ ଗ୍ରାମବାସୀ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବାରୁ ଲାଭାନ୍ୱିତ ହୋଇଥିବା ସହ ଗ୍ରାମୀଣ ସ୍ୱାସ୍ଥ୍ୟ ପ୍ରଣାଳୀକୁ ଦୃଢ଼ କରିଛି। ଏହି କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ ଜଗଦୀଶ ଚନ୍ଦ୍ର ମଜୁମଦାର, ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର/ପ୍ରକଳ୍ପ ମୁଖ୍ୟ, ତାଳବିରା II ଓ III OCP ଏବଂ ସନ୍ଧ୍ୟା ପ୍ରଧାନ, ସରପଞ୍ଚ, ଖ୍ଣ୍ଡା ଗ୍ରାମ ପଞ୍ଚାୟତ। ଭିମସାର, ବୁର୍ଲାର ଡିନ୍ ଓ ପ୍ରିନ୍ସିପାଲ୍ ପ୍ରଫେସର ଡା. ପି. କେ. ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ତାଙ୍କ ସହ ପ୍ରଫେସର ଡା. ଲାଲମୋହନ ନାୟକ, ସୁପରିଣ୍ଟେଣ୍ଡେଣ୍ଟ, ଭିମସାର ପ୍ରଫେସର ଡା. ଭାବଗ୍ରାହୀ ରଥ, ପୂର୍ବତନ ନିର୍ଦ୍ଦେଶକ, ଭିମସାର ବୁର୍ଲା ଡା. ଶଙ୍କର ରାମଚନ୍ଦାନୀ ଓ ଡା. ଜଗନ୍ନାଥ ହାତି, ମେଡିସିନ୍ ବିଭାଗର ସହଯୋଗୀ ପ୍ରଫେସରମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ଏକ ଦକ୍ଷ ବିଶେଷଜ୍ଞ ଡାକ୍ତର ଦଳ ଦ୍ୱାରା ସାଧାରଣ ଚିକିତ୍ସା, ସାଧାରଣ ସର୍ଜେରୀ, ନେଫ୍ରୋଲୋଜି ଓ ନ୍ୟୁରୋସର୍ଜେରୀ ସହ ଗାଇନୋକୋଲୋଜି (O&G), ଅର୍ଥୋପେଡିକ୍ସ ଓ ଚକ୍ଷୁ ବିଭାଗରେ ଚିକିତ୍ସା ସେବା ଦିଆଯାଇଥିଲା। ଏହା ସହିତ ପିଡ଼ିଆଟ୍ରିକ୍ସ, ପଲମୋନାରୀ ମେଡିସିନ୍, ENT (କାନ–ନାକ–ଗଳା) ଓ ଚର୍ମ ଏବଂ VD (ଡର୍ମାଟୋଲୋଜି) ବିଭାଗରେ ମଧ୍ୟ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥଳୀୟ ରୋଗ ନିର୍ଣ୍ଣୟ ଏବଂ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ସମନ୍ୱୟ ସୁବ୍ରତ କୁମାର ବିଶ୍ୱାଳ, ହେଡ୍ ଅଫ୍ HR ଓ ଡା. ଶ୍ରୀନିବାସ ସୁୟମ୍ ପ୍ରକାଶ, ମୁଖ୍ୟ ଚିକିତ୍ସା ଅଧିକାରୀ, ତାଳବିରା ପ୍ରକଳ୍ପଙ୍କ ଦ୍ୱାରା CSR ବିଭାଗ ଏବଂ ଭିମସାର, ବୁର୍ଲାର ପ୍ରଶାସନିକ କର୍ମକର୍ତ୍ତାମାନଙ୍କ ସହଯୋଗରେ ସୁଚାରୁ ଭାବେ କରାଯାଇଥିଲା।



# ଅଜଣା ଯୁବକଙ୍କ ଛୁରା ମାଡ଼ରେ ନବମ ଶ୍ରେଣୀ ଛାତ୍ର ଗୁରୁତର

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ନବମ ଶ୍ରେଣୀ ଛାତ୍ର ଉପରେ ଜଣେ ଅଜଣା ଯୁବକ ଛୁରା ମାଡ଼ କରି ଫେରାର୍ ହୋଇଯାଇଥିବା ଜଣାପଡିଛି । କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଥାନା ଯୋଡ଼ା ବସ୍‌ଷ୍ଟାଣ୍ଡରେ ଘଟିଛି ଏହି ଅଭାବନୀୟ ଘଟଣା। ତେବେ ନବମ ଶ୍ରେଣୀ ଛାତ୍ରଙ୍କୁ କେହି ଛୁରା ମାଡ଼ କରିଥିବା ବେଳେ ଛୁରା ମାଡ଼ କାହିଁକି ହେଲା ଓ କିଏ କରିଛି, ତାହା ଏର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଆହତ ଛାତ୍ରଙ୍କ ନାମ ରୋହିତ କାରୁଆ । ସେ ଯୋଡ଼ା ଥାନା ସ୍ଥିତ କମାର ଯୋଡ଼ା ମୁଣ୍ଡାସାହି ନିବାସୀ ବୋଲି ଜଣାପଡ଼ିଛି। ତେବେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଆହତ ଛାତ୍ରଙ୍କୁ ନିକଟସ୍ଥ ଟିସ୍କୋ ମେଡିକାଲ୍‌ରେ ଭର୍ତ୍ତି କରିଛି । ଆହତ ଛାତ୍ର ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ତେବେ ଆହାତ ଛାତ୍ର ମଧ୍ୟ ଛୁରାମାଡ଼ କରିଥିବା ଯୁବକଙ୍କୁ ଚିହ୍ନିନଥିବା କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ଯୋଡ଼ା ପୋଲିସ ତନାଘନା ଆରମ୍ଭ କରି ସମସ୍ତ ଦିଗରୁ ତଦନ୍ତ ଚଳାଇଛି ।

# ପାଣିରେ ବୁଡ଼ି ଛାତ୍ରର ମୃତ୍ୟୁ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଗାଧୋଉଥିବା ସମୟରେ ପାଣିରେ ବୁଡି ଛାତ୍ରର ମୃତ୍ୟୁ ହୋଇଥିବା ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ ଅପରାହ୍ନ ସାଢେ ୨ଟା ସମୟରେ ଜୟପୁର ସଦରଥାନା ଅନ୍ତର୍ଗତ ଉପର କଲାବ ଅଞ୍ଚଳର ଗୁରୁନାଥ ଟାକ୍ରିଙ୍କ ପୁଅ ମହେଶ ଟାକ୍ରି (୧୩) ତାଙ୍କ ସାଙ୍ଗମାନଙ୍କ ସହ ପାଣିରେ ଗାଧୋଉଥିବା ସମୟରେ ହଠାତ୍ ବୁଡିଯାଇଥିଲେ। ସାଙ୍ଗମାନେ ନିକଟସ୍ଥ ବସ୍ତିରେ ଥିବା ଲୋକଙ୍କୁ କହିବା ପରେ ବସ୍ତିର ଲୋକେ ଆସି ମହେଶଙ୍କୁ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ହସ୍ପିଟାଲ୍‌କୁ ନେବାପରେ ଡାକ୍ତର ଛାତ୍ର ମହେଶର ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# 'ଜଳେଶ୍ୱର ଆଧାତ୍ମିକ ଚେତନାର ମାଟି'



**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବଡ଼ବଜାର ମ୍ୟୁନିସିପାଲିଟି ଅବସ୍ଥିତ ବଡ଼ ବଜାର ଛକ ସ୍ଥିତ ସାଇ ମନ୍ଦିର ପଡ଼ିଆରେ ଜଳେଶ୍ୱର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଜିତାଂଶୁ ଶେଖର ନନ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଯୋଗଦେଇ ଜଳେଶ୍ୱରକୁ ଆଧାତ୍ମିକ ଚେତନାର ମାଟି ବୋଲି କହିଥିଲେ । ଖ୍ୟାତନାମା ଚିକିତ୍ସକ ଡା. ଉମେଶ ଚନ୍ଦ୍ର ପାତ୍ର, ବିଶିଷ୍ଟ ଶିକ୍ଷକ ନେତା ମନୋରଞ୍ଜନ ଦାସ, ଜଳେଶ୍ୱର ଓକିଲ ସଂଘର ସଭାପତି କୁଞ୍ଜ ବିହାରୀ ଦାସ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ । ସଭା ପୂର୍ବରୁ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପରିବେତୀ ସିଂ, ରାଜଲକ୍ଷ୍ମୀ ଜେନା, ପ୍ରିୟଙ୍କା ସାମଲ, ସାଇସତ୍ୟ ଗିରି, ରାକେଶ କୁମାର ପରିଡ଼ା ଓ ସାଧନ କୁମାର ଜେନାଙ୍କୁ ମଞ୍ଚରେ ପୁରସ୍କାର ପ୍ରଦାନ କରାଯାଇଥିଲା । ସମ୍ପାଦକ ସୁଶାନ୍ତ କୁମାର ଦାସ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅଶୋକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବନବିହାରୀ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଗଣେଶ ଚନ୍ଦ୍ର ପାଳ, ଡା. ଉମେଶ ଚନ୍ଦ୍ର ପାତ୍ର, ଶଶିକାନ୍ତ ପ୍ରଧାନ, ପରେଶ ଚନ୍ଦ୍ର ପାତ୍ର, ଶୈଳବାଳା ପ୍ରଧାନ, ଡା. ଲୋହିତ ସାହୁ, ସ୍ୱପ୍ନପ୍ରିୟା ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପୁରେନ୍ଦ୍ର କର, ପାର୍ଥ ପ୍ରତିମ ପ୍ରଧାନ ସହଯୋଗ କରିଥିଲେ । ଶେଷରେ ବିଳମ୍ବିତ ରାତି ଯାଏଁ ମେଲୋଡି ସାଙ୍ଗକୁ କୁନିକୁନି ପିଲାଙ୍କୁ ନେଇ ସୁନ୍ଦର ନାଚ ଗୀତ ପରିବେଷଣ ହୋଇଥିଲା।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୫ / ୬ ଚନ୍ଦ୍ର | ୪ | ଶନି ୩ / ଶୁକ୍ର ୨ |
| ୭ | ୧୧ / ୫ | ରଶୁମଙ୍ଗଳ |
| ୮ କେତୁ / ୯ | ୧୦ | ୧୨ / ୧୧ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୩।୦୨।୨୦୨୬, ମାଘ ଦି୨୦ନ, ମଙ୍ଗଳବାର**
**ସୂର୍ଯ୍ୟୋଦୟ- ଘ ୬।୨୩।୦୪ ଚନ୍ଦ୍ରୋଦୟ- ସଂଘ ୭।୧୫।୪୫**
**ଦ୍ୱିତୀୟା-** ରାଘ ୧୨।୪୧ ପର୍ଯ୍ୟନ୍ତ । ମଘା ନକ୍ଷତ୍ର ରାଘ ୧୦।୧୩ ପର୍ଯ୍ୟନ୍ତ **ସିଂହଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-**ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ରାଘ ୧୨।୪୧ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୧୪ ଗତେ ଦିଘ ୧୦।୫୫ ମଧ୍ୟେ । ଦିଘ ୧।୦୯ ଗତେ ଦିଘ ୧।୨୮ ମଧ୍ୟେ । **ପର୍ବୋତ୍ସବ-** ସୋ-ବେ-ବରାତ୍ ।


**ମେଷ:** ମାନସିକ ଅସ୍ଥିରତା ଭିତରେ ଗତି କରିବେ । ଅନ୍ୟର ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଯାନବାହାନ କ୍ରୟ କରିବାର ସୁଯୋଗ । ଆୟରେ ଉନ୍ନତି ହେବ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ ।


**ବୃଷ:** କର୍ମକ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତା ଆପଣଙ୍କର ସାହାଯ୍ୟ ଲୋଡିବେ । ବାଦବିବାଦ ଜଟିଳ ହେଲେ ମଧ୍ୟ ସଫଳତା ମିଳିବ । ପୁରାତନ ବନ୍ଧୁଙ୍କ ଦର୍ଶନ ମିଳିବ । ଆୟ ଓ ବ୍ୟୟ ସମାନ ରହିବ । ଗୃହରେ ଶାନ୍ତି ଅବ୍ୟାହତ ରହିବ ।


**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ କରିବାର କ୍ଷମତା ଆସିବ । ଭାଗ୍ୟବାନ ହେବେ । ବ୍ୟବସାୟରେ ସମସ୍ୟାର ସମାଧାନ ହେବ । ଆୟ ତୁଳନାରେ ବ୍ୟୟର ପରିମାଣ ବଢିବ । ଘରେ ଆନନ୍ଦ ଉଲ୍ଲାସ ଲାଗି ରହିବ ।


**କର୍କଟ:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ଅପଦସ୍ଥ ହେବେ । ଦୟାଳୁ ହେବେ । ରାଜନୀତି କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରି ପ୍ରଶଂସିତ ହେବେ । ରୋଜଗାର ମଧ୍ୟମ ହେବ । ଗୃହରେ ସାମାନ୍ୟ ଦ୍ୱନ୍ଦ୍ୱ ।


**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ଶୁଭ । ଅପରାହ୍ନେ ଶୁଭ ଖବର ମିଳିପାରେ । ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଅପଦସ୍ଥ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାରରେ ଉନ୍ନତି ହେବ ।


**କନ୍ୟା:** ଯାନବାହନ କ୍ରୟ କରିବେ । ଶ୍ରେଷ୍ଠ ସମ୍ମାନର ଅଧିକାରୀ ହେବେ । ପରର ଉପକାର କରିବେ । ବ୍ୟୟ ଅପେକ୍ଷା ଆୟର ମାତ୍ରା ବଢ଼ିପାରେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ୍ୟ ରହୁଛି । ଦେହ ଭଲ ରହିବ ।


**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ପ୍ରସନ୍ନତା ଲାଭ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରିବେ । ଆଜିର ଯାତ୍ରାରେ ସଫଳତା ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।


**ବିଛା:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ । ତଥାପି ଆଜି ଦିନଟା ଜଗିରଖି ଚଳିବେ । ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ । ବିଜୟୀ ହେବେ । ଆୟ ତୁଳନାରେ ବ୍ୟୟର ପରିମାଣ ବଢିବ । ଶୁଭ ଖବର ପ୍ରାପ୍ତ ହେବ ।


**ଧନୁ:** ଯାତ୍ରା ଓ ବାଣିଜ୍ୟ କ୍ଷେତ୍ରରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ଦାୟିତ୍ୱହୀନତା ଅଭାବରୁ ଅସୁବିଧାର ସମ୍ମୁଖୀନ ହେବେ । ଆୟର ପରିମାଣ ବଢିବ । ପରିବାରରେ ଶାନ୍ତି ବଜାୟ ରହିବ । ଦୟାଳୁ ହେବେ ।


**ମକର:** ଶତ୍ରୁମାନେ ପରାଜିତ ହେବେ । ଦେହ ଓ ମନ ଭଲ ରହିବ । ପରିବହନ କ୍ଷେତ୍ରରେ ସମସ୍ୟା ଦେଖାଦେବ । ଖର୍ଚ୍ଚର ପରିମାଣ ବଢିବ । ପାରିବାରିକ ସମସ୍ୟା ଲାଗି ରହିବ । ଶିକ୍ଷାରେ ଶୁଭ ଫଳ ମିଳିବ । ମହିଳାମାନେ ଗର୍ବୀ ହେବେ ।


**କୁମ୍ଭ:** ଅନେକ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ଗୁଡିକ ତ୍ୱରାନ୍ୱିତ ହେବ । ଶାରୀରିକ ଅସୁସ୍ଥତା ଦେଖାଦେବ । ମନ ଅସ୍ଥିର ରହିବ । ରୋଜଗାରର ପରିମାଣ ବଢିବ । ଗୃହେ ଶାନ୍ତି ଲାଭ ହେବାର ସୂଚନା ।


**ମୀନ:** କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ । ଅପରାହ୍ନେ ଟେନ୍‌ସନ୍ ଟିକେ ବଢ଼ିଯିବ । ଆଜିର ଯାତ୍ରାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ । କାର୍ଯ୍ୟ ହାସଲ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୪।୦୨।୨୦୨୬, ମାଘ ଦି୨୨ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ୬।୨୩।୪୭ ଚନ୍ଦ୍ରୋଦୟ-ରାଘ୮।୧୫।୫୬**
**ତୃତୀୟା-** ରାଘ୧୬।୧୧ ପର୍ଯ୍ୟନ୍ତ ପୂର୍ବାଫାଲଗୁନୀ ନକ୍ଷତ୍ର ରାଘ୧୦।୧୨ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ରାଘ୪।୨୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, କୁମ୍ଭ ଓ ମୀନ ରାଶିର । ରାଘ ୪।୨୩ ଗତେ ମେଷ, କର୍କଟ, କନ୍ୟା, ତୁଳା, ବିଛା, ଧନୁ, ମୀନ ରାଶିର। **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର। ରାଘ ୪।୨୩ ଗତେ ବୃଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧୦।୧୧ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୫ ଗତେ ଦିଘ ୭।୫୨ ମଧ୍ୟେ । ଦିଘ ୧୦।୩୮ ଗତେ ଦିଘ ୧୧।୩୯ ମଧ୍ୟେ। **ପର୍ବୋତ୍ସବ-** ବିଶ୍ୱ କର୍କଟ ଦିବସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିଙ୍ଗ

# ଇରାନ ଉପରେ ହମଲା ହେଲେ, ସମଗ୍ର ମଧ୍ୟପ୍ରାଚ୍ୟ ରକ୍ତର ହୋଲି ଦେଖିବ-ଖାମେନେଇଙ୍କ ଚେତାବନୀ

ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇ ଆମେରିକାକୁ କଡ଼ା ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ଯଦି ଏଥର ଇରାନ ଉପରେ ଆକ୍ରମଣ ହୁଏ, ତେବେ କେବଳ ଗୋଟିଏ ଦେଶ ନୁହେଁ, ବରଂ ମଧ୍ୟପ୍ରାଚ୍ୟ ଯୁଦ୍ଧର ପରିଣାମ ଭୋଗିବ । ରାଜଧାନୀ ତେହେରାନରେ ଏକ ସାଧାରଣ ରାଲିକୁ ସମ୍ବୋଧିତ କରି ୮୬ ବର୍ଷୀୟ ଖାମେନି କହିଛନ୍ତି, 'ସେମାନେ ଜାଣିବା ଉଚିତ୍ ଯେ, ଯଦି ସେମାନେ ଏଥର ଯୁଦ୍ଧ ଆରମ୍ଭ କରନ୍ତି, ତେବେ ଏହା ଏକ ଆଞ୍ଚଳିକ ଯୁଦ୍ଧ ହେବ ।' ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟପ୍ରାଚ୍ୟରେ ଏକ ବିଶାଳ ସାମରିକ ମୁତୟନ ଆରମ୍ଭ କରିଥିବାରୁ ଇରାନ ଉପରେ ଆକ୍ରମଣର ଆଶଙ୍କା ସୃଷ୍ଟି ହୋଇଛି । ଖାମେନେଇ ଇରାନର ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ସମ୍ପଦକୁ ଧ୍ୱଂସ କରିବା ପାଇଁ ଆମେରିକା ଚାହୁଁଥିବା ଅଭିଯୋଗ କରିଥିଲେ । ସେ ସାମ୍ପ୍ରତିକ ସରକାର ବିରୋଧୀ ପ୍ରତିବାଦକୁ ଏକ ବିଦେଶୀ ଷଡ଼ଯନ୍ତ୍ର ବୋଲି ମଧ୍ୟ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଏହା ଏକ ବିପ୍ଳବ ଯାହାକୁ ପଣ୍ଡ କରାଯାଇଥିଲା । ଖାମେନେଇ କହିଛନ୍ତି ଯେ, ଏହି ପ୍ରତିବାଦ ସମୟରେ ପୁଲିସ, ସରକାରୀ କାର୍ଯ୍ୟାଳୟ, ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (IRGC)ଘାଟି, ବ୍ୟାଙ୍କ ଏବଂ ମସଜିଦ ଉପରେ ଆକ୍ରମଣ କରାଯାଇଥିଲା ଏବଂ କୋରାନର ଏକ କପି ମଧ୍ୟ ପୋଡ଼ି ଦିଆଯାଇଥିଲା । ଖାମେନେଇ ଏହାକୁ ଏକ 'ନୂତନ ଷଡ଼ଯନ୍ତ୍ର' ବୋଲି କହିଥିଲେ, ଯେପରି ସେ ପୂର୍ବରୁ ୨୦୦୯ ସବୁଜ ଆନ୍ଦୋଳନକୁ ବର୍ଣ୍ଣନା କରିଥିଲେ । ଖାମେନେଇଙ୍କ ବୟାନ ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ଆଶା କରୁଛନ୍ତି ଯେ ଇରାନ ଏକ ଚୁକ୍ତି ପାଇଁ ରାଜି ହେବ । ଟ୍ରମ୍ପ କହିଛନ୍ତି, 'ସେ ଏହା ହିଁ କହିବେ ।' 'ଆଶା କରୁଛି, ଆମେ ଏକ ଚୁକ୍ତି କରିବୁ । ଯଦି ଆମେ ଏକ ଚୁକ୍ତି ନ କରୁ, ତେବେ ଆମେ ଦେଖିବୁ ଯେ ସେ ଠିକ୍ ଥିଲେ କି ନାହିଁ ।' ଏହା ଉଲ୍ଲେଖନୀୟ ଯେ, ଇରାନରେ ସାମ୍ପ୍ରତିକ ପ୍ରତିବାଦ ଡିସେମ୍ବର ଶେଷ ଭାଗରେ ଆରମ୍ଭ ହୋଇଥିଲା, ଯେତେବେଳେ ତେହେରାନର ବ୍ୟବସାୟୀମାନେ ଅବନତିଶୀଳ ଅର୍ଥନୀତି, ଦୁର୍ନୀତି ଏବଂ ରିଆଲର ତୀବ୍ର ହ୍ରାସ ବିରୁଦ୍ଧରେ ପ୍ରଦର୍ଶନ କରିଥିଲେ । ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନ ଦେଶବ୍ୟାପୀ ବ୍ୟାପିଗଲା ଏବଂ ବ୍ୟକ୍ତିଗତ ସ୍ୱାଧୀନତା, ଜଳ ଏବଂ ବିଦ୍ୟୁତ୍ ଅଭାବ ଏବଂ ପ୍ରଦୂଷଣ ଭଳି ସମସ୍ୟା ସହିତ ଜଡ଼ିତ ହୋଇଗଲା । ଜାତିସଂଘ ଏବଂ ମାନବାଧିକାର ସଂଗଠନଗୁଡ଼ିକ ଦାବି କରିଛନ୍ତି ଯେ, ଏହି ପ୍ରତିବାଦ ସମୟରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଛି । ଜାତିସଂଘର ଜଣେ ସ୍ୱତନ୍ତ୍ର ରିପୋର୍ଟର ମୃତ୍ୟୁ ସଂଖ୍ୟା ୨୦ ହଜାରରୁ ଅଧିକ ହେବ ବୋଲି ଆକଳନ କରିଛନ୍ତି, ଯେତେବେଳେ ଆମେରିକା-ଭିତ୍ତିକ ସଂଗଠନଗୁଡ଼ିକ ୬ ହଜାର ୭୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଦାବି କରିଛନ୍ତି ।



## ଶ୍ରୀମଦ୍ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ପ୍ରଥମ ଅଧ୍ୟାୟ

## ଅଧ୍ୟାତ୍ମ ଜୀବନ ଲାଭ ପାଇଁ ଉପାୟ ଓ ପ୍ରସ୍ତୁତି

ମାନବ ଜୀବନର ଉଦ୍ଦେଶ୍ୟ ଈଶ୍ୱର ଲାଭ । ଏକଥା କେବେ ହେଲେ ଭୁଲନା । ପଶୁପରି ଆହାର, ନିଦ୍ରା, ଇନ୍ଦ୍ରିୟ ସୁଖ, ବାଜେ ଗଳ୍ପ, ପର ଚର୍ଚ୍ଚାଦି ବାଜେ କାମରେ ନିଜର ଆୟୁଷ କ୍ଷୟ କରି ଶେଷକୁ ଦୁଃଖ ଭୋଗ କରିବ କାହିଁକି ? ଭଗବାନଙ୍କର ଯେତେବେଳେ ଇଚ୍ଛା ହେବ, ସେତେବେଳେ ହେବ, ଏକଥା କହି ଜଡ ଓ ଅକର୍ମା ହୋଇ ରୁହନା। ଯେତେ ଦିନ ଯାଏ ତୁମ ଶରୀରରେ ବଳବୀର୍ଯ୍ୟ ଅଛି, ସମସ୍ତ ଶକ୍ତି ନିୟୋଗକରି ଭଗବାନଙ୍କୁ ଲାଭ କରିବା ନିମନ୍ତେ ଲାଗିପଡ । ହେଳା କରନା ।

ଈଶ୍ୱର ଲାଭ କରିବାକୁ ହେଲେ ନିମ୍ନଲିଖିତ ଉପଦେଶଗୁଡିକ ପ୍ରତି ଲକ୍ଷ୍ୟ ଦେବା ଆବଶ୍ୟକ। ୧-ଧୈର୍ଯ୍ୟ, ୨- ଅଧ୍ୟବସାୟ, ୩-ଦେହ ମନର ପବିତ୍ରତା, ୪. ତୀବ୍ର ଆକାଂକ୍ଷା ବା ବ୍ୟାକୁଳତା, ୫-ଷଟ୍ ସମ୍ପଦ, ଯଥା- (ଶମ) ଅନ୍ତଃକରଣ ସ୍ଥିରତା, (ଦମ) ଇନ୍ଦ୍ରିୟ ନିଗ୍ରହ, (ଉପରତି) ବିଷୟାଶକ୍ତି ତ୍ୟାଗ, (ତିତିକ୍ଷା) ସବୁ ପ୍ରକାର ଦୁଃଖରେ ଅବଚଳିତ ରହିବା, (ଶ୍ରଦ୍ଧା) ଗୁରୁ ଓ ଶାସ୍ତ୍ର ବାକ୍ୟରେ ବିଶ୍ୱାସ ସ୍ଥାପନ କରିବା ଓ (ସମାଧାନ) ଈଷ୍ଟଙ୍କରଠାରେ ଚିତ୍ତ ସ୍ଥାପନ । ଏସବୁ ଏକାନ୍ତ ଆବଶ୍ୟକ।

ତ୍ୟାଗ, ପ୍ରେମ ଓ ପବିତ୍ରତା ଈଶ୍ୱର ଲାଭର ପ୍ରଧାନ ଉପାୟ । ଏସବୁ ପରସ୍ପରର ସହାୟକ । ଗୋଟିଏ ଥିଲେ ଅନ୍ୟ ଦୁଇଟି ଆପେ ଆପେ ରହିବ । ସମସ୍ତ ବିଷୟ ବାସନାରେ ବିତୃଷ୍ଣା, ସର୍ବଜୀବକୁ ଭଲ ପାଇବା ଏବଂ ଅନ୍ତର ବାହାର, କାୟ-ମନ -ବାକ୍ୟରେ ପବିତ୍ରତା ନ ରହିଲେ, ପ୍ରେମ-ସ୍ୱରୂପ, ପରମ ପବିତ୍ର ପରମେଶ୍ୱରଙ୍କୁ ଲାଭ କରିବା ଅସମ୍ଭବ ଲାଭ କରିବା ଅସମ୍ଭବ । ଯାର ମୁଁ ମୋର ଭାବ ନାହିଁ । ଆପଣାପର ନାହିଁ, ସେ ନିଜକୁ ଯେତେ ଲୁଚାଇ ରଖିଲେ କଣ ଲୁଚାଇ ହେବ ? ଅଗ୍ନିକୁ କଣ କେହି ଲୁଚାଇ ରଖିପାରେ । ସେହିପରି ଭକ୍ତ ବା ପ୍ରେମିକ ଲୁଚି ରହିପାରେନା ।

ଆଧ୍ୟାତ୍ମିକ ଜୀବନ ଲାଭ କରିବାକୁ ହେଲେ ପୁରୁଷାକାର ଦରକାର। ଆମେ ନିଜ ଚେଷ୍ଟାରେ ସାଧନ ଭଜନ କରି ଭଗବାନ ଲାଭ କରିବା, ଏହି ଦୃଢ ସଂକଳ୍ପ କରି ନିଷ୍ଠା ସହକାରେ ତିନି ଚାରି ବର୍ଷ ପ୍ରତ୍ୟହ ଅନ୍ତତଃ ସକାଳେ ଓ ସନ୍ଧ୍ୟାରେ ଦୁଇ ଘଣ୍ଟା କରି ଆସନରେ ବସି, ଜପ-ଧ୍ୟାନ କରି ଦେଖ, ସେଥିରୁ ନିଶ୍ଚୟ ଆନନ୍ଦ ମିଳିବ ଓ ଅନୁଭୂତି କ୍ରମେ ବଢିବ ।

# ବିଶ୍ୱ ଦେଖିବ ବିଶ୍ୱଯୁଦ୍ଧ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ବିଶ୍ୱର ପ୍ରତ୍ୟେକ ଦେଶ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛନ୍ତି । ବିଶ୍ୱର ସର୍ବଶ୍ରେଷ୍ଠ ରାଷ୍ଟ୍ର ଭାବରେ ଉଭା ହେବାପାଇଁ ପ୍ରତ୍ୟେକ ଦେଶ ନିଜର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ପ୍ରତ୍ୟେକ ରାଷ୍ଟ୍ର ନିଜର ପରମାଣୁ ଶକ୍ତି ବଢ଼ାଇ ବିଶ୍ୱରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ପରିଚୟ ସୃଷ୍ଟି କରିବାପାଇଁ ଚାହୁଁଛନ୍ତି। ବୃହତ୍ତ ଶକ୍ତିମାନଙ୍କର ସାମ୍ରାଜ୍ୟବାଦୀ ମନୋଭାବ ଯୋଗୁଁ ବିଶ୍ୱରେ ଅଶାନ୍ତି ଦେଖାଦେଇଛି । ରାଷ୍ଟ୍ର ରାଷ୍ଟ୍ର ଭିତରେ ବଢିଚାଲିଛି ଉତ୍ତେଜନା। ପ୍ରତି ମୁହୂର୍ତ୍ତରେ ଲାଗି ରହିଛି ଯୁଦ୍ଧ ଆଶଙ୍କା । ଯାହାଦ୍ୱାରା ସମଗ୍ର ମାନବ ସମାଜର ପତନ ନିଶ୍ଚିନ୍ତ । ଅଧିକାଂଶ ରାଷ୍ଟ୍ର ସମଗ୍ର ବିଶ୍ୱରେ ସବୁ କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ରହିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଯାହାଫଳରେ ସେମାନେ ଯୁଦ୍ଧଭଳି କୂଟନୀତିକୁ ଆପଣେଇ ନେଉଛନ୍ତି। ଯାହାଦ୍ୱାରା ସମଗ୍ର ବିଶ୍ୱରେ ଅଶାନ୍ତ ବାତାବରଣ ଦେଖାଦେଇଛି । ଯୁଦ୍ଧ, ହିଂସା, ରକ୍ତପାତ ସାରା ବିଶ୍ୱକୁ ଅଶାନ୍ତ କରିଦେଇଛି । ଯାହାଦ୍ୱାରା ସମଗ୍ର ବିଶ୍ୱର ଅର୍ଥନୀତି ଏବେ ବିପନ୍ନ ଅବସ୍ଥାରେ । ସାରବିଶ୍ୱ ଏବେ ବିପଦ ବଳୟରେ କବଳିତ । ଅଶାନ୍ତ ବାତାବରଣ ବିଶ୍ୱ ଭାତୃତ୍ୱ ରୂପକ ସାଗରରେ ଭୟର ଜୁଆର ସୃଷ୍ଟି କରିଛି। ଏଥିପାଇଁ ସାରା ବିଶ୍ୱ ଏବେ ଚିନ୍ତିତ ।

ମାନବ ଜାତିର ଇତିହାସରେ ପ୍ରଥମ ବିଶ୍ୱଯୁଦ୍ଧ ଥିଲା ସବୁଠାରୁ ଭୟାବହ ଓ ବର୍ବର। ଏହି ଯୁଦ୍ଧ ୧୯୧୪ରୁ ଆରମ୍ଭ ହୋଇ ଦୀର୍ଘ ଚାରିବର୍ଷ ବିଶ୍ୱରେ ମୃତ୍ୟୁର ତାଣ୍ଡବ ରଚନା କରିଥିଲା ଓ ମାନବ ସଭ୍ୟତାର ଅଶେଷ କ୍ଷତି କରିଥିଲା। ହେଲେ ପ୍ରଥମ ବିଶ୍ୱଯୁଦ୍ଧରୁ ବିଶ୍ୱବାସୀ କିଛି ଶିକ୍ଷା କରିପାରିନଥିଲେ, ଯେଉଁଥିପାଇଁ ଏହାର କୋଡ଼ିଏ ବର୍ଷ ପରେ ଅର୍ଥାତ ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭଳି ନରସଂହାରକାରୀ ଯୁଦ୍ଧକୁ ବିଶ୍ୱକୁ ସାମନା କରିବାକୁ ପଡ଼ିଲା। ଦୁଇ ଦୁଇଟା ବିଶ୍ୱଯୁଦ୍ଧରେ ବିଶ୍ୱବାସୀ ଆତଙ୍କିତ ହୋଇ ପଡ଼ିଲେ। ଏହି ଦୁଇଟି ବିଶ୍ୱଯୁଦ୍ଧର ଭୟାବହକୁ ସାରାବିଶ୍ୱ ଏବେ ମଧ୍ୟ ଭୁଲିନାହିଁ । କିନ୍ତୁ କେତେକ ରାଷ୍ଟ୍ର ପୂର୍ବ କଥାକୁ ଭୁଲି ସାମ୍ରାଜ୍ୟବାଦ ନୀତିକୁ ଆପଣାଇନେଇଛନ୍ତି । ଯାହାଦ୍ୱାରା ସମଗ୍ର ବିଶ୍ୱରେ ସୃଷ୍ଟି ହୋଇଛି ଅଶାନ୍ତର ବାତାବରଣ। ସମଗ୍ର ବିଶ୍ୱରେ ତୃତୀୟ ବିଶ୍ୱଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସମଗ୍ର ବିଶ୍ୱ ଏବେ ବାରୁଦ ଗଦା ଉପରେ ବସିଛି । ଯେକୌଣସି ମୁହୂର୍ତ୍ତରେ ତୃତୀୟ ବିଶ୍ୱଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ।

ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକା, ରୁଷ ଏବଂ ଚୀନ ଯୁଦ୍ଧରେ ସାମିଲ ହୋଇ ଭୟଙ୍କର ରୂପ ଧାରଣ କରିପାରନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହୁଅନ୍ତୁ ଅବା ଭ୍ଲାଦିମିର ପୁଟିନ୍, ଜିନପିଙ୍ଗ୍ କି ମଧ୍ୟପ୍ରାଚ୍ୟର ନେତା, କେହି କାହାକୁ କମ୍ ନୁହନ୍ତି। ନିଜକୁ ସର୍ବଶକ୍ତିମାନ ଦେଖାଇବାକୁ ସାରା ପୃଥିବୀକୁ ଏବେ ଯୁଦ୍ଧର ଚକ୍ରବ୍ୟୂହକୁ ଠେଲି ଦେଇଛନ୍ତି। ଧୀରେ ଧୀରେ ପୃଥିବୀ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଇଛି । ନିଜ ଦେଶର ସୁରକ୍ଷା ଅପେକ୍ଷା ଆମେରିକା ସେନା ଅନ୍ୟ ଦେଶ ଉପରେ ଆକ୍ରମଣ ସହ ଦଖଲ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଚୀନ୍ ତାଇୱାନକୁ ଦଖଲ କରିବାକୁ କଳ, ବଳ କୌଶଳ ବିନିଯୋଗ କରୁଛି । ସାମରିକ ଅଭ୍ୟାସ ଆଳରେ ତାଇୱାନକୁ ଜବରଦଖଲ ଚୀନ୍‌ର ଏକମାତ୍ର ଲକ୍ଷ୍ୟ । ଇତିହାସ ସାକ୍ଷୀ, ବିଶ୍ୱଯୁଦ୍ଧ ହଠାତ୍ ହୋଇନଥିଲା । ବର୍ଷ ବର୍ଷ ଯୁଦ୍ଧ ଲାଗିରହି ଶେଷରେ ବିଶ୍ୱଯୁଦ୍ଧର ତାଣ୍ଡବ ଦେଖିଥିଲା ପୃଥିବୀ । ଏବେ ଲାଗି ରହିଥିବା ଛୋଟ ଛୋଟ ଯୁଦ୍ଧରୁ ହେବ କି ବିଶ୍ୱଯୁଦ୍ଧ ? ପୁଣି ପୃଥିବୀ ଦେଖିବ କି ବିନାଶର ସଂହାରଲୀଳା ? ଏହିଭଳି ଆଶା ଆଶଙ୍କାରେ ରହିଛନ୍ତି ବିଶ୍ୱବାସୀ। ଭେନେଜୁଏଲା ଉପରେ ଆମେରିକା ଆକ୍ରମଣ କରି ଏହାର ରାଷ୍ଟ୍ରପତିଙ୍କୁ ବନ୍ଦୀ କରିନେବା ପରେ ବିଶ୍ୱ ଅସ୍ଥିରତାର ଯେଉଁ ଆଭାସ ମିଳିଥିଲା ତାହା ଏବେ ବାସ୍ତବତା ଆଡକୁ ଗତି କରୁଥିବା ମନେ ହୋଇଛି। ଆମେରିକାର ଏହି କାର୍ଯ୍ୟାନୁଷ୍ଠାନ ପରେ ରୁଷ୍ ଓ ଆମେରିକା ଭଳି ଦୁଇ ମହାଶକ୍ତି ଆଗାମୀ ଦିନରେ ସମ୍ମୁଖ ଯୁଦ୍ଧକୁ ଓହ୍ଲାଇବାର ଆଶଙ୍କା ରହିଛି। ଯାହା ସମଗ୍ର ବିଶ୍ୱକୁ ବଡ ଅସ୍ଥିରତା ଆଡକୁ ମଧ୍ୟ ଟାଣିନେବ। ଯୁଦ୍ଧ ମୁହାଁ ପୃଥିବୀର ଦୁଇ ମହାମେରୁ ଆମେରିକା ଏବଂ ରୁଷ। ଭେନେଜୁଏଲା ତୈଳ ଭଣ୍ଡାରକୁ ନେଇ ଦୁଇ ମହାଶକ୍ତି ମୁହାଁମୁହିଁ।

ଶୁଭିଲାଣି ମହାବିନାଶର ପଦଧ୍ୱନି । ନିଜ ସ୍ୱାର୍ଥ ପାଇଁ ଆମେରିକା ଯେ କେଉଁ ସ୍ତରକୁ ଯାଇପାରେ ତାହାକୁ ନେଇ ସବୁଠି ଚର୍ଚ୍ଚା । 'ଟାରିଫ ପ୍ରହାର' ଜରିଆରେ ବିଶ୍ୱ ଅର୍ଥନୀତିକୁ ମାଟି କାମୁଡେ଼ଇଥିବା ଆମେରିକା ଏବେ ଅଶାନ୍ତି ଓ ଯୁଦ୍ଧର ମଞ୍ଜି ପୋତୁଛି। ଚୀନ୍, ରୁଷ ଭଳି ମହାଶକ୍ତି କିନ୍ତୁ ମେଳି ବାନ୍ଧିଲେଣି । ଉତ୍ତର କୋରିଆ ରାଷ୍ଟ୍ରପତି ଆମେରିକାକୁ ଖୋଲା ଧମକ ଦେଲେଣି । ନିଜକୁ ମହାଶକ୍ତି ଭାବୁଥିବା ଆମେରିକା ପାଇଁ ପୃଥିବୀ ଦେଖିପାରେ 'ତୃତୀୟ ବିଶ୍ୱଯୁଦ୍ଧ'। ବର୍ଷ ଆରମ୍ଭରୁ ଆମେରିକା-ଭେନେଜୁଏଲା, ରୁଷିଆ-ୟୁକ୍ରେନ ଏହି ଅନେକ ଦେଶ ପରସ୍ପର ଭିତରେ ଯୁଦ୍ଧ ଆଭିମୁଖ୍ୟ ରଖି ଆଗକୁ ବଢୁଛନ୍ତି। ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଶତ୍ରୁତା। ଭେନେଜୁଏଲା ଉପରେ ଆକ୍ରମଣ ପରେ ଆମେରିକା ବର୍ତ୍ତମାନ ଗ୍ରୀନଲାଣ୍ଡ, କଲମ୍ବିଆ ଭଳି ଦେଶକୁ ବାରମ୍ବାର ଧମକ ଦେଉଛି । ଇରାନ୍ ସହ ମଧ୍ୟ ଏହାର ବିବାଦ ଚରମ ସୀମାରେ ପହଞ୍ଚିଛି । ଆଗକୁ ବଡ଼ ଯୁଦ୍ଧର ସୂତ୍ରପାତ ହେବା ଆଶଙ୍କା କରାଯାଉଛି । ଇରାନ ପ୍ରସଙ୍ଗରେ ଚୀନ୍ ମୁହଁ ଖୋଲିଛି। ଚୀନ୍ କହିଛି ଇରାନର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଆନ୍ତର୍ଜାତିକ ହସ୍ତକ୍ଷେପ ଠିକ୍ ନୁହେଁ। ଇରାନରେ ଲାଗି ରହିଥିବା ବିଦ୍ରୋହକୁ ନିୟନ୍ତ୍ରଣ ପୂର୍ବକ ଶାନ୍ତି ପ୍ରତିଷ୍ଠା ଆମର କାମନା ହେବା ଦରକାର। ଏଥିରେ କୌଣସି ବାହ୍ୟ ରାଷ୍ଟ୍ର ହସ୍ତକ୍ଷେପ କରିବା ଉଚିତ୍ ନୁହେଁ। ଏହାଦ୍ୱାରା ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇବ। ଅନ୍ୟପଟେ ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେବାର ସମ୍ଭାବନା ରହିଛି । ଏହାର କାରଣ ହେଉଛି ସୀମାପାର ଆତଙ୍କବାଦୀ ଆକ୍ରମଣ ବୃଦ୍ଧି।

ତୃତୀୟ ବିଶ୍ୱଯୁଦ୍ଧ ହେଲେ ପରମାଣୁ ବୋମାର ପ୍ରୟୋଗରେ ପୃଥିବୀରେ ମାନବ ଜାତିର ଚିହ୍ନବର୍ଣ୍ଣ ରହିବ ନାହିଁ। ଭୟଙ୍କର ପରିସ୍ଥିତି ଭୋଗିବ ବିଶ୍ୱ। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଜଳୁଥିବା ଯୁଦ୍ଧର ନିଆଁ ବୃହତ ଶକ୍ତି ମାନଙ୍କ ମଧ୍ୟରେ ବଢୁଥିବା ତିକ୍ତତା ମହାବିନାଶର ସଂକେତ ଦେଉଥିବା ଅନୁମାନ କରାଯାଉଛି। ଇତିହାସ ସାକ୍ଷୀ ଅଛି ଯୁଦ୍ଧ କେବେ ଶାନ୍ତି ଆଣେନାହିଁ ବରଂ ବିନାଶ ଆଡକୁ ଟାଣିନିଏ। ବିଶ୍ୱର ନେତୃତ୍ୱ ନେଉଥିବା ଦେଶଗୁଡିକ ମଧ୍ୟରେ ଥିବା ତିକ୍ତତାକୁ କୂଟନୀତି ଓ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ପଡିବ। ବର୍ତ୍ତମାନ ସମଗ୍ର ବିଶ୍ୱକୁ ଏଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ପଡିବ। ନଚେତ ଏ ସବୁଜ ସୁନ୍ଦର ପୃଥିବୀ ଅକାଳେ ଧ୍ୱଂସ ପାଇଯିବ। ସମଗ୍ର ବିଶ୍ୱକୁ ହିଂସାର ମାର୍ଗକୁ ଛାଡି ଶାନ୍ତିର ମାର୍ଗକୁ ଆପଣେଇବାକୁ ପଡିବ। ମାନବ ଜାତିକୁ ବଞ୍ଚାଇବାପାଇଁ ଶାନ୍ତି ହିଁ ଏକମାତ୍ର ବିକଳ୍ପ।

# ଅର୍ଥନୈତିକ ସ୍ୱାଧୀନତା ଅଭିମୁଖେ ଭାରତ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଆର୍ଥୀକ ସ୍ୱାଧୀନତା ହେଉଛି ମଣିଷର ଆଉ ଏକ ବହୁ ଅଭିଳାଷିତ ମୌଳିକ ଆବଶ୍ୟକତା। ଶାନ୍ତିପୂର୍ଣ୍ଣ ବସବାସ ଏବଂ ଜୀବନର କଠିନ ପରିସ୍ଥିତିରେ ସାହସିକତାର ସହ ସଂଗ୍ରାମ ପାଇଁ ଏହା ଆତ୍ମବିଶ୍ୱାସ ଏବଂ ସାମର୍ଥ୍ୟ ଦେଇଥାଏ। ସ୍ୱାଧୀନତା ଭାବେ ଶ୍ରମ ଓ କାର୍ଯ୍ୟର ବ୍ୟବହାର ନିଷ୍ପତ୍ତି, ଶ୍ରମ ଫଳାଫଳର ସ୍ୱାଧୀନ ଭାବେ ଉପଭୋଗ, ନିଜର ଏବଂ ଘରୋଇ ନିୟନ୍ତ୍ରଣରେ ଥିବା ସମ୍ପତ୍ତିର ସ୍ୱାଧୀନତା ଓ ମୁକ୍ତ ବାଣିଜ୍ୟରେ ଅଂଶଗ୍ରହଣ ଆଦି ଅର୍ଥନୈତିକ ସ୍ୱାଧୀନତାର ଅନ୍ତର୍ଭୁକ୍ତ। ଆର୍ଥୀକ ବିକାଶ ବା ପ୍ରଗତି ମୁକ୍ତ ବଜାର ଏବଂ ସ୍ୱାଧୀନା ଜନସାଧାରଣ ହେଉଛନ୍ତି ଦୁଇଟି ବୃହତ ଅପରିହାର୍ଯ୍ୟ ଶକ୍ତି ସ୍ୱାଧୀନ ଭାବେ ବ୍ୟକ୍ତିଗତ, ସାମୁହିକ ଏବଂ ଉତ୍ତମ ଆର୍ଥୀକ ସ୍ଥିତି ବିକାଶକୁ ପ୍ରୋତ୍ସାହନ ଦେଇଥାଏ। ନିୟୁତ ନିୟୁତ ଲୋକଙ୍କର ବିଶ୍ୱାସ ରହିଛି ଯେ, ଅଧିକ ଜିଡିପି ହେଉଛି ଜନସାଧାରଣଙ୍କର ପରିସ୍ଥିତିରେ ଉନ୍ନତି ଆଣିଥାଏ। ଅର୍ଥନୈତିକ ସ୍ୱାଧୀନତା ଏକ ସାଂଖ୍ୟିକ ନମ୍ବର ପ୍ରକାଶ ଓ ମାପକାଠି। ଉଲ୍ଲେଖଯୋଗ୍ୟ ଯେ, 'ଦି ହେରିଟେଜ ଫାଉଣ୍ଡେସନ ଅଫ ଆମେରିକା' ୧୯୯୫ ମସିହା ଠାରୁ ପ୍ରତିବର୍ଷ ଅର୍ଥନୈତିକ ସ୍ୱାଧୀନ ସୂଚ୍ୟାଙ୍କ ପ୍ରକାଶ କରିଆସୁଛି। ଏହି ସୂଚ୍ୟାଙ୍କକୁ ଅର୍ଥନୈତିକ ସ୍ୱାଧୀନତାର ଏକ ବ୍ୟାପକ ଦୃଷ୍ଟିକ୍ଷେତ୍ର ଭାବେ ଗ୍ରହଣ କରାଯାଇଥାଏ। ଉଲ୍ଲେଖ କରାଯାଇପାରେ ଯେ, ୨୦୨୫ ସୂଚ୍ୟାଙ୍କ ରିପୋର୍ଟ ସ୍ୱୀକାର କରାଯାଇଛି ଯେ, ବିଶ୍ୱବ୍ୟାପୀ ଅର୍ଥନୈତିକ ସ୍ୱାଧୀନତା ଏବେ ଆକ୍ରମଣର ସମ୍ମୁଖୀନ। ଭାରତ ମଧ୍ୟ ଏଥିରୁ ବାଦ ପଡିନାହିଁ। ବିଶ୍ୱର ୧୭୬ଟି ରାଷ୍ଟ୍ର ମଧ୍ୟରେ ତାଲିକାର ୧୨୮ତମ ର୍‍ୟାଙ୍କରେ ଭାରତ ରହିଛି। ଶୂନ(୦)ରୁ ୧୦୦ ମଧ୍ୟରେ ମାପକାଠି ଭାରତର ସ୍କୋର ୫୩ ରହିଛି। ଯାହାକୁ ପରାଧୀନ ବୋଲି କୁହାଯାଇଛି। ଗତ ୨୦୦୨ଠାରୁ ଭାରତ ଲଗାତାର ଭାବେ ପରାଧୀନ ପର୍ଯ୍ୟାୟରେ ରହିଆସିଛି। ଭାରତରେ ଅର୍ଥନୀତି ଚାପରେ ଥିବା ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ମଧ୍ୟବିତ୍ତ ବର୍ଗର ସ୍ୱାଧୀନତା ଶ୍ୱାସରୋଧ ଅବସ୍ଥାରେ ଥିବାବେଳେ ଧନୀକ ବର୍ଗ ଅଧିକ ଧନୀ ହୋଇଛନ୍ତି। ଭାରତ ଜିଡିପି ଅଭିବୃଦ୍ଧି ମୁଖ୍ୟତଃ ଦ୍ରବ୍ୟର କ୍ରୟ ଓ ବ୍ୟବହାର ଉପରେ ନିର୍ଭରଶୀଳ ହୋଇଥିବାବେଳେ ଦେଶର ମୋଟ ଜନସଂଖ୍ୟାର ୧୦ପ୍ରତିଶତ ଧନୀଙ୍କ ବର୍ଗ ହେଉଛନ୍ତି ମୁଖ୍ୟ ଉପଭୋକ୍ତା। ଅଣ ଅତ୍ୟାବଶ୍ୟକୀୟ ସାମଗ୍ରୀର ବ୍ୟୟ କରିବାରେ ସେମାନଙ୍କର ୬୬ପ୍ରତିଶତ ଇଚ୍ଛାଧୀନ ସାମର୍ଥ୍ୟ ରହିଛି। ସେମାନେ ହିଁ ପ୍ରକୃତ ବା ବାସ୍ତବ ଅର୍ଥନୈତିକ ସ୍ୱାଧୀନତା ଉପଭୋଗ କରିଥାନ୍ତି। ଅଣ-ଅତ୍ୟାବଶୀକୀୟ ସାମଗ୍ରୀରେ ବ୍ୟୟ କରିବାର ସାମର୍ଥ୍ୟ ହେଉଛି ଆର୍ଥୀକ ସ୍ୱାଧୀନତା ଜଟିଳ ସୂଚକ। ଏହି ୧୦ପ୍ରତିଶତ ବର୍ଗ ସୀମିତ ଓ ନିର୍ଭରଶୀଳ। ବ୍ଲୁମେ ଭେଂଚରସ୍ ଦ୍ୱାରା ପ୍ରକାଶିତ ଇଣ୍ଡସ ଭ୍ୟାଲି ରିପୋର୍ଟ ୨୦୨୫ରେ ସେମାନଙ୍କୁ ଭାରତର ଉପଭୋକ୍ତା ଅର୍ଥନୀତିର ଇଂଜିନ ଭାବେ ବର୍ଣ୍ଣନା କରାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଭାରତ ଭିତରେ ଇଣ୍ଡିଆ ଲିମିଟେଡ ଏକ ଉଚ୍ଚ ଆୟକାରୀ ଦେଶ ଏବଂ ଭାରତ ଏକ ସାମଗ୍ରୀକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପୂର୍ବରୁ ଏକ ପ୍ରଗତିଶୀଳ ଅର୍ଥନୀତି ଗଠନ କରିଛି। ଏହି ୧୦ପ୍ରତିଶତ ବର୍ଗଙ୍କ ସଂଖ୍ୟା ହେଉଛି ୧୪କୋଟି, ଯାହାକି ବିଶ୍ୱରେ ଦଶମ ଜନବହୁଳ ବୋଲି କୁହାଯାଇଛି। ସେହିପରି ବିଶ୍ୱରେ ଭାରତର ମୁଣ୍ଡପିଛା ଆୟ ଏବେ ବିଶ୍ୱରେ ୬୩ତମ ର୍‍ୟାଙ୍କରେ ରହିଛି। ବିଶ୍ୱବ୍ୟାଙ୍କର ତଥ୍ୟ ଅନୁଯାୟୀ ଚୀନକୁ ପଛରେ ପକାଇ ଭାରତ ଏବେ ଦ୍ରୁତ ଜିଡିପି ଅଭିମୁଖେ ଅଗ୍ରସର ହେଉଛି। ବିଶ୍ୱରେ ଯୁଦ୍ଧ, ଅଶାନ୍ତି, ଉତ୍ତେଜନା, ଆତଙ୍କବାଦ ଆଦି ଘଟଣାରେ ବିଶ୍ୱର ବିଶ୍ୱର ବହୁ ରାଷ୍ଟ୍ରରେ ଅର୍ଥନୈତିକ ମାନ୍ଦାବସ୍ଥା ଗ୍ରାସ କରିବାକୁ ଯାଉଥିବାବେଳେ ଭାରତର ଅର୍ଥନୀତି ଏବେ ଉପରମୁହାଁ । ଖୁବଶୀଘ୍ର ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୈତିକ ମହାଶକ୍ତିରେ ପରିଣତ ହେବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ ବୋଲି କୁହାଯାଇଛି।

# ସନାତନ, ସନ୍ଥ ଓ ଶାସନ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ବିଗତ କିଛି ଦିନ ତଳେ ମୌନୀ ଅମାବାସ୍ୟା ଦିନ ପ୍ରୟାଗରାଜ ଠାରେଏକ ଅଜବ ପରିସ୍ଥିତି ସୃଷ୍ଟି ହୋଇଥିଲା। ମୌନୀ ଅମାବାସ୍ୟାଦିନ ମାଘ ମେଳାରେ ସ୍ନାନ କରିବାକୁ ଯାଉଥିବା ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ଉତ୍ତର ପ୍ରଦେଶ ପୋଲିସ ଅଟକାଇବା ଓ ତାଙ୍କ ଅନୁଗାମୀଙ୍କୁ ମାରପିଟ କରିବା ଭଳି ଘଟଣା ଘଟିଥିଲା। ଉତ୍ତର ପ୍ରଦେଶ ପୋଲିସ ପକ୍ଷରୁ ଏ ବାବଦରେ ସ୍ପଷ୍ଟିକରଣ ଦିଆଯାଇ କୁହାଯାଇଛି ଯେ ସୁରକ୍ଷା କାରଣରୁ ଶଙ୍କରାଚାର୍ଯ୍ୟଙ୍କ ବାହାନ (ପାଲିଙ୍କି)କୁ ରୋକାଯାଇଥିଲା ଏବଂ ସ୍ନାନ ପାଇଁ ପାଦରେ ଚାଲିଚାଲି ଯିବା ପାଇଁ କୁହାଯାଇଥିଲା। କିନ୍ତୁ ଶଙ୍କରାଚାର୍ଯ୍ୟ ଏକଥାକୁ ଅସ୍ୱୀକାର କରିଥିଲେ। କିନ୍ତୁ ଅନ୍ୟ ପକ୍ଷେ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ଅଭିଯୋଗ କରିଛନ୍ତି ଯେ ସେ ସ୍ନାନ ପାଇଁ ତାଙ୍କ ଭକ୍ତ ଓ ଅନୁଗାମୀ ମାନଙ୍କ ସହ ଯାଉଥିବା ବେଳେ ମେଳା ପ୍ରାଧିକରଣ ପକ୍ଷରୁ ଦାୟୀତ୍ୱରେ ଥିବା ପୋଲିସ ତାଙ୍କ ପାଲିଙ୍କିକୁ ଅଟକାଇ ଦେଇଥିଲେ ଓ ମାତ୍ର କିଛି ଅନୁଗାମୀଙ୍କ ସହ ସ୍ନାନ ପାଇଁ ଯିବାକୁ ବାଧ କରିଥିଲେ। ଶଙ୍କରାଚାର୍ଯ୍ୟ ପୁରା ସମ୍ମାନର ସହ ଯିବା ପାଇଁ କହିବାରୁ ପୋଲିସ ତାଙ୍କୁ ଅଟକାଇଥିଲେ। ପୋଲିସ ଶଙ୍କରାଚାର୍ଯ୍ୟଙ୍କର କିଛି ଅନୁଗାମୀଙ୍କୁ ଥାନାକୁ ନେଇ ନିସ୍ତୁକ ମାଡ ମାରିଥିଲେ ବୋଲି ମଧ୍ୟ ଅଭିଯୋଗ ହେଉଛି। ଏ ଘଟଣାରେ କ୍ଷୁବ୍ଧ ଅବିମୁକ୍ତେଶ୍ୱରାନନ୍ଦ ସ୍ନାନ କରି ପାରିନଥିଲେ ଓ ଅନଶନରେ ବସିଥିଲେ।

ପୋଲିସ ସୁରକ୍ଷାର କଥା କହିଥିବା ବେଳେ ଶଙ୍କରାଚାର୍ଯ୍ୟ ଓ ତାଙ୍କ ଶିଷ୍ୟ ମାନଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ସଂବେଦନଶୀଳ ନିଶ୍ଚୟ। ଅଭିଯୋଗ ଅନୁସାରେ ଶଙ୍କରାଚାର୍ଯ୍ୟଙ୍କୁ ଅପମାନିତ କରାଯିବା ସହ ତାଙ୍କ ଶିଷ୍ୟମାନଙ୍କ ଚୁଟି ଘୋଷରି ମାଡ଼ ମରାଯାଇଥିଲା। ଏ ଘଟଣାକୁ ଏକ ସାଧାରଣ ଘଟଣା ବୋଲି କୁହାଯାଉନାହିଁ ବରଂ ଏହା ଏକ ସୁନିୟୋଜିତ ସାଂସ୍କୃତିକ ଅପମାନ ବୋଲି କୁହାଯାଉଛି। କାରଣ ଶଙ୍କରାଚାର୍ଯ୍ୟ ଓ ତାଙ୍କ ଶିଷ୍ୟ ମାନେ ବିରୋଧ ବା ପ୍ରଦର୍ଶନ ପାଇଁ ଯାଉନଥିଲେ ବରଂ ଆତ୍ମଶୁଦ୍ଧି ଏବଂ ଈଶ୍ୱର ଆରାଧନା ପାଇଁ ସଂଗମ ଘାଟକୁ ଯାଉଥିଲେ। ସନାତନ ଧର୍ମର ସୁରକ୍ଷା ଦେବା କଥା କହୁଥିବା ଉତ୍ତରପ୍ରଦେଶର ବିଜେପି ସରକାରର ଶାସନକାଳରେ ଶଙ୍କରାଚାର୍ଯ୍ୟ ଏବଂ ତାଙ୍କ ଶିଷ୍ୟମାନଙ୍କୁ ପ୍ରୟାଗରାଜ ଠାରେ ଅପମାନିତ କରାଗଲା କାହିଁକି ? ଏହି ଘଟଣା ପରେ ୧୯ ତାରିଖରେ ଉତ୍ତର ପ୍ରଦେଶ ପ୍ରଶାସନ ପକ୍ଷରୁ ଶଙ୍କରାଚାର୍ଯ୍ୟଙ୍କ ଉଦେଶ୍ୟରେ ଏକ ନୋଟିସ ଜାରି କରାଯାଇଥିଲା ଓ ୨୪ ଘଣ୍ଟା ମଧ୍ୟରେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ଶଙ୍କରାଚାର୍ଯ୍ୟ ବୋଲି ପ୍ରମାଣ କରିବାକୁ କୁହଯାଇଥିଲା। ଶଙ୍କରାଚାର୍ଯ୍ୟଙ୍କୁ ସ୍ନାନ କରିବାପାଇଁ ରୋକିବାର ଘଟଣା ଓ ଶଙ୍କରାଚାର୍ଯ୍ୟ ବୋଲି ନିଜକୁ ପ୍ରମାଣିତ କରିବା ପାଇଁ ନୋଟିସ ଦିଆଯିବା ଘଟଣାକୁ ନେଇ ଦେଶର ଅନେକ ସାଧୁସନ୍ଥ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଶଙ୍କରାଚାର୍ଯ୍ୟ କେମିତି ହୋଇଥାନ୍ତି ଓ କିଏ ଶଙ୍କରାଚାର୍ଯ୍ୟ କରିଥାଏ ସେ କଥା କ'ଣ ସରକାର ସ୍ଥିର କରିବେ ? ସରକାର କ'ଣ ସ୍ଥିର କରିବେ ଶଙ୍କରାଚାର୍ଯ୍ୟ କିଏ ଓ କିଏ ନୁହେଁ?

ଭକ୍ତଙ୍କ ଭିଡ ଓ ସୁରକ୍ଷା ବାହାନାରେ ଶଙ୍କରାଚାର୍ଯ୍ୟଙ୍କ ପାଲିଙ୍କିକୁ ଅଟକାଇବା, ତାଙ୍କ ଅନୁଗାମୀଙ୍କୁ ମାରିବା ଏବଂ ଅପମାନିତ କରିବା ପରେ ତାଙ୍କ ଶଙ୍କରାଚାର୍ଯ୍ୟ ପଦବୀକୁ ଚାଲେଞ୍ଜ କରିବାର ଅର୍ଥ ହେଉଛି ଯେ କୌଣସି ପୂର୍ବାଗ୍ରହ କାରଣରୁ ତାଙ୍କୁ ଅଟକାଯାଇଥିଲା। ଦୁର୍ଭାଗ୍ୟର କଥା ହେଉଛି ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱର ନନ୍ଦଙ୍କ ଘଟଣାରେ ରାମଭଦ୍ରାଚାର୍ଯ୍ୟଙ୍କ ଭଳି କିଛି ହାତଗଣତି ସନ୍ଥ ବୋଲାଉଥିବା ବ୍ୟକ୍ତି ଏବେ ସରକାରଙ୍କ ଭାଷା ବୋଲିବାରେ ଲାଗିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଅବିମୁକ୍ତେଶ୍ୱର ନନ୍ଦଙ୍କୁ ଅଟକାଇବା ଓ ତାଙ୍କୁ ଅପମାନିତ କରିବା କେବଳ ଗାଦିର ଅହଂକାରର ଏକ ଉଦାହରଣ ନୁହେଁ ବରଂ ଏହା ପଛରେ ଅବିମୁକ୍ତେଶ୍ୱରାନନ୍ଦଙ୍କ ବିରୁଦ୍ଧରେ ଉତ୍ତର ପ୍ରଦେଶ ସରକାରର ପୂର୍ବାଗ୍ରହ ରହିଛି। ଦେଶର ଅଧିକାଂଶ ସନ୍ଥ ସାଧୁ ଅବିମୁକ୍ତେଶ୍ୱରାନନ୍ଦଙ୍କ ପ୍ରତି ହୋଇଥିବା ଅପମାନ କାରଣରୁ ଦୁଃଖ ପ୍ରକାଶ ଓ ଘଟଣାର ନିନ୍ଦା କରୁଛନ୍ତି। ଦେଶର କୋଣ ଅନୁକୋଣରୁ ଶଙ୍କରାଚାର୍ଯ୍ୟଙ୍କ ପ୍ରତି ସମର୍ଥନ ବଢ଼ିବାରେ ଲାଗିଛି, ଯେଉଁଥିପାଇଁ ସରକାରଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଛି।

ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦଙ୍କ ବିଗତ କିଛି ବର୍ଷର ସକ୍ରିୟତା ବାବଦରେ ଯଦି ଆମେ ଦେଖିବା ତେବେ ଅନେକ କଥା ନଜରକୁ ଆସେ। ଅବିମୁକ୍ତେଶ୍ୱରାନନ୍ଦ ଜଣେ ସ୍ପଷ୍ଟବାଦୀ। ୨୦୨୪ ଜାନୁୟାରୀରେ ଅଯୋଧ୍ୟା ରାମମନ୍ଦିରର ପ୍ରାଣ ପ୍ରତିଷ୍ଠାକୁ ସେ ବିରୋଧ କରିଥିଲେ ଓ କହିଥିଲେ ଯେ ମନ୍ଦିରର ଶିଖର (ଚୂଳ), କଳଶ ଏବଂ ଧ୍ୱଜ ସ୍ଥାପନ ପୁର୍ବରୁ ଅଧାଗଢା ମନ୍ଦିରର ପ୍ରାଣ ପ୍ରତିଷ୍ଠା କରାଯିବା ଉଚିତ୍ ନୁହେଁ। ଏଭଳି ଅଧାଗଢା ମନ୍ଦିରରେ ମୂର୍ତ୍ତି ସ୍ଥାପନ ଶାସ୍ତ୍ର ବିରୁଦ୍ଧ ଅଟେ। ସେହିଭଳି ନଭେମ୍ବର୨୦୨୫ରେ ରାମମନ୍ଦିରର ଧ୍ୱଜାରୋହଣକୁ ମଧ୍ୟସେ ବିରୋଧ କରି କହିଥିଲେ ଯେ ଶାସ୍ତ୍ରରେ ଧ୍ୱଜାରୋହଣ କଥା ନାହିଁ। ଏପରିକି ଅଧାଗଢ଼ା ମନ୍ଦିରରେ ମୂର୍ତ୍ତି ପ୍ରତିଷ୍ଠା ଓ ଧ୍ୱଜାରୋହଣର ଆୟୋଜନକୁ ଶାସ୍ତ୍ର ବିରୋଧି କହିବା ସହ ଏହି ଆୟୋଜନ ବେଳେ ଶଙ୍କରାଚାର୍ଯ୍ୟଙ୍କୁ ଆମନ୍ତ୍ରଣ କରାନଯିବା ଘଟଣା ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରୟାଗରାଜରେ ଅନୁଷ୍ଠିତ ମହାକୁମ୍ଭ ମେଳାରେ ଦଳାଚକଟା ଘଟଣାରେ ସେ ଯୋଗୀ ସରକାରର କଡ଼ା ସମାଲୋଚନା କରିଥିଲେ । ଏପରିକି କୁମ୍ଭମେଳାରେ ଘଟିଥିବା ଅଘଟଣା ପାଇଁ ଯୋଗୀ ସରକାରକୁ ଦାୟୀ କରି ଯୋଗୀ ଆଦିତ୍ୟନାଥ ଇସ୍ତଫା ଦେବା ଉଚିତ୍ ବୋଲି କହିଥିଲେ।

ଏତିକି ନୁହେଁ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ବାରାଣାସୀର କାଶି ବିଶ୍ୱନାଥ କରିଡ଼ର ନିର୍ମାଣଆଳରେ ପୁରାତନ ମନ୍ଦିର ଭଙ୍ଗାଯାଇଛି ବୋଲି ଅଭିଯୋଗ କରିଥିଲେ। ଏହି କରିଡ଼ର ସ୍ଥାପନ ପାଇଁ ଗୋବିନ୍ଦେଶ୍ୱର ମହାଦେବ ମନ୍ଦିର ଭାଙ୍ଗିଯିବା ଘଟଣାକୁ ବିରୋଧକରି ସେ ଧାରଣାରେ ବସିଥିଲେ ଓ ଧର୍ମ ସଂସଦ ମଧ୍ୟ ଚଳାଇଥିଲେ। ଶଙ୍କରାଚାର୍ଯ୍ୟ ହେଉଛନ୍ତି ସନାତନ ଧର୍ମର ଆଦିଗୁରୁ ଓ ସନ୍ଥ ପରମ୍ପରାର ବାହକ। ଦେଶରେ ଥିବା ୪ଟି ପୀଠ ମଧ୍ୟରୁ ବଦ୍ରୀନାଥର ଜ୍ୟୋତିପୀଠର ଶଙ୍କରାଚାର୍ଯ୍ୟ ହେଉଛନ୍ତି ଅବିମୁକ୍ତେଶ୍ୱରାନନ୍ଦ। ସନାତନଧର୍ମ ସମ୍ବନ୍ଧିତ ସମସ୍ତ ନିର୍ଣ୍ଣୟ ଏହି ପୀଠର ଶଙ୍କରାଚାର୍ଯ୍ୟ ହିଁ କରିଥାନ୍ତି। ଏଣୁ ଶଙ୍କରାଚାର୍ଯ୍ୟ ଭଳି ବରିଷ୍ଠତମ ଧାର୍ମିକ ପଦରେ ଅଧିଷ୍ଠିତ ତଥା ସର୍ବମାନ୍ୟ ସନ୍ଥଙ୍କୁ ଅପମାନିତ କରାଯିବାର ଅର୍ଥ ହେଉଛି ପ୍ରକାରାନ୍ତରେ ସନାତନ ଧର୍ମକୁ ଅପମାନିତ କରିବା। ଏବେ ସନ୍ଥ ସମାଜ ଓ ସନାତନୀ ମାନେ ଅବିମୁକ୍ତେଶ୍ୱରା ନନ୍ଦଙ୍କୁ ଅପମାନିତ କରାଯିବା ଘଟଣାକୁ ନେଇ କ'ଣ ପଦକ୍ଷେପ ନେବେ ସେକଥା ସମୟ କହିବ କିନ୍ତୁ ନିଜକୁ ସନାତନି ଓ ହିନ୍ଦୁ କହୁଥିବା ଲୋକେ ଏ ବାବଦରେ ଭାବିବେ ନିଶ୍ଚୟ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS

ସମ୍ବାଦ କଳିଙ୍ଗ

ଭୁବନେଶ୍ୱର, ୩ ଫେବୃୟାରୀ ୨୦୨୬ ମଙ୍ଗଳବାର





# ବେଆଇନ୍ ବାଲି ଚାଲାଣକୁ ନେଇ ଜନ ଆକ୍ରୋଶ:ଓଭରଲୋଡେଡ୍ ହାଇୱା ଜବତ




**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ଅଞ୍ଚଳରେ ଚୋରା ବାଲି ମାଫିଆଙ୍କ ପ୍ରାଦୁର୍ଭାବ ଓ ବେପରୁଆ ଗାଡ଼ି ଚାଲାଣକୁ ନେଇ ଜନ ଅସନ୍ତୋଷ ଉଗ୍ର ରୂପ ଧାରଣ କରିଛି। ଦିହୁଡ଼ି ଆନନ୍ଦପୁର-ଖଡ଼ିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ବେଆଇନ୍ ବାଲି ବୋଝେଇ ହେଉଥିବା ଏକ ୧୦ ଚକିଆ ହାଇୱାକୁ ଗ୍ରାମବାସୀ ସଂଘବଦ୍ଧ ଭାବେ ଅଟକାଇ ପୋଲିସ ଜିମା ଦେଇଛନ୍ତି। ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରୁ ଏହି ହାଇୱାଟି କ୍ଷମତା ଠାରୁ ଯଥେଷ୍ଟ ଅଧିକ ବାଲି ବୋଝେଇ କରି କାଶିଆ ନନା ଛକ ଦେଇ ଯାଉଥିଲା। ସକାଳେ ଗ୍ରାମବାସୀମାନେ ଏକଜୁଟ୍ ହୋଇ ଗାଡ଼ିଟିକୁ ଅଟକାଇଥିଲେ। ଏହାପରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଗାଁ ଲୋକେ ପଚାରିବାରୁ ଜଣାପଡ଼ିଲା ଯେ, ଡ୍ରାଇଭର ଓ ହେଲ୍ପରଙ୍କ ପାଖରେ ବାଲି ପରିବହନ ପାଇଁ ଆବଶ୍ୟକୀୟ Y-Form ବା ଟ୍ରାଞ୍ଜିଟ୍ ପାସ୍ ନଥିଲା। ଗାଡ଼ିରେ ଅନୁମତି ଠାରୁ ପ୍ରାୟ ୨ ଫୁଟ୍ ଅଧିକ ଉଚ୍ଚର ବାଲି ଲୋଡ୍ ହୋଇଥିଲା। ଗ୍ରାମବାସୀଙ୍କ ପଚରା ଉଚରା ବେଳେ ଡ୍ରାଇଭର ବେଆଇନ୍ ପରିବହନ କଥା ସ୍ୱୀକାର କରିଥିଲେ, ଯାହାର ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ କଂକ୍ରିଟ୍ ରାସ୍ତାର କ୍ଷମତା କମ୍ ଥିବାବେଳେ ଏହି ହାଇୱା ଯଥେଷ୍ଟ ଅଧିକ ଓଜନର ଥିଲା। ଓଭରଲୋଡେଡ୍ ଭାରିଯାନ ଯୋଗୁଁ ରାସ୍ତାରେ ବଡ଼ ଧରଣର ଫାଟ ସୃଷ୍ଟି ହୋଇଛି। ହାତିଡିଆ ଠାରୁ ଖଡ଼ିପଦା ମଧ୍ୟରେ ୫ କିଲୋମିଟର ରାସ୍ତାରେ ପ୍ରାୟ ୨୦ରୁ ଅଧିକ ସ୍ଥାନରେ ରାସ୍ତା ଫାଟିଯାଇଥିବା ବେଳେ ଦକ୍ଷିଣ କୁରୁଆ ଛକ ଓ ତାରିଣୀ ମନ୍ଦିର ନିକଟରେ ରାସ୍ତା ଦବି ଯାଇଥିବା ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ, ରାତି ଅଧରେ ଦ୍ରୁତ ଗତିରେ ଯାଉଥିବା ଏହି ହାଇୱା ଗୁଡ଼ିକ ଯୋଗୁଁ ଧନଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। କାଶିଆ ଛକରେ ଏକ ଦୋକାନ ଘରର ଛାତକୁ ମଧ୍ୟ ଗାଡ଼ି ଚାଞ୍ଚି ନେଇଥିବା ଅଭିଯୋଗ ହୋଇଛି। ଖବର ପାଇ ଧାମନଗର ଥାନା ଏସ୍‌ଆଇ ମହେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ହାଇୱାଟିକୁ ଜବତ କରିବା ସହ ଥାନାକୁ ନେଇ ଅଟକ ରଖିଛି। ଲଘୁ ଖଣିଜ ଚୋରି, ସରକାରୀ ସମ୍ପତ୍ତି (ରାସ୍ତା) ନଷ୍ଟ ଏବଂ ଓଭରଲୋଡିଂ ଅଭିଯୋଗରେ ପୋଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ବାଲି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ଗ୍ରାମବାସୀମାନେ ନିୟମିତ ପାଟ୍ରୋଲିଂ ପାଇଁ ଦାବି କରିଛନ୍ତି।

## ଗଞ୍ଜାମରେ ବାଟ ହୁଡୁଛି ଡ଼ିଜିଟାଲ୍ ଶିକ୍ଷା

# ବ୍ୟବହାର ନହୋଇ ନଷ୍ଟ ହେଉଛି ଶତାଧିକ ଟାବ୍‌ଲେଟ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୂର୍ବ ସରକାର ସମୟରେ ଡିଜିଟାଲ୍ ଶିକ୍ଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ବଣ୍ଟନ କରାଯାଇଥିବା ଟାବ୍‌ଲେଟ୍ ଏବେ ଅଲୋଡ଼ା । ଜିଲ୍ଲାର ଅନେକ ବିଦ୍ୟାଳୟରେ ଟାବ୍‌ଲେଟ୍‌ରେ ଆବଶ୍ୟକ ଶିକ୍ଷାମୂଳକ ଆପ୍ ଠିକ୍ ଭାବେ କାମ କରୁନି, ଇଣ୍ଟରନେଟ୍ ସଂଯୋଗ ନଥିବା ଓ ବ୍ୟାଟେରୀ ସମସ୍ୟା ଯୋଗୁଁ ପାଠପଢ଼ା ପ୍ରଭାବିତ ହେଉଛି । ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳୁଛି । ସୂଚନା ମୁତାବକ, ଗଞ୍ଜାମ ଜିଲ୍ଲାକୁ ବିଜେଡ଼ି ତଥା ପୂର୍ବ ସରକାରଙ୍କ ସମୟରେ ମୋଟ୍ ୬୭୮୩ଟି ଟାବ୍‌ଲେଟ୍ ପ୍ରଦାନ କରାଯାଇଥିଲା । ମୟୁରଭଞ୍ଜ ଜିଲ୍ଲା ପରେ ଗଞ୍ଜାମ ଜିଲ୍ଲାକୁ ରାଜ୍ୟର ଦ୍ୱିତୀୟ ସର୍ବାଧିକ ଟାବ୍‌ଲେଟ୍ ପ୍ରଦାନ କରାଯାଇଥିଲା । ସେଥିମଧ୍ୟରୁ ଜିଲ୍ଲାର ସୋରନା ବ୍ଲକ୍‌ରେ ସର୍ବାଧିକ ୪୧୩ଟି ଟାବ୍‌ଲେଟ୍ ପ୍ରଦାନ କରାଯାଇଥିବା ବେଳେ ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ୩୯୧ଟି ଓ ଖଲ୍ଲିକୋଟ ବ୍ଲକ୍‌ରେ ୩୭୦ଟି ବଣ୍ଟନ କରାଯାଇଛି । ଉକ୍ତ ଟାବଲେଟ୍‌ଗୁଡ଼ିକୁ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ସମ୍ପର୍କିତ ବିଭିନ୍ନ ସୂଚନା, ତାଲିମ୍ ଓ ଶୈକ୍ଷିକ ଅଗ୍ରଗତିର ତଥ୍ୟ ସମ୍ବଳିତ କରିବାକୁ ଏହା ପ୍ରଦାନ କରାଯାଇଛି । ଅନେକ ବିଦ୍ୟାଳୟରେ ଏହା ଅବ୍ୟବହୃତ ଅବସ୍ଥାରେ ରହିଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ କିଛି ବିଦ୍ୟାଳୟର ଟାବ୍‌ଲେଟ୍ ଚୋରି ହୋଇଯାଇଛି । ଫଳରେ ଡିଜିଟାଲ୍ ଶିକ୍ଷାର ବିକାଶ ପାଇଁ ପ୍ରଦାନ କରାଯାଇଥିବା ଟାବ୍‌ଲେଟ୍ କାମରେ ଲାଗୁନାହିଁ । କେତେଜଣ ଶିକ୍ଷକଙ୍କ କହିବା ଅନୁସାରେ ଟାବ୍‌ଲେଟ୍‌ରେ ପୂର୍ବରୁ ଲୋଡ୍ ଥିବା ପାଠ୍ୟସାମଗ୍ରୀ ଅଧା ଅଧୁରା ଥିବା ସହିତ ସଫ୍ଟୱେର ଅପଡ଼େଟ୍ ନହେବାରୁ ଶ୍ରେଣୀକକ୍ଷରେ ବ୍ୟବହାର କରିବା ସମ୍ଭବ ହେଉନି । ଅନ୍ୟପଟେ ଟାବ୍‌ଲେଟ୍ ମିଳିଥିଲେ ମଧ୍ୟ ସେଥିରେ ପଢ଼ା ସମ୍ପର୍କିତ ଭିଡ଼ିଓ ଓ ନୋଟ୍ ଦେଖିପାରୁନଥିବା ଛାତ୍ରଛାତ୍ରୀମାନେ କହୁଛନ୍ତି । କେବଳ ଟାବ୍‌ଲେଟ୍ ନୁହଁ ଅଧିକାଂଶ ବିଦ୍ୟାଳୟକୁ ଦିଆଯାଇଥିବା କମ୍ପ୍ୟୁଟର ଗୁଡ଼ିକ ମଧ୍ୟ ଅଚଳ ହୋଇ ପଡ଼ିରହିଛି । ଶୈକ୍ଷିକ ପ୍ରଶାସନର ଦକ୍ଷତା ବୃଦ୍ଧି ସହ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶକୁ ଲକ୍ଷ୍ୟରେ ରଖି ବ୍ଲକସ୍ତରରେ ବିଦ୍ୟାଳୟଙ୍କୁ ପ୍ରଦାନ କରାଯାଇଛି । କିନ୍ତୁ ଉପଯୁକ୍ତ ପ୍ରଶିକ୍ଷଣ, ଶିକ୍ଷା ପ୍ରଶାସନର ଉଦାସୀନତା ଓ ଆନ୍ତରିକତା ଅଭାବରୁ ଏଗୁଡ଼ିକ ଖତ ଖାଉଛି । ଏହି ସମସ୍ୟା ନେଇ ଅଭିଭାବକମାନେ ଚିନ୍ତା ପ୍ରକାଶ କରି ସରକାରଙ୍କୁ ଶୀଘ୍ର ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଯଥାଶୀଘ୍ର ଟେକ୍ନିକାଲ୍ ସମସ୍ୟା ସମାଧାନ, ଉଚିତ୍ ଇଣ୍ଟରନେଟ୍ ସୁବିଧା ଓ ନିୟମିତ ରକ୍ଷଣାବେକ୍ଷଣ କରାଯାଇପାରିଲେ ଡିଜିଟାଲ୍ ଶିକ୍ଷାର ଉଦ୍ଦେଶ୍ୟ ସାର୍ଥକ ହେବ ବୋଲି ସାଧାରଣରେ ଦାବି ହୋଇଛି ।

# ଭୂମିହୀନଙ୍କୁ ଜମିପଟ୍ଟା ବାଣ୍ଟିଲେ ମନ୍ତ୍ରୀ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ମୁଖ୍ୟ ଦପ୍ତର ସ୍ଥିତ ତହସିଲ କାର୍ଯ୍ୟାଳୟ ଠାରେ ଓଡ଼ିଶା ସରକାରଙ୍କ ଜନହିତକାରୀ ବସୁନ୍ଧରା ଯୋଜନାରେ ଭୂମିହୀନ ମାନଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଗଣଶିକ୍ଷା ଓ ଆଦିବାସୀ ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଭୂମିହୀନ ପରିବାର ମାନଙ୍କୁ ଜମିର ପଟ୍ଟା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେପି ଉପସଭାପତି ରମେଶ ସାହୁ, ଶିବନାଥ ବାନାର୍ଜୀ ପ୍ରମୁଖ ଯୋଗଦେଇଥିଲେ । ଏହି ଯୋଜନା ମାଧ୍ୟମରେ ଭୂମିହୀନ ଲୋକମାନେ ନିଜସ୍ୱ ଜମିର ଆଇନ୍‌ଗତ ଅଧିକାର ପାଇ ଖୁସି ପ୍ରକାଶ କରିଥିଲେ। ମନ୍ତ୍ରୀ ଶ୍ରୀ ଗଣ୍ଡ ଓଡ଼ିଶା ସରକାରଙ୍କ ଲୋକ କଲ୍ୟାଣମୁଖୀ ନୀତି ବିଷୟରେ ଆଲୋକପାତ କରି ଭୂମିହୀନଙ୍କୁ ସଶକ୍ତ କରିବାରେ ବସୁନ୍ଧରା ଯୋଜନାର ଗୁରୁତ୍ୱ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ରିତୁ ସିଂ, ଅତିରିକ୍ତ ତହସିଲଦାର ମୌସୁମୀ ସଜ୍ଜନଙ୍କ ସମେତ ସମସ୍ତ ତହସିଲ କର୍ମଚାରୀ ଯୋଗଦେଇ ଏହି ସରକାରୀ ଯୋଜନାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୬୧ ଜଣ ଭୂମିହୀନ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା ଓ ଆଗାମୀ ଦିନରେ ଅନ୍ୟ ହିତାଧିକାରୀ ମାନଙ୍କୁ ମଧ୍ୟ ବଣ୍ଟନ କରାଯିବାର ଯୋଜନା ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ପଟ୍ଟା ବଣ୍ଟନ ଭଳି ଏକ ସରକାରୀ କାର୍ଯ୍ୟକ୍ରମରେ ସାମ୍ବାଦିକ ମାନଙ୍କୁ ଡକାଯାଇନଥିବା ଫଳରେ ଅସନ୍ତୋଷ ଦେଖାଯାଇଥିଲା । ଯଦି ଏହିଭଳି ସରକାରୀ କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କୁ ଉପେକ୍ଷା କରାଯାଏ ତେବେ ଆଗାମୀ ଦିନରେ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ସାମ୍ବାଦିକ ମାନେ ବୟ କାଟ୍ କରିବେ ବୋଲି ପ୍ରକାଶ କରିଛନ୍ତି ।

# ସ୍ୱରାଜ ଆଶ୍ରମକୁ ଚରଖାର ଶବ୍ଦ ଫେରାଇ ଆଣିବାକୁ ପ୍ରଶାସନର ପଦକ୍ଷେପ

**କଟକ, ନ୍ୟୁଜ୍ ବ୍ୟୁରୋ**




ଦିନେ ଇଂରେଜମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା 'ଚରଖା' । ଚରଖା ବୁଣିଥିଲା ସ୍ୱଦେଶୀର ବୀଜ । ଏଥିପାଇଁ ସ୍ୱାଧୀନତା ଆନ୍ଦୋଳନ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରିୟ ଅସ୍ତ୍ର ଥିଲା ଏହି ଚରଖା । ଏହି ଆଧାରରେ କଟକରେ ସ୍ୱାଧୀନତା ସଂଗ୍ରାମର ଏନ୍ତୁଡ଼ିଶାଳ କୁହାଯାଉଥିବା ସ୍ୱରାଜ ଆଶ୍ରମରେ ଦିନେ ଚରଖା ଚାଲୁଥିଲା। ତେବେ ସମୟକ୍ରମେ ସ୍ୱରାଜ ଆଶ୍ରମରେ ଚରଖା ବନ୍ଦ ହୋଇଯାଇଥିଲା । ଦୀର୍ଘ ଦିନ ପରେ ଏବେ ପୁଣି ସ୍ୱରାଜ ଆଶ୍ରମରୁ ଶୁଭିବ ଚରଖାର ଶବ୍ଦ । ଗାନ୍ଧିଜୀଙ୍କ ତିରୋଧାନ ଦିବସରେ ସ୍ୱରାଜ ଆଶ୍ରମରେ ଖୋଲିଛି ଚରଖା କେନ୍ଦ୍ର । ସ୍ୱରାଜ ଆଶ୍ରମରେ ଚରଖାର ଶବ୍ଦକୁ ଫେରାଇ ଆଣିବା ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ବାପୁଙ୍କ ରାଜ୍ୟ ଗୁଜରାଟର ଅହମ୍ମଦାବାଦରୁ ୧୨ଟି ସ୍ୱତନ୍ତ୍ର ଚରଖା ଅଣାଯାଇଛି । ଏଥିସହ ମଧ୍ୟପ୍ରଦେଶର ସିହୋର୍ ସ୍ଥିତ ଖଦି ଗ୍ରାମ୍ୟ ଏବଂ ଶିଳ୍ପ କମିସନରୁ ୧୦ କୁଇଣ୍ଟାଲ ରୋଭରିଂ ସୂତା ବା ତୁଳା ଅଣାଯାଇଛି । ଏଥିରୁ ସୂତା ଉତ୍ପାଦନ କରାଯିବା ସହ ଖଦି ମଧ୍ୟ ଉତ୍ପାଦନ କରାଯିବ । ଏଥିପାଇଁ ବର୍ତ୍ତମାନ କେନ୍ଦୁପାଟଣାର ଚିତ୍ରୋତ୍ପଳା ଖଦି ଗ୍ରାମୋଦ୍ୟୋଗକୁ ଦାୟିତ୍ୱ ଦିଆଯାଇଛି । ଏହି ସଂସ୍ଥା ଜରିଆରେ ସୂତା ସାଙ୍ଗକୁ ଖଦି ମଧ୍ୟ ପ୍ରସ୍ତୁତ କରାଯିବ । ଅପରପକ୍ଷରେ ଯେଉଁମାନେ ଚରଖା ଚଳାଇବାକୁ ଆଗ୍ରହୀ ବା ଖଦି ଉତ୍ପାଦନ କାର୍ଯ୍ୟ ଶିଖିବା ପାଇଁ ଆଗ୍ରହୀ ସେମାନଙ୍କୁ ମଧ୍ୟ ତାଲିମ୍ ଦେବାର ବ୍ୟବସ୍ଥା ରହିଛି । ଏହି ତାଲିମ୍ କାର୍ଯ୍ୟକ୍ରମ ଖଦି ଗ୍ରାମ ଏବଂ ଶିଳ୍ପ କମିଶନଙ୍କ ପକ୍ଷରୁ ଦିଆଯିବ ବୋଲି କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ସୂଚନା ଦେଇଛନ୍ତି । ଶ୍ରୀ ସାହୁ କହିଛନ୍ତି, ସ୍ୱରାଜ ଆଶ୍ରମ ପୁଣିଥରେ ଚଳଞ୍ଚଳ ହୋଇଉଠିବ । ଏହା ମଧ୍ୟରୁ ପୁଣିଥରେ ଚରଖାର ଘରଘର ଶବ୍ଦ ଶୁଭିବ । ଏଠାରେ ଚରଖାରୁ କଟାଯାଉଥିବା ସୂତା କେବଳ ବସ୍ତ୍ର ତିଆରି କରିବାରେ ସାହାଯ୍ୟ କରିବନି, ବରଂ ବାପୁଙ୍କ ଅହିଂସା ମନ୍ତ୍ରରେ ସଭିଙ୍କୁ ଏକତାର ସୂତ୍ରରେ ବାନ୍ଧିଦେବ । ଉଲ୍ଲେଖନୀୟ, ସ୍ୱରାଜ ଆଶ୍ରମରେ ପ୍ରଥମେ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ବାପୁ ପାଦ ଦେଇଥିଲେ । ୨୩ ଏବଂ ୨୪ ଦୁଇଦିନ ସେ ପତ୍ନୀ କସ୍ତୁରବା ଏବଂ ସାନ ପୁତ୍ର ଦେବଦାସଙ୍କ ସହ ଏହିଠାରେ ରହିଥିଲେ। ପୁଣି ୧୯୨୫ ମସିହାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନିମନ୍ତ୍ରଣ କ୍ରମେ ଓଡ଼ିଶା ଆସିଥିବାବେଳେ ଏହି ଆଶ୍ରମରେ ପୁଣି ଗୋଟିଏ ରାତି କଟାଇଥିଲେ । ସେହି ସମୟରେ ଏହି ଆଶ୍ରମରେ ବାପୁଙ୍କ ହାତରେ ଖଦି ପ୍ରଦର୍ଶନୀର ଉଦ୍ଘାଟନ ହୋଇଥିଲା । ଏହି ଆଶ୍ରମ ଉତ୍କଳ ପ୍ରଦେଶ କଂଗ୍ରେସ୍ କମିଟିର କାର୍ଯ୍ୟାଳୟ ଥିଲା । ଏହି ଆଶ୍ରମରେ କେବଳ ବାପୁ ନୁହଁନ୍ତି ମୋତିଲାଲ ନେହରୁ, ଜବାହରଲାଲ ନେହରୁ, ଡ. ରାଜେନ୍ଦ୍ର ପ୍ରସାଦ ଏବଂ ଆହୁରି ଅନେକ ରାଷ୍ଟ୍ରନେତା ଅନେକ ସମୟ କଟାଇଛନ୍ତି । ଏହି ଆଶ୍ରମ ଥିଲା ଓଡ଼ିଶାର ଦୁଇ ଅଦ୍ୱିତୀୟ ବରପୁତ୍ର ଗୋପବନ୍ଧୁ ଚୌଧୁରୀ ଏବଂ ନବକୃଷ୍ଣ ଚୌଧୁରୀଙ୍କ କର୍ମସ୍ଥଳୀ । ଏହି ଆଶ୍ରମରେ ଚରଖା ସ୍ଥାନ ପାଇବା ପରେ ଲୋକେ ଚରଖାକୁ ଏଠାରେ ଦେଖିବାର ସୁଯୋଗ ପାଇବେ ।

# ସମ୍ବଲପୁରୀ ନୃତ୍ୟରେ ଝୁମି ଝୁମାଇଲେ ଛାତ୍ରଛାତ୍ରୀ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ୨୫ ତମ ବାର୍ଷିକ ଉତ୍ସବ ପୂର୍ବତନ ପ୍ରଧାନ ଶିକ୍ଷକ ବିପ୍ର ଚରଣ ତ୍ରିପାଠୀଙ୍କ ସଭା ପତିତ୍ୱରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ରାମକୃଷ୍ଣ ମଠର ଯୁବ ସନ୍ୟାସୀ ଶ୍ରୀମଦ ସ୍ୱାମୀ ପଦ୍ମାଳୟା ନନ୍ଦଜି ମହାରାଜ ଯୋଗଦେଇ ଶିଶୁ ଓ ଅଭିଭାବକଙ୍କୁ ଚରିତ୍ରଗଠନ, ସଂସ୍କାର ଓ କର୍ତ୍ତବ୍ୟ ପାରାୟଣ ଉପଦେଶ ମାର୍ଗ ଦର୍ଶନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଶ୍ରୀରାମକୃଷ୍ଣ ଭକ୍ତ ସୁଧୀର କୁମାର ସାହୁ, ନିର୍ଦ୍ଦେଶକ ବିବେକାନନ୍ଦ ପବ୍ଲିକ ସ୍କୁଲ ଓ ଜୁପୀଟର କୋଚିଂ ସେଣ୍ଟର, ଛତ୍ରପୁର, ଗୋଟିଏ ଗାଁ ଭିତରେ ଏପରି ଗୋଟିଏ ସ୍କୁଲରୁ ପିଲାମାନେ ଜାତୀୟ ସ୍ତରରେ ପୁରସ୍କୃତ ସହିତ ଅଭିଭାବକମାନେ ଆଉ ଏଠି ପାଠ ପଢାଉ ଥିବାରୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରମ୍ଭା ଗଣ ମାଧ୍ୟମ ପ୍ରତିନିଧି ନୀଳାଞ୍ଚଳ ସେନାପତି ଉପସ୍ଥିତ ରହିଥିଲେ । ସମାଜ ସେବୀ ଓ ସାମ୍ବାଦିକ ଉମାକାନ୍ତ ବେହେରା ଶିଶୁଙ୍କ ଚରିତ୍ର ଗଠନର ଭୂମିକା ଉପରେ ଆଲୋକପାତ କରିଥିଲେ । ଅତିଥିମାନଙ୍କ ଦ୍ୱାରା ସର୍ବ ପ୍ରଥମେ ସରକାରୀ ବୃତ୍ତି -୨୫ ପଞ୍ଚମ ଶ୍ରେଣୀ ଶିକ୍ଷାର୍ଥୀ ରୁପାଲୀ ସାହୁ ଓ ଦିଶାନ୍ତ ସ୍ୱାଇଁଙ୍କୁ ତୃତୀୟଶ୍ରେଣୀ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ଆଉ ତୃତୀୟ ଶ୍ରେଣୀ ମେଧାବୃତ୍ତିରେ ଓଡ଼ିଶାରେ ନବମ ସ୍ଥାନ ହାସଲ କରିଥିବା ସାଇ ମୌସୁମୀ ପଟ୍ଟନାୟକ ସ୍ୱାମୀ ପଦ୍ମାଳୟା ନନ୍ଦଜି ମହାରାଜ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା। ବାର୍ଷିକ କ୍ରୀଡାର କୃତି ଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ମଞ୍ଚାସିନ ବ୍ୟକ୍ତି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ଅନୁଷ୍ଠାନର ପ୍ରତିଷ୍ଠାତା ରାମକୃଷ୍ଣ ଭକ୍ତ ବଟକୃଷ୍ଣ ତ୍ରିପାଠୀଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ 'ଏଇ ଆମରି ଗାଁ' ମଞ୍ଚସ୍ଥ ହୋଇଥିଲା... ଶିବିର ପରିଚାଳନାରେ ସହଯୋଗ କରିଥିଲେ ଉପ ପ୍ରଧାନ ଆଚାର୍ଯ୍ୟ ରାମକୃଷ୍ଣ ଭକ୍ତ ଅପରାଜିତା ରଥ ସମସ୍ତ ଦାୟିତ୍ୱ ବହନ ସହ ଜ୍ୟୋତି ବେହେରା, ପାୟଲ ସାହୁ, କେ ଇନ୍ଦିରା ରେଡ୍ଡୀ, ମୋନାଲିସା ଗୌଡ଼, ପୂଜା ମାଳି ପୂଜା ସ୍ୱାଇଁ, ଆଶା ପଲାଇ, ନିୟତି ଗୌଡ଼, ରବୀନ୍ଦ୍ର କୁମାର ସ୍ୱାଇଁ, ଚନ୍ଦ୍ରମା ମାଉସୀ। ବିବେକାନନ୍ଦ ପାଠ ଚକ୍ରର ସେନାପତି ଦୟାନନ୍ଦ ସାହୁ, ଶିବ ଗୌଡ଼, ଅଂଶୁମାନ ସ୍ୱାଇଁ ସାମିଲ ହୋଇଥିଲେ ।

# ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ନାନପୁର ଛକ ନିକଟରେ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ନାନପୁର ଗ୍ରାମର ରାଜେନ୍ଦ୍ର ଦେହୁରୀ ନିଜ ସାଇକେଲରେ ଘରକୁ ଫେରୁଥିବା ବେଳେ ତାଙ୍କୁ ବାଲି ବୋଝେଇ ହାଇୱା ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତାର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତାରେ ଗାଡ଼ି ଭଙ୍ଗା ରୁଜା କରିବା ସହ ଅବରୋଧ କରି ବସିରହିଥିଲେ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାସ୍ଥଳରେ ଧର୍ମଶାଳା ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ରହିଛି।




# ଜରା ନିବାସ ପରିଦର୍ଶନ କଲେ ସାଂସଦ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

କଟକର ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଆଗ୍ରାହାଟ ପଞ୍ଚାୟତର ମଙ୍ଗଳପୁର ସ୍ଥିତ ଜରାଯନ୍ ନିବାସ ପରିଦର୍ଶନ କରିଥିଲେ । ସାଂସଦ ଶ୍ରୀ ମହତାବ ନିବାସର ବରିଷ୍ଠ ଅନ୍ତେବାସୀ ମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିବା ସହିତ ସୋମାନଙ୍କୁ ନୂତନ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଏଥି ସହିତ ନିବାସ ଭିତରେ ନୂତନ ଭାବେ ନିର୍ମିତ ବାସଗୃହ ଗୁଡ଼ିକୁ ବୁଲି ଦେଖିବା ପରେ ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ନିବାସରେ ରହୁଥିବା ଅନ୍ତେବାସୀ ମାନଙ୍କ ଚିକିତ୍ସା ପାଇଁ ଏକ ଡାକ୍ତରଖାନା ନିର୍ମାଣର ପ୍ରୟାସ କରାଯାଉଥିବା ଅନୁଷ୍ଠାନର ମୁଖ୍ୟ ଶିବ ନାରାୟଣ ପଣ୍ଡା ସାଂସଦଙ୍କୁ ସୂଚନା ପ୍ରଦାନ କରି ଏଥିପାଇଁ ସାଂସଦଙ୍କ ସହଯୋଗ କାମନା କରିଥିଲେ । ଏହି ଦିବସଟି ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରି ଅନୁଷ୍ଠାନକୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ସାଂସଦ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବତନ ବିଧାୟକ ତଥା ଅନୁଷ୍ଠାନର ଉପଦେଷ୍ଟା ଧର୍ମାନନ୍ଦ ବେହେରା ଓ ଲୋକ ପ୍ରତିନିଧି ଅଭୟ କୁମାର ବାରିକ ପ୍ରମୁଖ ଏହି କାର୍ଯ୍ୟମରେ ଅତିଥି ଭାବେ ଯୋଗ ଦେଇଥିଲେ । ଡ. ଅବନ୍ତିକା କର, ଡ. ସ୍ୱାତି ପଟ୍ଟନାୟକ, ମୋନାଲିସା ପାଢ଼ୀ ଏବଂ ସ୍ୱୟଂ ନାରାୟଣ ପଣ୍ଡା ପ୍ରମୁଖ ସାଂସଦଙ୍କୁ ସ୍ୱାଗତ କରିବା ସହିତ ଜରା ନିବାସ ବୁଲାଇ ଦେଖାଇଥିଲେ ।

# ପଞ୍ଚାୟତ କଲେଜ ପିଜି ବିଭାଗ ପକ୍ଷରୁ ଦୁଇ ଦିନିଆ ନ୍ୟାସନାଲ୍ କନ୍‌ଫରେନ୍ସ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ପିଜି ଡିପାର୍ଟମେଣ୍ଟ ଆଭିମୁଖ୍ୟରେ ଫ୍ରଣ୍ଟିୟର୍ସ ଇନ୍ ଫିଜିକ୍ସ ଆଣ୍ଡ ଟେକ୍‌ନୋଲୋଜି ଉପରେ ଦୁଇ ଦିନିଆ ନ୍ୟାସନାଲ୍ କନ୍‌ଫରେନ୍ସ ସୁଚାରୁ ରୂପେ ଅନୁଷ୍ଠିତ ହୋଇଯାଇଛି । ଜାନୁଆରୀ ୩୧, ୨୦୨୬ରେ କଲେଜ କ୍ୟାମ୍ପସ୍‌ରେ ଥିବା ସିଭି ରମନ ସେମିନାର ହଲ୍‌ରେ ଅନୁଷ୍ଠିତ ହୋଇଥିବା ଏହି କନ୍‌ଫରେନ୍ସ ଜାନୁଆରୀ ୩୧ ଏବଂ ଫେବୃୟାରୀ ୧ ତାରିଖରେ ହାଇବ୍ରିଡ ମୋଡ଼ରେ ଅନୁଷ୍ଠିତ ହୋଇଥିଲା, ଯାହା ଦେଶ ବିଦେଶରୁ ପ୍ରଖ୍ୟାତ ବିଜ୍ଞାନୀ, ଶିକ୍ଷାବିଦ, ଗବେଷଣା ସ୍କଲାର ଏବଂ ଛାତ୍ରମାନଙ୍କୁ ଆକର୍ଷିତ କରିଥିଲା। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କନ୍‌ଫରେନ୍ସକୁ ଉଦ୍‌ଘାଟନ କରି ଅତିଥି ସ୍ୱାଗତ ଏବଂ କଲେଜ ଆନ୍ଥେମ ଏବଂ ସ୍ୱାଗତ ସଂଗୀତ ସହିତ କାର୍ଯ୍ୟାରମ୍ଭ କରାଯାଇଥିଲା। ପଞ୍ଚାୟତ କଲେଜ, ବରଗଡ଼ର ପ୍ରିନ୍ସିପାଲ ଏବଂ କନ୍‌ଫରେନ୍ସର ପ୍ରତିଷ୍ଠାତା ଡଃ ନକୁଲ ସେଠ ସ୍ୱାଗତ ଭାଷଣ ଦେଇଥିବା ବେଳେ ଫିଜିକ୍ସ ଡିପାର୍ଟମେଣ୍ଟର ମୁଖ୍ୟ ଏବଂ କନ୍‌ଭେନର୍ ଡଃ ଲିପ୍ସା ନନ୍ଦ କନ୍‌ଫରେନ୍ସ ଥିମ୍ ଉପରେ ଶିକ୍ଷା ଦେଇଥିଲେ। ଅର୍ଗାନାଇଜିଙ୍ଗ ସେକ୍ରେଟାରୀ ଡଃ କିଶୋର ନାୟକ କିନୋଟ ଆଡ୍ରେସ ଦେଇଥିଲେ । ଉଦ୍‌ଘାଟନୀ ଅନୁଷ୍ଠାନର ଏକ ମୁଖ୍ୟ ଆକର୍ଷଣ ଥିଲା କନ୍‌ଫରେନ୍ସ ସୋଭେନିୟର ଅତିଥି ମାନଙ୍କ ଦ୍ୱାରା ଡିପାର୍ଟମେଣ୍ଟାଲ ମାଗାଜିନ 'ଅନ୍ୱେଶନମ' ଉନ୍ମୋଚନ କରାଯାଇଥିଲା। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଶୁଶ୍ରୀ ସ୍ମୃତି ସ୍ମିତା ସାମଲ, ପଙ୍କଜିନୀ ରାଏ, ଅନିରୁଦ୍ଧ ରୋହିଦାସ, ରୀତା ପାଣ୍ଡେ, ମନୋବାଞ୍ଛା କୌଶଳ, ପ୍ରଭାସ ରଞ୍ଜନ ଭୋଇ, ସଞ୍ଜୟ ପୋଢ ଏବଂ ଗଣିତ, ରସାୟନ ଓ ଅନ୍ୟାନ୍ୟ ବିଜ୍ଞାନ ବିଭାଗର ସମସ୍ତ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ଶେଷରେ ଡଃ କିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥି ପରିଚୟ ପ୍ରଦାନ ଦେଇଥିଲେ। ଅତିଥିମାନଙ୍କୁ ଡଃ ନକୁଲ ସେଠ ଏବଂ ଡଃ ଉମେଶ ଚନ୍ଦ୍ର ମହାପାତ୍ର, ଆଡମିନିଷ୍ଟ୍ରେଟିଭ ବର୍ସାର ଫେଲିସିଟ କରିଥିଲେ । ଡଃ ବିନୟ କୁମାର ସାହୁ, ଅର୍ଗାନାଇଜିଙ୍ଗ ସେକ୍ରେଟାରୀ, କନ୍‌ଫରେନ୍ସର ଲକ୍ଷ୍ୟ ବିଷୟରେ କିଛି ସମୀକ୍ଷା ଦେଇଥିଲେ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ, ଭୁବନେଶ୍ୱରର ଭିଜିଟିଙ୍ଗ ପ୍ରଫେସର ହିରଣ୍ମୟ ମିଶ୍ର

# ଯୋଡ଼ିଙ୍ଗାରେ ବିଜେପିର ମିଶ୍ରଣପର୍ବ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକର ଯୋଡିଙ୍ଗା ଠାରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଓ ଭିବିଜି ରାମଜି କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ରାଇଘର ଜୋନ୍ ନମ୍ବର ୨ ଯୋଡିଙ୍ଗା ବିଜେପି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗଣଶିକ୍ଷା ଓ ଆଦିବାସୀ ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ରାଜ୍ୟ ଉପ ସଭାପତି ରମେଶ ସାହୁ, ଶିବନାଥ ବାନାର୍ଜୀ, ସନ୍ତୋଷ ମହାପାତ୍ର, ଶିବକୁମାର ଗଣ୍ଡ, ପୂର୍ଣ୍ଣଚନ୍ଦ୍ର ଗଣ୍ଡ, ବିଶ୍ୱନାଥ ସିଲ୍ ପ୍ରମୁଖ ମଞ୍ଚାସିନ ଥିବାବେଳେ କାର୍ଯ୍ୟକ୍ରମକୁ ଶରତ ଜେନା ପରିଚାଳନା କରିଥିଲେ । ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶ୍ରଣ ଗ୍ରାମୀଣ ଯୋଜନା ମାଧ୍ୟମରେ ଲୋକଙ୍କୁ ୧୦୦ ଦିନ ପରିବର୍ତ୍ତେ ୧୨୫ ଦିନର କାମ ଯୋଗାଇ ଦିଆଯିବ, ଏହି ଯୋଜନା ମାଧ୍ୟମରେ ବିଭିନ୍ନ ଯୋଜନା ଗୁଡିକ ଗ୍ରହଣ କରି ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରାଯାଇପାରିବ ବୋଲି ରମେଶ ସାହୁ ପ୍ରକାଶ କରିଥିଲେ । ଭାରତୀୟ ଜନତା ପାର୍ଟିରେ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଇଘର ଜୋନ୍ ୨ ଅନ୍ତର୍ଗତ ଯୋଡିଙ୍ଗା, ଜଳଙ୍ଗପାରା, ବୋବେଇ, ନାକଟିସିମୋଡା ପଞ୍ଚାୟତର ଶତାଧିକ ବିଜୁ ଜନତା ଦଳ ଓ କଂଗ୍ରେସ ଦଳର କର୍ମୀ ଏହି ମିଶ୍ରଣ ପର୍ବରେ ଯୋଗଦେଇ ଦଳରେ ସାମିଲ୍ ହୋଇଥିଲେ। ଯୋଡ଼ିଙ୍ଗାର ପୂର୍ବତନ ସରପଞ୍ଚ ଟୁନୁ ଗଣ୍ଡ, ମନୋହର ଗଣ୍ଡ, ରତିରାମ ଗଣ୍ଡ, ବନସିଂ ଗଣ୍ଡଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।

# ବିଲୁପ୍ତପ୍ରାୟ ସଙ୍ଗୀତର ପୁନରୁଦ୍ଧାର କ୍ଷେତ୍ରରେ ସଂଯୋଜକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



**କଟକ, ନ୍ୟୁଜ୍ ବ୍ୟୁରୋ**

ରବିବାର ସକାଳ ୧୦ ଘଟିକା ସମୟରେ ରାଜ୍ୟ ସ୍ତରୀୟ ଆକାଶବାଣୀ ସ୍ୱିକୃତି ପ୍ରାପ୍ତ ମ୍ୟୁଜିକ୍ କମ୍ପୋଜରସ ଆସୋସିଏସନ୍‌ର ବୈଠକ ସଭାପତି ପ୍ରଫୁଲ୍ଲ ମିତ୍ରଙ୍କ ଅଧ୍ୟକ୍ଷତାରେ ଚହଟା ସ୍ଥିତ ରଶ୍ମି ପ୍ୟାଲେସ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଭାରତୀୟ ସଙ୍ଗୀତ, ଓଡ଼ିଶାର ବିଭିନ୍ନ ଶୈଳୀର ସଙ୍ଗୀତ ତଥା ଲୋପ ପାଇ ଆସୁଥିବା ସଙ୍ଗୀତର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସଙ୍ଗୀତ ସଂଯୋଜକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସର୍ବ ସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା। ଏଥିପାଇଁ ସଙ୍ଗୀତ ସଂଯୋଜକ ମାନଙ୍କର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ସେହିପରି ଗଣମାଧ୍ୟମର ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଥିଲା। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବେ ବୋଲି ଆମକା (ଆକାଶବାଣୀ ସ୍ୱିକୃତି ପ୍ରାପ୍ତ ମ୍ୟୁଜିକ୍ କମ୍ପୋଜରସ ଆସୋସିଏସନ୍) ନିବେଦନ କରିଛନ୍ତି। ଏହି ସଭାରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ ସର୍ବଶ୍ରୀ ଓମ୍ ପ୍ରକାଶ ମହାନ୍ତି, ମନ୍ମଥ ମିଶ୍ର, ସୁଭାଷ ଦାସ, ଚୌଧୁରୀ ଭାରତୀକୃଷ୍ଣ ଦାସ, ଜଗନ୍ନାଥ କୁଅଁର, ବିଶ୍ୱନାଥ ମିଶ୍ର, ଗୁରୁପ୍ରସାଦ ଦାସ, ସୁଶାନ୍ତ ନାଥ, ପ୍ରଫୁଲ୍ଲ ବେହେରା, ଗଙ୍ଗାଧର ଦାସ, ବିଜୟ ସାମନ୍ତରାୟ, ଶଙ୍କର ପ୍ରଧାନ, ସନ୍ନ୍ୟାସୀ ପରିଛା, ଧୀରେନ୍ ପଟ୍ଟନାୟକ, ପରମାନନ୍ଦ ସାହୁ, ପ୍ରଦୀପ ଗୁରୁଙ୍ଗ, ରଞ୍ଜନ ମିଶ୍ର, ମନୋରଞ୍ଜନ ପାଢ଼ୀ ଆଦି ୬୦ରୁ ଉର୍ଦ୍ଧ୍ୱ ସଙ୍ଗୀତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଉକ୍ତ ସଭାରେ ବିଶିଷ୍ଟ ଅତିଥି ଭାବରେ ଦୁଇ ବରିଷ୍ଠ ପୋଲିସ ଅଧିକାରୀ ଅମିତାଭ ମହାପାତ୍ର ଓ କୃଷ୍ଣଚନ୍ଦ୍ର ସେଠୀ ମାର୍ଗଦର୍ଶନ କରିଥିଲେ। ପ୍ରାରମ୍ଭରେ ଦିବଂଗତ ସିତାର ବାଦକ ତଥା ସଙ୍ଗୀତ ସଂଯୋଜକ ରବି ଶଙ୍କର ପ୍ରଧାନ, ଅଖିଳ ଲେଙ୍କା, ଭାନୁମତୀ ସାହୁ, ନିହାର ରଞ୍ଜନ ମହାନ୍ତି ଓ ରାଧାକାନ୍ତ ନନ୍ଦଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

# ରୋଟାରୀ କ୍ଲବ ରାଉରକେଲା ଅର୍ବାନର ସାମାଜିକ କାର୍ଯ୍ୟକ୍ରମ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରୋଟାରୀ କ୍ଲବ ଅଫ୍ ରାଉରକେଲା ଅର୍ବାନ୍ ତରଫରୁ ବାସ୍କେଟ୍ ବଲ୍ ଷ୍ଟାଣ୍ଡ ଓ ବଲ୍ ଗର୍ଜନ ସ୍ଥିତ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରଦାନ କରାଯାଇଛି। ୩୨୬୧ର ଜିଲ୍ଲା ଗଭର୍ଣ୍ଣର ରୋଟାରୀଆନ୍ ଅମିତ ଜୟସ୍ୱାଲଙ୍କ ରାଉରକେଲା ଗସ୍ତ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା ଓ ରାଉରକେଲା ଅର୍ବାନର ସଭାପତି ରୋଟାରିଆନ ଉଦିତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଜି ରୋଟାରିଆନ୍ ଜୟସ୍ୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାସ୍କେଟ୍ ବଲ୍ କୋର୍ଟକୁ ଉଦଘାଟନ କରିବା ସହ ଅର୍ବାନ୍‌ର ସାମାଜିକ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବାସ୍କେଟ୍ ବଲ୍ ଏକ ଶାରିରୀକ ଖେଳ ହୋଇଥିବାରୁ ଏହା ଦ୍ୱାରା ଶାରିରୀକ ଓ ମାନସିକ ସୁସ୍ଥତା ବଜାୟ ରହିବ ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଫାଷ୍ଟଲେଡି ପଲ୍ଲବୀ ଜୟସ୍ୱାଲ, ଆସିଷ୍ଟାଣ୍ଟ ଗଭର୍ଣ୍ଣର କିରଣ ଅରୋରା ଉପସ୍ଥିତ ରହି ଉପସ୍ଥିତ ରୋଟାରିଆନ ମାନଙ୍କୁ ଉତ୍ସାହିତ କରିଥିଲେ। ଅର୍ବାନ୍ ସଭାପତି ଶ୍ରୀ ସାହୁ ସ୍ୱାଗତ ଭାଷଣ ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷତା କରୁଥିବା ପ୍ରଧାନ ଶିକ୍ଷକ ଶ୍ରୀ ପାଣିଗ୍ରାହୀ ରୋଟାରୀ ଅର୍ବାନ୍‌ର କାର୍ଯ୍ୟକ୍ରମ ପାଇଁ ସାଧୁବାଦ ଦେବାସହ କୃତଜ୍ଞତା ଜ୍ଞାପନ କରିଥିଲେ। ଶେଷରେ ସମ୍ପାଦକ ରୋଟାରିଆନ୍ ଡେଜି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ରୋଟାରିଆନଙ୍କ ମଧ୍ୟରେ ସର୍ବଶ୍ରୀ ଡା. ରାମଚନ୍ଦ୍ର ମେହେର, ଡି. ମୋହନ ରାଓ, ବନାନୀ ଦାସ, ପଦ୍ମିନୀ ସାହୁ, ମଞ୍ଜୁରାଣୀ ମେହେର, ଟି. ଅଶ୍ୱିନୀ ପାତ୍ର, ଅଞ୍ଜୁ କକ୍କଡ, ଅଶୋକ କକ୍କଡ, ସରୋଜିନୀ ପାଢ଼ୀ, ସସ୍ମିତା ନାୟକ, ଉଷାରାଣୀ ଦାଶ, ଦେବବ୍ରତ ନାୟକ, ରବିକାନ୍ତ ସିଂ, ଅରୁଣ ସିଂ, କାବେରୀ ପାତ୍ର, ରଶ୍ମିତା ପାତ୍ର, ପୁରନ୍ଦର ସିଂହ, ମନୋଜ କୁମାର ପାହାଡ଼ି, ଶ୍ୟାମ ଭୋଇ, ପ୍ରକାଶ ରଣା, ସହଦେବ ବଡାଇକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ:୩ ଶିକ୍ଷକରେ ଚାଲିଛି ୯ଟି ଶ୍ରେଣୀର ଶିକ୍ଷାଦାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**




୬ ରୁ ୧୪ ବର୍ଷ ବାହାରେ ଥିବା ପିଲାମାନଙ୍କୁ ବିଦ୍ୟାଳୟକୁ ଫେରାଇବା ପାଇଁ ଯୋଜନା କରୁଛନ୍ତି। ହେଲେ କେଉଁଠି ଛାତ୍ରଛାତ୍ରୀ ତୁଳନାରେ ଆବଶ୍ୟକ ଶିକ୍ଷକ ନଥିବାରୁ ଶିକ୍ଷାବ୍ୟବସ୍ଥା ବୌଦ୍ଧ ବ୍ଲକରେ ଏକ ପ୍ରକାର ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ଆସୁଛି। ଏଭଳି ଅଭିଯୋଗ ଆସିଛି ସଦର ବ୍ଲକ ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ ଖଲିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ। ଫଳରେ ରାଜ୍ୟ ସରକାର ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବାପାଇଁ ମାଗଣା ପୋଷାକ, ବହି, ଜୋତା ମୋଜା ଓ ମଧ୍ୟାହ୍ନ ଭୋଜନ ପାଇଁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବା ବେକାର ହୋଇଛି। ସୂଚନାମତେ ଅଞ୍ଚଳର ଶିକ୍ଷାର ବିକାଶ ପାଇଁ ୧୯୫୪ ମସିହାରେ ଏହି ବିଦ୍ୟାଳୟ ଖୋଲାଯାଇଥିଲା। ପ୍ରଥମେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲାଯାଇଥିଲା। ତେବେ ୨୦୦୫ ମସିହାରେ ଉନ୍ନିତ କରାଯାଇ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲାଯାଇଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୨ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ଏମାନଙ୍କ ପାଇଁ ସରକାରୀ ରେସିଓ ଭାବେ ୨ ଜଣ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୪ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ଅଛନ୍ତି। ଯାହାକି ସରକାରୀ ରେସିଓ ହିସାବରେ ୩ ଜଣ ରହିବାକଥା। ଏଭଳି ସ୍ଥିତିରେ କିପରି ଗୁଣାତ୍ମକ ଶିକ୍ଷା ଦିଆଯାଉଥିବ ସହଜେ ଅନୁମେୟ। ଯାହାଫଳରେ ଦିନକୁ ଦିନ ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀ ବିମୁଖ ହେବା ସହିତ ଘରୋଇ ଶିକ୍ଷାନୁଷ୍ଠାନ ପ୍ରତି ଆଗ୍ରହ ବଢୁଛି । ପୂର୍ବରୁ ଏଠାରେ ୫ ଜଣ ଶିକ୍ଷକ ଥିଲେ। ୨୦୨୩ ମସିହାରେ ଶିକ୍ଷକ ସତ୍ୟନାରାୟଣ ସାହୁଙ୍କ ସିଆର୍‌ସିସିକୁ ପଦୋନ୍ନତି ୨୦୨୫ ଫେବୃଆରୀ ମାସରେ ପ୍ରସନ୍ନ ନାଏକଙ୍କ ଅବସର ନେବା ପରଠାରୁ ୩ ଜଣ ଶିକ୍ଷକରେ ଚାଲୁଛି। ତେବେ ପ୍ରଧାନ ଶିକ୍ଷକ ସରୋଜ କୁମାର ସାହୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଗଲେ ୨ ଜଣ ଶିକ୍ଷକରେ ପାଠ ପଢା କିପରି ହେଉଥିବ ସହଜେ ଜଣାପଡେ। ଏନେଇ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର କରିଥିଲେ ମଧ୍ୟ କିଛି ଫଳ ହୋଇନାହିଁ। ତେବେ ତୁରନ୍ତ ଏଠାରେ ଆଉ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି ନକଲେ ଆଗାମୀ ଦିନରେ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି।

# ରଗ୍‌ବି : ଗୋଟିଏ ଦିନରେ ୫ ସ୍ୱର୍ଣ୍ଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଓଡ଼ିଶା ରଗ୍‌ବିରେ ନୂଆ ଇତିହାସ ସୃଷ୍ଟି ହୋଇଛି। ୨୦୨୬ ଫେବ୍ରୁଆରି ୧ ତାରିଖ ଗୋଟିଏ ଦିନରେ ଓଡ଼ିଶାର ଭିନ୍ନ ଭିନ୍ନ ୫ ରଗ୍‌ବି ଦଳ ଜାତୀୟ ସ୍ତରରେ ବିଜେତା ହୋଇଛନ୍ତି। ୪ ବାଳିକା ଓ ୧ ବାଳକ ଦଳ ଏହି ୫ ସ୍ୱର୍ଣ୍ଣ ପଦକ ଜିତି ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଚାଲିଥିବା ଅସ୍ମିତା ମହିଳା ରଗ୍‌ବି ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ଝିଅମାନେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ତ୍ରିମୁକୁଟ ଅର୍ଜନ କରିଛନ୍ତି। ପ୍ରତିଯୋଗିତାରେ ତିନିଟି ଯାକ ବର୍ଗ ବରିଷ୍ଠ, କନିଷ୍ଠ (୧୮ ବର୍ଷରୁ କମ୍) ଓ ଉପକନିଷ୍ଠ (୧୫ ବର୍ଷରୁ କମ୍)ରେ ଟ୍ରଫି କରାୟତ କରିଛନ୍ତି। ୧୫ ବର୍ଷରୁ କମ୍ ବାଳିକା ଫାଇନାଲ୍‌ରେ ଓଡ଼ିଶା ୨୬-୫ରେ ବିହାରକୁ ପରାସ୍ତ କରିବା ପୂର୍ବରୁ ୧୮ ବର୍ଷରୁ କମ୍ ବାଳିକା ଫାଇନାଲ୍‌ରେ ଓଡ଼ିଶା ୨୯-୦ରେ ମହାରାଷ୍ଟ୍ରକୁ ମାତ୍ ଦେଇଥିଲା। ଶେଷରେ ଅନୁଷ୍ଠିତ ବରିଷ୍ଠ ମହିଳା ଫାଇନାଲ୍‌ରେ ଓଡ଼ିଶା ଏକତରଫା ଭାବେ ୪୧-୫ରେ ବିହାରକୁ ପରାସ୍ତ କରିଥିଲା। ଏଠାରେ ଦୁଇ ସପ୍ତାହ ତଳେ ବିହାର ଉପକନିଷ୍ଠ ବାଳିକାରେ ବିଜେତା ହୋଇଥିବାରୁ ଓଡ଼ିଶା ଏହାର ମଧୁର ପ୍ରତିଶୋଧ ମଧ ନେଇଯାଇଛି। ବରିଷ୍ଠ ବର୍ଗରେ କିନ୍ତୁ ଓଡ଼ିଶା ଗତ ଜାତୀୟ ରଗ୍‌ବି ପ୍ରତିଯୋଗିତା ଫାଇନାଲ୍‌ର ପୁନରାବୃତ୍ତି କରି ବିଜେତା ହୋଇଛି। ପ୍ରତିବର୍ଗର ବିଜେତାକୁ ୧.୪୪ ଲକ୍ଷ ଏବଂ ଉପ ବିଜେତାକୁ ୧.୨୦ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଅନ୍ୟ ଦୁଇ ସେମିଫାଇନାଲିଷ୍ଟକୁ ୯୬,୦୦୦ ଟଙ୍କା ଲେଖାଏଁ ମିଳିଛି। ୧୫ ବର୍ଷରୁ କମ୍ ବର୍ଗରେ ଓଡ଼ିଶାର ସୁମି ଗଗରାଇ ୭୧ ପଏଣ୍ଟ ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦୁଇ ଦିନିଆ ଏହି ପ୍ରତିଯୋଗିତାରେଏହି ତିନିଟି ବର୍ଗରେ ଓଡ଼ିଶା ସମେତ ମୋଟ ୨୪ଟି ଦଳ ଓ ୩୩୬ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଅସ୍ମିତା ପଦକ୍ଷେପ ମାଧ୍ୟମରେ ଏହାକୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ରଗବି ଫୁଟ୍‌ବଲ୍ ସଂଘ ସହଯୋଗରେ ଭାରତୀୟ ରଗବି ଫୁଟ୍‌ବଲ୍ ୟୁନିୟନ ପକ୍ଷରୁ ଆୟୋଜନ କରାଯାଉଛି। ଉଦ୍‌?ଯାପନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଡକ୍ଟର ୟେଡୁଲା ବିଜୟ, ଓଡ଼ିଶା ଉଠା ଜଳସେଚିନ ନିଗମ ପରିଚାଳନା ନିର୍ଦ୍ଦେଶିକା ମାନସୀ ନିମ୍ଭଲ, ରଗ୍‌ବି ଇଣ୍ଡିଆ ଉପ ସଭାନେତ୍ରୀ ସନାୟା ମେହେଟ୍ଟା, କ୍ରୀଡ଼ା ଓ ଯୁବସେବା ବିଭାଗ ଅଧିକାରୀ ସୋନାଲି ଚାନ୍ଦ, ସୋନାଲି ଶୁଭଦର୍ଶିନୀ, ଧୀରଜ କୁମାର ପଟ୍ଟନାୟକ, ଓଡ଼ିଶା ରଗ୍‌ବି ଫୁଟ୍‌ବଲ୍ ସଂଘ ସଭାପତି ପ୍ରିୟଦର୍ଶୀ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୬୯ତମ ଜାତୀୟ ସ୍କୁଲ୍ କ୍ରୀଡ଼ାର ରଗ୍‌ବି (୧୯ ବର୍ଷରୁ କମ୍) ପ୍ରତିଯୋଗିତାରେ ଓଡ଼ିଶା ରବିବାର ଦ୍ୱିମୁକୁଟ ଅର୍ଜନ କରିଛି। ତ୍ୟାଗରାଜ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ଓଡ଼ିଶା ବାଳିକା ୨୦-୦ରେ ବିହାରକୁ ଏବଂ ବାଳକ ୧୨-୫ରେ ମହାରାଷ୍ଟ୍ରକୁ ପରାସ୍ତ କରି ଏହି ଗୌରବ ଆଣିଛନ୍ତି। ପୂର୍ବରୁ ସେମିଫାଇନାଲ୍‌ରେ ଓଡ଼ିଶା ବାଳକ ୧୭-୭ରେ ଦିଲ୍ଲୀକୁ ଏବଂ ବାଳିକା ୧୯-୧୦ରେ ମହାରାଷ୍ଟ୍ରକୁ ମାତ୍ ? ଦେଇଥିଲେ। ଏହି ଐତିହାସିକ ଗୌରବ ପାଇଁ ଖେଳାଳିଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଓରଫ ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।

# ଟି-୨୦ ବିଶ୍ୱକପରେ ଭାରତ ସହିତ ନଖେଳିବା ପାଇଁ ପାକିସ୍ତାନର ନିଷ୍ପତ୍ତିକୁ ଭାରତୀୟ ନେତାମାନଙ୍କ ନିନ୍ଦା

ନୂଆଦିଲ୍ଲୀ, ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ ରେ ପାକିସ୍ତାନ ଭାରତ ସହିତ ମ୍ୟାଚ୍ ନଖେଳିବା ନେଇ ଖବର ଉପରେ କଂଗ୍ରେସ ସାଂସଦ ଶଶି ଥରୁର, ରାଜୀବ ଶୁକ୍ଲା, ମଣିକମ ଟାଗୋର, ଟିଏମସି ସାଂସଦ କୀର୍ତି ଆଜାଦ ଏବଂ ପୂର୍ବତନ କ୍ରିକେଟର ମଦନ ଲାଲଙ୍କ ସମେତ ଅନେକ ନେତା ଏହି ନିଷ୍ପତିକୁ ଖେଳର ଭାବନା ବିରୁଦ୍ଧରେ ବୋଲି କହିବା ସହ ଭାରତୀୟ କ୍ରିକେଟ୍ କଂଟ୍ରୋଲ ବୋର୍ଡ଼(ବିସିସିଆଇ) ଏନେଇ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଶଶି ଥରୁର କହିଛନ୍ତି ଯେ, ଖେଳକୁ ରାଜନୀତି ସହିତ ଯୋଡିବା ଲଜ୍ଜାଜନକ। କ୍ରିକେଟ ଭଳି ଖେଳର ଉଦ୍ଦେଶ୍ୟ ଲୋକଙ୍କୁ ଏକତ୍ର କରିବା ହେବା ଉଚିତ୍, କିନ୍ତୁ ଏହି ପ୍ରକାରର ରାଜନୀତି ଏହାକୁ ବିଭାଜନର ଏକ ଉପକରଣ କରିଛି। ଏହି ବିବାଦର ଅନ୍ତ କରିବା ଏବଂ କ୍ରିକେଟକୁ ଏକତାର ମାଧ୍ୟମ ଭାବରେ ବଜାୟ ରଖିବା ପାଇଁ ଆନ୍ତର୍ଜାତିକ କ୍ରିକେଟ ପରିଷଦ(ଆଇସିସି) ତୁରନ୍ତ ହସ୍ତକ୍ଷେପ କରିବା ଉଚିତ୍।

କଂଗ୍ରେସ ସାଂସଦ ତଥା ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା କହିଛନ୍ତି ଯେ, ଆଇସିସି ଖେଳର ଭାବନା ଉପରେ ଆଲୋଚନା କରି ଏକ ଚିଠି ଜାରି କରିଛି ଏବଂ ଆଇସିସି ସହିତ ଆଲୋଚନା କରିବା ପରେ ହିଁ ବିସିସିଆଇ ଏହା ଉପରେ ମତାମତ ଦେବ। ଖେଳକୁ ରାଜନୀତିରୁ ଦୂରେଇ ରଖିବା ହେଉଛି ସଠିକ୍ ପଥ ଏବଂ ଭାରତ ଆଇସିସି ସହିତ ମିଶି ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ଥିର କରିବ।

# ବିବିସି ସ୍ପୋର୍ଟସ ଆୱାର୍ଡ ଦୌଡ଼ରେ ରହିଛନ୍ତି ଭାରତର ପାଞ୍ଚ ଖେଳାଳି

ନୂଆଦିଲ୍ଲୀ, ବିବିସି ଇଣ୍ଡିଆନ ସ୍ପୋର୍ଟସ ଓ ମ୍ୟାନ ଅଫ୍ ଦି ଇୟର ପୁରସ୍କାର ୨୦୨୫ ପାଇଁ ଦୌଡ଼ରେ ଯେଉଁ ଖେଳାଳିମାନେ ଅଛନ୍ତି, ସେମାନଙ୍କ ମଧ୍ୟରେ ଭାରତର ଐତିହାସିକ ୨୦୨୫ ମହିଳା ବିଶ୍ୱକପ୍ ସଫଳତା ପଛରେ ବିଶେଷ ଭୂମିକା ଥିବା ଅଧିନାୟକ ହରମନପ୍ରୀତ୍ କୌର ଓ ତାଙ୍କ ଡେପୁଟି ସ୍ମୃତି ମନ୍ଧାନା ଏବଂ ଦିବ୍ୟା ଦେଶମୁଖ ଅନ୍ୟତମ। ଅନ୍ୟ ଦୁଇ ଖେଳାଳି ପିସ୍ତଲ ଶୁଟିଂ ସେନ୍ ସେସନ ସୁରୁଚି ସିଂ ଓ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥ୍‌ଲେଟ ଜ୍ୟୋତି ୟାରାଜୀଙ୍କ ନାମ ମଧ ଏହ ସମ୍ମାନଜନକ ବାର୍ଷିକ ପୁରସ୍କାର ପାଇଁ ସୁପାରିସ ହୋଇଛି। ସ୍ପୋର୍ଟସ ଏଡିଟର, ରାଇଟର୍ସ ଓ ସ୍ପେଶାଲିଷ୍ଟଙ୍କୁ ନେଇ ବିଚାରକ ମଣ୍ଡଳୀ ଗତବର୍ଷର ପ୍ରଦର୍ଶନକୁ ମୂଲ୍ୟାୟନ କରି ଏହି ଆଥ୍ ଲେଟମାନଙ୍କ ନାମ ସୁପାରିସ କରିଛି।

# ଭାରତର ଅନାହତ ସିଂ ଜିତିଲେ ସ୍କ୍ୱାସ୍ ଅନ୍ ଫାୟାର ଓପନ୍



ୱାସିଂଟନ: ଭାରତର ଅନାହତ ସିଂ ୱାସିଂଟନରେ ଅନୁଷ୍ଠିତ ସ୍କ୍ୱାସ୍ ଅନ୍ ଫାୟାର ଓପନ୍ ପ୍ରତିଯୋଗିତା ବିଜୟୀ ହୋଇଛନ୍ତି। ଏହା ସହିତ ସେ ନିଜ କ୍ୟାରିୟରର ପ୍ରଥମ ପିଏସଏ ବ୍ରୋଞ୍ଜ୍-ସ୍ତରୀୟ ଟାଇଟେଲ୍ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱର ୩୧ ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଲଳନା ବିଶ୍ୱର ୧୦ ନମ୍ବର ଖେଳାଳି ତଥା ପ୍ରତିଯୋଗିତାର ଶୀର୍ଷ ମାନ୍ୟତାପ୍ରାପ୍ତ ଜର୍ଜିନା କେନେଡିଙ୍କୁ ୧୨-୧୦,୧୧-୫,୧୧-୭ ସେଟରେ ହରାଇ ଚାମ୍ପିୟନ ହୋଇଥିଲେ। ଏହା ଅନାହତଙ୍କ କ୍ୟାରିୟରର ୧୫ତମ ପିଏସଏ ଟୁର ଟାଇଟଲ ହୋଇଥିବାବେଳେ ଏହାକୁ ସବୁଠାରୁ ବଡ଼ ଟାଇଟେଲ୍ ବୋଲି କୁହାଯାଉଛି। ମୁକାବିଲାର ପ୍ରଥମ ସେଟରେ ଅନାହତ ୮-୧୦ରେ ପଛୁଆ ଥିଲେ ବି ଲଢୁଆ ଖେଳ ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିଥିଲେ ଓ ତାହାକୁ ୧୨-୧୦ରେ ଜିତିନେଇଥିଲେ। ପରବର୍ତ୍ତି ଦୁଇଟି ସେଟକୁ ସେ ଅଧିକ ନିୟନ୍ତ୍ରଣର ସହ ଖେଳ ପ୍ରଦର୍ଶନ କରି ୧୧-୫ ଓ ୧୧-୭ରେ ଜିତିନେଇଥିଲେ। ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ଇଂଲଣ୍ଡର ମହମ୍ମଦ ଏଲସରବର୍ଗି ବିଜୟୀ ହୋଇଛନ୍ତି। ସେ ନିଜ ଦେଶର ଡେକ୍ଲାନ ଜେମ୍ସଙ୍କୁ ୧୧-୪,୧୧-୬ ଓ ୧୧-୮ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ପେସାଦାର ସ୍କ୍ୱାସ୍ ଆସୋସିଏସନ (ପିଏସଏ) ଅନୁମୋଦିତ ଅନ୍ତର୍ଜାତୀୟ ସ୍କ୍ୱାସ୍ ପ୍ରତିଯୋଗିତାଗୁଡ଼ିକୁ ପ୍ଲାଟିନମ୍, ଗୋଲଡ୍, ସିଲଭର୍ ଓ ବ୍ରୋଞ୍ଜ ମାନ୍ୟତା ଅନୁସାରେ ବିଭକ୍ତ କରାଯାଇଥାଏ। ବ୍ରୋଞ୍ଜ ପ୍ରତିଯୋଗିତାଗୁଡ଼ିକରେ ଅନ୍ୟ ମାନ୍ୟତାପ୍ରାପ୍ତ ପ୍ରତିଯୋଗିତା ତୁଳନାରେ କମ ପୁରସ୍କାର ରାଶି ମିଳୁଥିଲେ ବି ମାନ୍ୟତା ଅଂକ ମିଳିଥାଏ। ଏହି ବିଜୟ ପରେ ଅନାହତଙ୍କ ମାନ୍ୟତାରେ ଉନ୍ନତି ଆସିବାର ସମ୍ଭାବନା ରହିଛି। ସେ ମଧ ସ୍କ୍ୱାସ୍ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ।

# ମହାରାଷ୍ଟ୍ରରେ ଅନୁଷ୍ଠିତ ମାଷ୍ଟର ଗେମ୍‌ରେ ସ୍ୱର୍ଣ୍ଣ ପଦକ ଲାଭ

**ବରଗଡ, ନ୍ୟୁଜ ବ୍ୟୁରୋ**




ସ୍ୱର୍ଣ୍ଣ ରେ ଚମକିଲେ ବରଗଡ଼ର ଭଉଣୀ ଦ୍ୱୟ ମିନାତାଇ ଠାକରେ ଷ୍ଟାଡିୟମ ନାସିକ, ମହାରାଷ୍ଟ୍ରରେ ପ୍ରଥମ ୟୁନାଇଟେଡ ନ୍ୟାସନାଲ ମାଷ୍ଟର୍ସ ଗେମ୍ସ ୨୦୨୬ ଅନୁଷ୍ଠିତ ହୋଇଯାଇଅଛି। ଗତ ୨୮.୦୧.୨୦୨୬ ରୁ ୩୧.୦୧.୨୦୨୬ ପର୍ଯ୍ୟନ୍ତ ଚାଲିଥିବା ମାଷ୍ଟର ଗେମ୍ ରେ ବରଗଡ଼ ର ଗର୍ବ ଅରୁଣା ଘିବିଲା ହାଇ ଜମ୍ପରେ ଗୋଲ୍ଡ ମେଡାଲ ଏବଂ ଲଙ୍ଗ ଜମ୍ପରେ ସିଲ୍ଭର ମେଡାଲ ପାଇଥିବା ବେଳେ ଭଉଣୀ ଅନୁପମା ଘିବିଲା ହାଇ ଜମ୍ପରେ ଗୋଲ୍ଡ ମେଡାଲ, ଟ୍ରିପଲ ଜମ୍ପରେ ସିଲ୍ଭର ମେଡାଲ ଏବଂ ୮୦ ମିଟର ହର୍ଡଲ୍ସ ରେସରେ ବ୍ରୋଞ୍ଜ ମେଡାଲ ଜିତିଛନ୍ତି। ଭଉଣୀ ଦ୍ୱୟଙ୍କ ସଫଳତା ରେ ବରଗଡ଼ ରେ ଆନନ୍ଦର ଲହରୀ ଖେଳିଯାଇଛି। ବରଗଡ଼ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି।

# ମା' ଶ୍ୟାମାକାଳୀ ଯୁଥ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ, ଉଦଘାଟନୀ ମ୍ୟାଚରେ ଯାଜପୁର ବିଜୟି

**ଧାମନଗର, ନ୍ୟୁଜ ବ୍ୟୁରୋ**



ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ବଜାର ସ୍ଥିତ କାଳୀ ପଡ଼ିଆରେ ମା' ଶ୍ୟାମାକାଳୀ ଯୁଥ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟିତ ହୋଇଛି। ଉଦଘାଟନ ସମାରୋହରେ ସ୍ଥାନୀୟ ସରପଞ୍ଚ ରଂଜିତ ଜେନା, ସମାଜସେବୀ ବିଚିତ୍ରାନନ୍ଦ ହାତୀ ଓ ଶ୍ୟାମାକାଳୀ ପୂଜା କମିଟିର ସଭାପତି ଅନିରୋଧ ପାଢ଼ୀ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚରେ ରକି କ୍ରିକେଟ କ୍ଲବ ବାଲେଶ୍ୱର ଓ ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ ଯାଜପୁର ମଧ୍ୟରେ ୨୦ ଓଭର ବିଶିଷ୍ଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବାଲେଶ୍ୱର ଦଳ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଯାଜପୁର ଦଳ ୨୦ ଓଭରରେ ସମସ୍ତ ଓଇକେଟ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲେଶ୍ୱର ଦଳ ୨୦ ଓଭର ଖେଳି ସମସ୍ତ ଓଇକେଟ ହରାଇ ୧୭୫ ରନ୍ କରି ପରାଜିତ ହୋଇଥିଲା। ଉଦଘାଟନୀ ମ୍ୟାଚରେ ଯାଜପୁର ଦଳର ଚନ୍ଦନ ନୟକ ଶ୍ରେଷ୍ଠ ପ୍ରଦର୍ଶନ କରି 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଭାବେ ଚୟନିତ ହୋଇଥିଲେ। ସେ ୨୮ ବଲରେ ୬୦ ରନ୍ କରିଥିବା ସହ ୪ ଓଭର ବୋଲିଂ କରି ୩ଟି ଓଇକେଟ ନେଇଥିଲେ। ମ୍ୟାଚର ଅମ୍ପେୟାର୍ ଭାବେ ସନ୍ୟାସୀ ନାୟକ ଓ ରାଧେଶ୍ୟାମ ଜେନା ଦାୟିତ୍ୱ ନିର୍ବାହ କରିଥିଲେ। ସ୍କୋରର ଭୂମିକାରେ ସୂର୍ଯ୍ୟକାନ୍ତ ଘଡ଼ାଇ, କମେଣ୍ଟ୍ରୀରେ ବିଶ୍ୱଜିତ୍ ପାଢ଼ୀ ଓ ଶୁଶାନ୍ତ ଦାସ ଥିଲେ। ଅନନ୍ତ ମହାରଣା, ମାନସ ପୁହାଣ, ବଳବନ୍ତ ମହାରଣା, ରାକେଶ ବାରିକ୍ ଓ ମନୋଜ୍ ମହାନ୍ତିଙ୍କ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ସୁଚାରୁ ଭାବେ ପରିଚାଳନା କରିବାରେ ସହଯୋଗ କରିଥିଲେ

# ଭାରତୀ ଡାକ ବିଭାଗ ଲୋକ କୈନ୍ଦ୍ରିକ ଓ ସେବାମୂଳକ ସଂସ୍ଥାରେ ପରିଣତ ହୋଇଛି

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**




ବାଲେଶ୍ୱର ଡାକ ମଣ୍ଡଳର ୭୪ତମ ପ୍ରତିଷ୍ଠା ଦିବସ ପାଳନ ଦିବସ ଏବଂ ୧୪୩ ତମ ଡାକ ଜୀବନ ବୀମା ଦିବସ ସହଦେବଖୁଣ୍ଟା, ବାଲେଶ୍ୱର ସ୍ଥିତ ବାଲେଶ୍ୱର ଡାକ ମଣ୍ଡଳର ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଉତ୍ସାହ ଓ ଗର୍ବର ସହିତ ପାଳନ ହୋଇଛି। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଡାକ ଅଧିକ୍ଷକ, ବାଲେଶ୍ୱର ତାପସ କୁମାର ଦାଷ ଡାକ ମଣ୍ଡଳ ଏହି ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ୱତ୍ୟବାଦୀ ବିଶ୍ୱାଳ, ଡିଡିଏମ, ପିଏଲଆଇ, ଓଡିଶା ଡାକ ପରିମଣ୍ଡଳ, ମୁଖ୍ୟ ବକ୍ତା – ଶ ବସନ୍ତ କୁମାର ସିଂହ, ଡାକ ଅଧିକ୍ଷକ, ସମ୍ବଲପୁର ଡାକ ମଣ୍ଡଳ, ସମ୍ମାନନୀୟ ଅତିଥି ଭାବେ ବନମାଳୀ ପାତ୍ର, ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ (ଡାକ ଜୀବନ ବୀମା) ଆସାମ ଡାକ ପରିମଣ୍ଡଳ, ସମ୍ମାନନୀୟ ଅତିଥି ଭାବେ ବିରଂଚି ନାରାୟଣ ସାମଲ, ବରିଷ୍ଠ ବ୍ରାଞ୍ଚ ମ୍ୟାନେଜର, ଇଣ୍ଡିଆ ପୋଷ୍ଟ ପେମେଂଟସ ବାଙ୍କ ଭାବେ ଏଠାରେ ଯୋଗ ଦେଇଥିଲେ। ଏହି ଅବସରରେ ରବୀନ୍ଦ୍ର କୁମାର ପାତ୍ର ଏବଂ ନମିସା ବାରିକ ମଞ୍ଚ ପରିଚାଳନା କରିଥିଲେ। ବାଲେଶ୍ୱର ଡାକ ମଣ୍ଡଳର ୭୪ ବର୍ଷର ଦୀର୍ଘ ସମର୍ପିତ ସେବା ସହିତ ଡାକ ଜୀବନ ବୀମା ର ଗୁରୁତ୍ୱକୁ ଉଲ୍ଲେଖ କରାଯାଇଥିଲା। ଯାହା ସରକାରୀ କର୍ମଚାରୀ ଓ ସାଧାରଣ ଜନସାଧାରଣଙ୍କୁ ସୁରକ୍ଷିତ, ସହଜ ଓ ଭରସାଯୋଗ୍ୟ ଜୀବନ ବୀମା ସୁବିଧା ପ୍ରଦାନ କରୁଛି। ଏହି ଅବସରରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ କହିଥିଲେ ଯେ, ଭାରତୀୟ ଡାକ ବିଭାଗ ଆଧୁନିକ ପ୍ରଯୁକ୍ତିକୁ ଆପଣେଇ ଏକ ଲୋକକେନ୍ଦ୍ରିକ ଓ ସେବାମୂଳକ ସଂସ୍ଥାରେ ପରିଣତ ହୋଇଛି, ଯେଉଁଥିରେ ଆସ୍ଥା, ଭରସା ଓ ଦାୟିତ୍ୱବୋଧ ଅତୁଟ ରହିଛି ଓ ଡାକ କର୍ମଚାରୀମାନଙ୍କର ନିଷ୍ଠା ଓ ପରିଶ୍ରମ ପାଇଁ ସେମାନଙ୍କୁ ସାଧୁବାଦ ଜଣାଯାଇଥିଲା। ଡାକ ଜୀବନ ବୀମା ଓ ଗ୍ରାମୀଣ ଡାକ ଜୀବନ ବୀମା ଯୋଜନା ମାଧ୍ୟମରେ ସହର ଓ ଗ୍ରାମାଞ୍ଚଳର ଲୋକମାନଙ୍କୁ ବୀମା ସୁରକ୍ଷା ଯୋଗାଇବାରେ ଡାକ ବିଭାଗର ଭୂମିକାକୁ ଆଲୋକପାତ କରାଯାଇଥିଲା ଓ ସେଥିସହ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ସିଧାସଳଖ ଲାଭ ହସ୍ତାନ୍ତର , ସ୍ପିଡ଼ ପୋଷ୍ଟ ଓ ପାର୍ସେଲ୍ ସେବା, ଆଧାର ସେବା ଏବଂ ଇ-କମର୍ସ ସମର୍ଥନ ସେବା ଭଳି ଗୁରୁତ୍ୱପୂର୍ଣ୍ଣ ସେବାଗୁଡ଼ିକୁ ମଧ୍ୟ ଉଲ୍ଲେଖ କରାଯାଇଥିଲା। ପ୍ରତିଷ୍ଠା ଦିବସ ଓ ପିଏଲଆଇ ଦିବସ ଉପଲକ୍ଷେ ଗ୍ରାହକମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଲେଶ୍ୱର ଡାକ ମଣ୍ଡଳ ଡାକ ସେବା – ଜନ ସେବା ଲକ୍ଷ୍ୟ ସହ ସମନ୍ୱୟ ରଖି ସୁଲଭ, ଶସ୍ତା ଓ କାର୍ଯ୍ୟକୁଶଳ ଡାକ ଓ ଆର୍ଥିକ ସେବା ପ୍ରଦାନ ପାଇଁ ନିଜ ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଥିଲା ଓ ସଭା କାର୍ଯ୍ୟକ୍ରମ ସରିବା ପରେ ବିଭିନ୍ନ ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଜିଲ୍ଲାର ଡାକ ଅଧିକ୍ଷକ ଓ ଅବସର ପ୍ରାପ୍ତ ଡାକ ଅଧିକ୍ଷକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍କୃଷ୍ଟ କାର୍ଯ୍ୟ ପାଇଁ କିଛି ଡାକ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା।

# ଆଞ୍ଚଳିକ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଦେବୀନଗର ଚାମ୍ପିୟନ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**



ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଦୌଲାତାବାଦସ୍ଥିତ ଟିପିଏମ୍ ଖେଳପଡିଆରେ ୨ ଦିନିଆ ଆଞ୍ଚଳିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାଇ ସ୍ପୋର୍ଟସ ଆନୁକୂଲ୍ୟରେ ଅରୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ ଯୋଗ ଦେଇଥିଲେ। ଚୌଦ୍ୱାରର ସିଏଏଫ୍‌ସି ଟିମ୍ ଓ ଦେବୀନଗରର ଟାଉନ ଟାଇଗର ଫୁଟବଲ ଟିମ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ଅମିମାଂସିତ ରହିବାରୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ଡାଉନଟାଇଗର ଚାମ୍ପିୟାନ ହୋଇଥିଲା। ରେଫେରୀ ଅବଦୁଲ ମାଟିନ୍, ଫଗୁରାମ ହେମରମ୍ ଓ ନାରାୟଣ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଆଡ଼ଭୋକେଟ ପ୍ରମୋଦ ସାହୁ, କାଉନସିଲର ଅଜୟ ବେହେରା, ଆଶୁତୋଷ ଦାସ, ଅର୍ଜୁନୀ ବେହେରା, ତୀର୍ଥାନନ୍ଦ ସବୁଦ୍ଧିରାୟ ପ୍ରମୁଖ ଅତିଥି ଭାବେ ଯୋଗଦଇ ବିଜୟୀ ଦଳ ମାନଙ୍କୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟଯେ ଟାଉନ ଟାଇଗର ଲଗାତାର ଭାବେ ୩ବର୍ଷ ଧରି ଏହି ଟୁର୍ଣ୍ଣାମେଣ୍ଟରେ ଚମ୍ପିୟାନ ଆଖ୍ୟା ଅର୍ଜନ କରୁଛି। ସାଇ କ୍ଲବ୍‌ର ପରେଶ ମହାପାତ୍ର, ପରେଶ ମହାନ୍ତି, ମନୋଜ ବେହେରା, ରଞ୍ଜନ କୁମାର ସ୍ୱାଇଁ, ଦୀପକ କୁମାର ନାୟକ, ମନମୋହନ ଦାସ, ଅମିତାଭ ଭଦ୍ର ପ୍ରମୁଖ ଟାର୍ଣ୍ଣମେ ପରିଚାଳନା କରିଥିଲେ।

## ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ପାଇଁ ଐତିହାସିକ ରେଳ ବଜେଟ୍ ଆବଣ୍ଟନ

# ଓଡ଼ିଶା ପାଇଁ ଐତିହାସିକ ରେଳ ବଜେଟ୍ ଆବଣ୍ଟନ ଉପରେ ଆଲୋକପାତ କଲେ ରେଳ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଗଣମାଧ୍ୟମକୁ ସମ୍ବୋଧିତ କରି ମାନ୍ୟବର କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୨୦୨୬-୨୭ କେନ୍ଦ୍ରୀୟ ବଜେଟରେ ଓଡ଼ିଶା ରେଳ ଭିତ୍ତିଭୂମିର ବିକାଶ ପାଇଁ ଐତିହାସିକ ପ୍ରୋତ୍ସାହନ ରାଶି ପାଇଛି, ଯାହା ପୂର୍ବ ଭାରତରେ ରେଳ ପରିଚାଳିତ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଓଡ଼ିଶା ପାଇଁ ବାର୍ଷିକ ହାରାହାରି ରେଳ ବଜେଟ ଆବଣ୍ଟନ ୨୦୦୯-୧୪ ଅବଧିରେ ଏହା ?୮୩୮ କୋଟିରୁ ବୃଦ୍ଧି ପାଇ ୨୦୨୬-୨୭ ମସିହାରେ ?୧୦,୯୨୮ କୋଟିକୁ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି, ଯାହା ପ୍ରାୟ ୧୩ ଗୁଣ ଅଧିକ।

ସେ କହିଥିଲେ ଯେ ଏହି ନିରନ୍ତର ନିବେଶ ଫଳରେ ସମଗ୍ର ରାଜ୍ୟରେ ରେଳ ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ ଆସିଛି, ବର୍ତ୍ତମାନ ?୯୦,୬୫୯ କୋଟିରୁ ଅଧିକ ମୂଲ୍ୟର କାର୍ଯ୍ୟ ଜାରି ରହିଛି। ଏଥିରେ ନୂତନ ଲାଇନ ନିର୍ମାଣ, ଦୋହରୀକରଣ ଏବଂ କ୍ଷମତା ବୃଦ୍ଧି, ଷ୍ଟେସନ ପୁନଃବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୃଦ୍ଧି, ଓଡ଼ିଶାର ସମସ୍ତ ଅଞ୍ଚଳରେ ସମାବେଶୀ ଅଭିବୃଦ୍ଧି ଏବଂ ଉନ୍ନତ ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଜଡିତ ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ।

ଯାତ୍ରୀ କୈନ୍ଦ୍ରିକ ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଥିଲେ ଯେ ଅମୃତ ଷ୍ଟେସନ ଯୋଜନା ଅଧୀନରେ, ?୨,୪୩୯ କୋଟି ଟଙ୍କାର ମୋଟ ବିନିଯୋଗରେ ଓଡ଼ିଶାରେ ୫୯ଟି ଷ୍ଟେସନକୁ ବ୍ୟାପକ ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶଦ୍ୱାର), ବାରିପଦା, ବରପାଲି, ବିମଳଗଡ଼, ପାରଳାଖେମୁଣ୍ଡି ଏବଂ ତାଳଚେର ଭଳି ଛଅଟି ଷ୍ଟେସନରେ କାର୍ଯ୍ୟ ସମାପ୍ତ ହୋଇସାରିଛି ଯାହା ଯାତ୍ରୀ ସୁବିଧା ଏବଂ ଷ୍ଟେସନ ସୌନ୍ଦର୍ଯ୍ୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି।

ରେଳମନ୍ତ୍ରୀ ଆହୁରି ଉଲ୍ଲେଖ କରିଥିଲେ ଯେ ଆଧୁନିକ ଟ୍ରେନ୍ ସେବା ପ୍ରଚଳନ ସହିତ ରାଜ୍ୟରେ ରେଳ ସଂଯୋଗ ଏକ ଗୁଣାତ୍ମକ ପରିବର୍ତ୍ତନ ଦେଖିଛି। ବର୍ତ୍ତମାନ, ଓଡ଼ିଶାରେ ଛଅ ଯୋଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଏବଂ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଛି, ଯାହା ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଯାତ୍ରା ବିକଳ୍ପ ପ୍ରଦାନ କରୁଛି।

ଶ୍ରୀ ବୈଷ୍ଣବ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ନେଟୱର୍କ ସମ୍ପ୍ରସାରଣ ଏକ ପ୍ରମୁଖ ଫୋକସ୍ କ୍ଷେତ୍ର ହୋଇ ରହିଛି। ୨୦୧୪ ମସିହାରୁ ଓଡ଼ିଶାରେ ପ୍ରାୟ ୨,୨୦୦ କିଲୋମିଟର ନୂତନ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି, ଯାହା ମାଲେସିଆର ସମଗ୍ର ରେଳ ନେଟୱାର୍କ ଠାରୁ ଅଧିକ। ସେ ଆହୁରି ମଧ କହିଛନ୍ତି ଯେ ରାଜ୍ୟ ୧୦୦ ପ୍ରତିଶତ ବିଦ୍ୟୁତୀକରଣ ହାସଲ କରିଛି, ଏହି ସମୟ ମଧ୍ୟରେ ୧,୫୫୯ କିଲୋମିଟର ରେଳ ଲାଇନ ବିଦ୍ୟୁତୀକରଣ ହୋଇଛି, ଯାହା ଶକ୍ତି ସଞ୍ଚୟ ଏବଂ ଉତ୍ତମ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା କରିଛି। ଏହାବ୍ୟତୀତ, ସୁରକ୍ଷା ବୃଦ୍ଧି ଏବଂ ନିରବଚ୍ଛିନ୍ନ ସଡ଼କ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ୬୩୨ ଟି ସଡ଼କ ଓଭରବ୍ରିଜ୍ ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଛି। କବଚ ଭଳି ଉନ୍ନତ ସୁରକ୍ଷା ବ୍ୟବସ୍ଥା ମଧ କ୍ରମାଗତ ଭାବରେ କାର୍ଯ୍ୟକାରୀ କରାଯାଉଛି, ଗୁରୁତ୍ୱପୂର୍ଣ୍ଣ ରୁଟ୍ କିଲୋମିଟର ଉପରେ କାର୍ଯ୍ୟ ଏବଂ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି, ଯାହା ଟ୍ରେନ୍ ପରିଚାଳନା ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ।

ରେଳମନ୍ତ୍ରୀ କହିଛନ୍ତି ଯେ ଏହି ଐତିହାସିକ ପଦକ୍ଷେପଗୁଡ଼ିକ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି, ଉନ୍ନତ ଯାତ୍ରୀ ଅଭିଜ୍ଞତା ଏବଂ ବର୍ଦ୍ଧିତ ଲଜିଷ୍ଟିକ୍ସ କ୍ଷମତା ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ବିକାଶ ଇଞ୍ଜିନରେ ପରିଣତ କରିବା ପାଇଁ ରେଳବାଇର ଦୃଷ୍ଟିକୋଣକୁ ରେଖାଙ୍କିତ କରୁଛି, ଯାହା ରାଜ୍ୟର ଦୀର୍ଘକାଳୀନ ସାମାଜିକ ଆର୍ଥିକ ବିକାଶ ପାଇଁ ପଥ ପ୍ରଶସ୍ତ କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ।

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No-II, KEONJHAR
E-mail: eerw_kjr2@yahoo.com
"e" Procurement Notice for Road Works
Identification No Online NCB - 16/2025-26.

1. Name of the Work : Road Works
2. Total Number of Work : 02 Nos.
3. Estimated Cost : Rs. 18.00 Lakhs to Rs. 31.69 Lakhs
4. Class of Contractor : 'D', 'C' & 'B' Class
5. Period of Completion : As per annexure of e-Procurement Notice No.16/2025-26 .
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender inO/o S.E., R.W. Division-II, Keonjhar. |
|---|---|---|---|---|---|
| | | From | To | | Single Cover |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No. 16 | Dt.05.02.26 at 11.00 A.M. | Dt.12.02.26 up to 5.00 P.M. | Dt.11.02.26 up to 5.00 P.M. | Dt.13.02.26 at 11.00 A.M. |

Further details can be seen from the Website www.tenderorissa.gov.in

Sd/-
Executive Engineer
R.W. Divn.No-II, Keonjhar
OIPR : 25001/16/2526

OFFICE OF THE SUPERINTENDING ENGINEER
RURAL WATER SUPPLY AND SANITATION DIVISION, BHUBANESWAR
Plot No.-1214 (Part), Tapovan Road, Khandagiri, Bhubaneswar-30.

Short Quotation Call Notice No - 36 of 2025-26

Sealed quotationers are invited from reputed Suppliers/ Authorized Firms/ Resellers of the State for the work "Supply & installation of Display System for Addition, Alternation & Renoation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar".

| | |
|---|---|
| Last date of issue of Bid Document : | 05.02.2026 till 03:00 P.M. |
| Last date of submission of Bids : | 05.02.2026 by 04:00 P.M. |
| Opening of Bids : | 06.02.2026 at 11:30 A.M. |

The Quatation details with materials description can be collected from Office of the Superintending Enginner, RWS&S Division, Bhubaneswar. The superintending engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

Sd/- Superintending Engineer
RWS & S Division,Bhubaneswar
OIPR : 25001/16/2526



# ୟୁନିଅନ୍ ବଜେଟ୍ ୨୦୨୬ ସମ୍ପର୍କରେ ଏଏମ୍ /ଏନ୍‌ଏସ୍ ଇଣ୍ଡିଆ ବଜେଟ୍ ପ୍ରତିକ୍ରିୟା

## ଦିଲୀପ ଉମେନ୍, ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଉଦ୍ୟୋଗର ଦୀର୍ଘକାଳୀନ ଅଭିବୃଦ୍ଧି ପାଇଁ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିଗତ ବ୍ୟୟ (କ୍ୟାପେକ୍ସ) ଜାରି ରହିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରକଳ୍ପ ପାଇଁ ଆର୍ଥିକ ସହାୟତାକୁ ସୁଦୃଢ଼ କରିବା, ଶିଳ୍ପ କ୍ଲଷ୍ଟରଗୁଡ଼ିକର ପୁନରୁଦ୍ଧାର ଏବଂ ଟିୟର-୨ ଓ ଟିୟର-୩ ସହରଗୁଡ଼ିକରେ ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ଦ୍ୱାରା ଘରୋଇ ଉତ୍ପାଦନ ଏବଂ ପ୍ରତିଯୋଗିତାମୂଳକ ମନୋଭାବକୁ ମଧ୍ୟ ପ୍ରୋତ୍ସାହନ ମିଳିବ। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଦୀର୍ଘସ୍ଥାୟୀ ଇସ୍ପାତ ନିର୍ମାଣ ଏବଂ ଭାରତର ପ୍ରଗତିରେ ଦୀର୍ଘକାଳୀନ ନିବେଶ ମାଧ୍ୟମରେ ଦେଶ ଗଠନର ପ୍ରୟାସକୁ ସହାୟତା କରିବା ପାଇଁ ପ୍ରତିବଦ୍ଧ ଅଛି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାୟଗଡାରେ ସୁଭଦ୍ରା...

୬୦୦ କୋଟିରୁ ଉର୍ଦ୍ଧ୍ୱଟଙ୍କା ମୂଲ୍ୟର ୧୦୯ଟି ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୨୩୮ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୩୬୬ କୋଟିରୁ ଉର୍ଦ୍ଧ୍ୱଟଙ୍କାର ୮୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର କରାଯାଇଛି। ଏସବୁ ପ୍ରକଳ୍ପ ମଧ୍ୟରେ ସଡକ, ସେତୁ, ସ୍ୱାସ୍ଥ୍ୟସେବା, ବିଦ୍ୟାଳୟ, ମହିଳା ସଶକ୍ତିକରଣ ଭଳି ଅନେକ ଭିତ୍ତିଭୂମି ଉନ୍ନୟନ ମୂଳକ ପ୍ରକଳ୍ପ ରହିଛି। ଏଥିସହିତ ୩୭ କୋଟି ଟଙ୍କା ବିନିଯୋଗରେ ମା ମଝିଘରିଆଣୀ ମନ୍ଦିରର ଉନ୍ନତି କରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଆହୁରି ମଧ୍ୟ ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିଧାୟକ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ଦାବୀ ଅନୁଯାୟୀ ଜିଲ୍ଲାର ସମସ୍ତ ବ୍ଲକରେ ଖୁବ୍ ଶୀଘ୍ର ଇନ୍‌ଡୋର୍ ଷ୍ଟାଡିୟମ୍ କାମ ଆରମ୍ଭ ହେବ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥାର ସୁଦୃଢ଼ୀକରଣ ହେବ ଏବଂ ରାୟଗଡାରେ ମେଡିକାଲ କଲେଜ୍ ସ୍ଥାପନ ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଅଛି ବୋଲି କହିଥିଲେ। ଉପସ୍ଥିତ ନାରୀ ଶକ୍ତିଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାୟଗଡା ଜିଲ୍ଲାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୪୨୧୭ଟି ଏସ୍‌ଏଚ୍‌ଜିକୁ ପାଖାପାଖି ୨୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଜିଲ୍ଲାରେ ୯,୩୩୫ ଏସ୍‌ଏଚଜି ପାଇଁ ୧୪ କୋଟି ଟଙ୍କାର ରିଭଲ୍‌ଭିଂ ଫଣ୍ଡ ଯୋଗାଇଦିଆଯାଇଛି, ୧୬୪ଟି ଜିପିଏଲ୍‌ଏଫ୍‌କୁ ୫୩.୧୪ କୋଟି ଟଙ୍କାର କମ୍ୟୁନିଟି ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ (ସିଆଇଏଫ) ପ୍ରଦାନ ଏବଂ ୪୧୯୫ଟି ଏସ୍‌ଏଚଜିକୁ ଜୀବନ ଜୀବିକା କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ୩୭.୫୫ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ସେ ପୁଣି କହିଥିଲେ, ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ମହିଳାଙ୍କ ପାଇଁ ଉତ୍ସର୍ଗୀକୃତ ବଜେଟ୍। ମହିଳା ଓ ଶିଶୁଙ୍କ ପାଇଁ ଏଥିରେ ୫ ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ତୃଣମୂଳ ସ୍ତରରେ ମହିଳା ମାନଙ୍କ ଆର୍ଥିକ ଅଂଶ ଗ୍ରହଣକୁ ଆହୁରି ସୁଦୃଢ଼ କରିବା ପାଇଁ ସ୍ୱୟଂ ସହାୟକ ଉଦ୍ୟୋଗୀ ମାର୍ଟ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଓଡିଶାରେ ଆଜି ମହିଳା ମାନେ ସବୁ କ୍ଷେତ୍ରରେ ଅଗ୍ରସର ହୋଇ ବିକାଶର ନେତୃତ୍ୱ ନେଉଛନ୍ତି। ଗ୍ରାମାଞ୍ଚଳରେ ବିକାଶର ଏହି ଯେଉଁ ଜୟଯାତ୍ରା ଆମେ ଦେଖୁଛୁ, ତାର ନେତୃତ୍ୱ ନେଉଛନ୍ତି ଆମର ଏସ୍‌ଏଚ୍‌ଜି ଗୋଷ୍ଠୀର ମା' ମାନେ। ମୋର ଦୃଢ଼ ବିଶ୍ୱାସ ଆଗାମୀ ଦିନରେ ମା'ମାନଙ୍କ ସକ୍ରିୟ ଯୋଗଦାନରେ ଓଡିଶା ନିଶ୍ଚିତଭାବରେ ବିକଶିତ ଓଡିଶା ହେବ ଏବଂ ପ୍ରତ୍ୟେକ ମା' ଗର୍ବରେ କହିବେ, ଆମେ ହେଉଛୁ ଓଡିଶା ବିକାଶର ଅଂଶୀଦାର ଏବଂ ସେଥିରେ ମୋର ମଧ୍ୟ ଅବଦାନ ରହିଛି, ଭାଗୀଦାରୀ ଅଛି। ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାୟଗଡା ଜିଲ୍ଲା ଆଦିବାସୀ ସଂସ୍କୃତି ଓ ସମୃଦ୍ଧ ଐତିହ୍ୟର ଏକ ଅନନ୍ୟ ପ୍ରାଣକେନ୍ଦ୍ର। ଏହି ଜିଲ୍ଲା ତାର ଅନନ୍ୟ ପରମ୍ପରା, ଐତିହ୍ୟ, ପ୍ରାକୃତିକ ସମ୍ପଦ ଓ ସୌନ୍ଦର୍ଯ୍ୟ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସେ ପୁଣି କହିଥିଲେ ୨୦ ମାସରେ ଆମ ସରକାର ରାଜ୍ୟର ସବୁ ବର୍ଗଙ୍କ ପାଇଁ ଉନ୍ନତି ମୂଳକ କାର୍ଯ୍ୟ କରୁଛନ୍ତି। ଆମ ରାଜ୍ୟର ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି ଭାଇ, ଭଉଣୀଙ୍କୁ ବିକାଶର ମୁଖ୍ୟଧାରାରେ ସାମିଲ କରିବା ପାଇଁ ଚଳିତ ବର୍ଷ ବଜେଟରେ ୬୮,୮୮୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ସୁରକ୍ଷା ଓ ଜଙ୍ଗଲ ଅଧିକାର ପାଇଁ ଏହି ଟଙ୍କା ଖର୍ଚ୍ଚ କରାଯାଉଛି। ଖଣି ଖାଦାନ ଭରା ରାୟଗଡା ମାଟିରେ ଉତ୍କଳ ଆଲୁମିନା, ଆଦିତ୍ୟ ଆଲୁମିନା, ଇମ୍ଫା, ଜେକେ ପେପର ମିଲ୍ ଭଳି ଶିଳ୍ପାନୁଷ୍ଠାନ ରହିଛି। ସୁଦୃଢ଼ ରେଳ ଭିତ୍ତିଭୂମି ଯୋଗୁ ରାୟଗଡା ଅଞ୍ଚଳ ଖୁବଶୀଘ୍ର ଏକ ଆଧୁନିକ ଶିଳ୍ପାଞ୍ଚଳରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜିଲ୍ଲାବାସୀଙ୍କୁ ସେ ପୁଣି କହିଥିଲେ, ଆଗାମୀ ଦିନରେ ହିଣ୍ଡାଲ୍‌କୋ ୧୫ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏହାର ସମ୍ପ୍ରସାରଣ କରିବାକୁ ଯାଉଛି। ୨୫ ହଜାର କୋଟି ଟଙ୍କା ନିବେଶରେ ବେଦାନ୍ତ ଆଲୁମିନା ରିଫାଇନାରୀ, ୭୬୫୩ କୋଟି ଟଙ୍କା ବିନିଯୋଗରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଭଳି ଅନେକ ପ୍ରକଳ୍ପ ରାୟଗଡା ଜିଲ୍ଲାରେ ପ୍ରତିଷ୍ଠା ପାଇବାକୁ ଯାଉଛି। ଏଥି ସହିତ ଅନ୍ୟାନ୍ୟ ସେକ୍ଟରରେ ମଧ୍ୟ ଆହୁରି ଶିଳ୍ପାନୁଷ୍ଠାନ ରାୟଗଡା ଜିଲ୍ଲାରେ ପ୍ରତିଷ୍ଠା ପାଇବାକୁ ଯାଉଛି। ଏସବୁ ଶିଳ୍ପାନୁଷ୍ଠାନ ମାଧ୍ୟମରେ ରାୟଗଡା ଜିଲ୍ଲାରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହି ସମସ୍ତ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ୮୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ ରଖିବା ପାଇଁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ଶିଳ୍ପ ଗୁଡିକ ହେଉଛି ସମୃଦ୍ଧିର ସ୍ତମ୍ଭ। ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି ମିଳିଲେ ହିଁ, ସମୃଦ୍ଧିର ମାର୍ଗ ପ୍ରସ୍ତୁତ ହେବ। ଯେଉଁଠାରେ ଖଣି, ପାଣି, ମାନବସମ୍ବଳ ଓ ଶିଳ୍ପ ଭିତ୍ତିଭୂମି ରହିଛି, ସେଠାରେ ଯଦି ସ୍ଥାନୀୟ ଯୁବକ ନିଯୁକ୍ତି ନପାଇବେ, ତାହେଲେ ଆଉ ପାଇବ କିଏ ! କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ କାଡ୍ରାକା ଆପାଲା ସ୍ୱାମୀ, ବିଷମ-କଟକ ବିଧାୟକ ନୀଳମାଧବ ହିକ୍କା, ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଭାବକୁ ପ୍ରଶଂସା କରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱରେ ଓଡିଶା ଆଜି ବିକାଶ ପଥରେ ଅଗ୍ରସର ହେଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ଭିତ୍ତିଭୂମି ଆଦି ସମସ୍ତ କ୍ଷେତ୍ରରେ ବିକାଶ ପରିଲକ୍ଷିତ ହେଉଛି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାୟଗଡା ଜିଲ୍ଲାର ଆହୁରି ବିକାଶ ହେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଫଳତା ନିମନ୍ତେ ଜିଲ୍ଲା ପ୍ରଶାସନ ବିଭିନ୍ନ ବିଭାଗୀୟ ଅଧିକାରୀ ଯଥା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର,ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିହାର ରଞ୍ଜନ କହଁର, ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧର, ଉପଜିଲ୍ଲାପାଳ ଗୁଣୁପୁର ଧୁଧକ୍ଷଲ ଅଭିଷେଖ ଦିଲ୍ଲୀପ, ଉପଜିଲ୍ଲାପାଳ ରାୟଗଡ଼ା, ରମେଶ କୁମାର ଜେନା,ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ପୋଲିସ ବିଭାଗ ଅଧିକାରୀ, ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।

## ଭୁବନେଶ୍ୱର ପହଞ୍ଚିଲେ ...

ସେ ପ୍ରାୟ ଦେଢ଼ ଘଣ୍ଟାରୁ ଅଧିକ ସମୟ ବିତାଇବେ। ଏହାପରେ ସେ ବାଲେଶ୍ୱର ପହଞ୍ଚି ଫକୀର ମୋହନ ବିଶ୍ୱବିଦ୍ୟାଳୟର ୧୨ତମ ଦୀକ୍ଷାନ୍ତ ସମାରୋହରେ ଅଂଶଗ୍ରହଣ କରିବେ ଏବଂ ସ୍ନାତକ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଓଡ଼ିଶା ପାଇଁ ...

ସଫଳତା। ଏହା ସହ ରାଜ୍ୟରେ ୬ଟି ବନ୍ଦେ ଭାରତ ଏବଂ ୬ଟି ଅମୃତ ଭାରତ ଟ୍ରେନର ସଫଳ ଚଳାଚଳ ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବା ସହ ସାଧାରଣ ଜନତାଙ୍କ ଯାତ୍ରାକୁ ଅଧିକ ସୁଗମ ଓ ଆରାମଦାୟକ କରିଛି। ଚଳିତ ବଜେଟରେ ଅନୁମୋଦିତ 'ପୂର୍ବ-ପଶ୍ଚିମ ପରିବହନ କରିଡର' ଓଡ଼ିଶାର ଶିଳ୍ପ ଓ ବାଣିଜ୍ୟିକ କ୍ଷେତ୍ରରେ ଏକ ନୂତନ ଯୁଗର ସୂତ୍ରପାତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ।କେବଳ ଭିତ୍ତିଭୂମି ନୁହେଁ, ବରଂ ପରିବେଶ ଓ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ରେଳ ପଥରେ ହାତୀ ମୃତ୍ୟୁ ରୋକିବା ପାଇଁ ଏଆଇ-ଭିତ୍ତିକ ଥର୍ମାଲ କ୍ୟାମେରା ଓ ଓଏଫସି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ଏକ ଆଦର୍ଶ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରତିବଦ୍ଧ। ଆମର ଏହି ମିଳିତ ପ୍ରୟାସରେ ଓଡ଼ିଶା ନିଶ୍ଚିତ ଭାବେ ଏକ ପ୍ରଗତିଶୀଳ ଏବଂ 'ସମୃଦ୍ଧ ରାଜ୍ୟ'ରେ ପରିଣତ ହେବ ବୋଲି ସେ କହିଛନ୍ତି।

## ରେଳ ଭିତ୍ତିଭୂମି ...

ଅବଧିରେ ଏହା ୮୩୮ କୋଟିରୁ ବୃଦ୍ଧି ପାଇ ୨୦୨୬-୨୭ ମସିହାରେ ୧୦,୯୨୮ କୋଟିକୁ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି, ଯାହା ପ୍ରାୟ ୧୩ ଗୁଣ ଅଧିକ । ସେ କହିଥିଲେ ଯେ ଏହି ନିରନ୍ତର ନିବେଶ ଫଳରେ ସମଗ୍ର ରାଜ୍ୟରେ ରେଳ ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ ଆସିଛି, ବର୍ତ୍ତମାନ ୯୦,୬୫୯ କୋଟିରୁ ଅଧିକ ମୂଲ୍ୟର କାର୍ଯ୍ୟ ଜାରି ରହିଛି। ଏଥିରେ ନୂତନ ଲାଇନ ନିର୍ମାଣ, ଦୋହରୀକରଣ ଏବଂ କ୍ଷମତା ବୃଦ୍ଧି, ଷ୍ଟେସନ ପୁନଃବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୃଦ୍ଧି, ଓଡ଼ିଶାର ସମସ୍ତ ଅଞ୍ଚଳରେ ସମାବେଶୀ ଅଭିବୃଦ୍ଧି ଏବଂ ଉନ୍ନତ ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଜଡିତ ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ। ଯାତ୍ରୀ କୈନ୍ଦ୍ରିକ ପଦକ୍ଷେପ ଉପରେ ଆଲୋକପାତ କରି ବୈଷ୍ଣବ କହିଥିଲେ ଯେ ଅମୃତ ଷ୍ଟେସନ ଯୋଜନା ଅଧୀନରେ, ୨,୪୩୯ କୋଟି ଟଙ୍କାର ମୋଟ ବିନିଯୋଗରେ ଓଡ଼ିଶାରେ ୫୯ଟି ଷ୍ଟେସନକୁ ବ୍ୟାପକ ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶଦ୍ୱାର), ବାରିପଦା, ବରପାଲି, ବିମଳଗଡ଼, ପାରଳାଖେମୁଣ୍ଡି ଏବଂ ତାଳଚେର ଭଳି ଛଅଟି ଷ୍ଟେସନରେ କାର୍ଯ୍ୟ ସମାପ୍ତ ହୋଇସାରିଛି ଯାହା ଯାତ୍ରୀ ସୁବିଧା ଏବଂ ଷ୍ଟେସନ ସୌନ୍ଦର୍ଯ୍ୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ରେଳମନ୍ତ୍ରୀ ଆହୁରି ଉଲ୍ଲେଖ କରିଥିଲେ ଯେ ଆଧୁନିକ ଟ୍ରେନ୍ ସେବା ପ୍ରଚଳନ ସହିତ ରାଜ୍ୟରେ ରେଳ ସଂଯୋଗ ଏକ ଗୁଣାତ୍ମକ ପରିବର୍ତ୍ତନ ଦେଖିଛି। ବର୍ତ୍ତମାନ, ଓଡ଼ିଶାରେ ଛଅ ଯୋଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଏବଂ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଛି, ଯାହା ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଯାତ୍ରା ବିକଳ୍ପ ପ୍ରଦାନ କରୁଛି। ଶ୍ରୀ ବୈଷ୍ଣବ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ନେଟୱାର୍କ ସମ୍ପ୍ରସାରଣ ଏକ ପ୍ରମୁଖ ଫୋକସ୍ କ୍ଷେତ୍ର ହୋଇ ରହିଛି। ୨୦୧୪ ମସିହାରୁ ଓଡ଼ିଶାରେ ପ୍ରାୟ ୨,୨୦୦ କିଲୋମିଟର ନୂତନ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି, ଯାହା ମାଲେସିଆର ସମଗ୍ର ରେଳ ନେଟୱାର୍କ ଠାରୁ ଅଧିକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟ ୧୦୦ ପ୍ରତିଶତ ବିଦ୍ୟୁତୀକରଣ ହାସଲ କରିଛି, ଏହି ସମୟ ମଧ୍ୟରେ ୧,୫୫୯ କିଲୋମିଟର ରେଳ ଲାଇନ ବିଦ୍ୟୁତୀକରଣ ହୋଇଛି, ଯାହା ଶକ୍ତି ସଞ୍ଚୟ ଏବଂ ଉତ୍ତମ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା କରିଛି।ଏହାବ୍ୟତୀତ, ସୁରକ୍ଷା ବୃଦ୍ଧି ଏବଂ ନିରବଚ୍ଛିନ୍ନ ସଡ଼କ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ୬୩୨ଟି ସଡ଼କ ଓଭରବ୍ରିଜ୍ ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଛି। ରେଳମନ୍ତ୍ରୀ କହିଥିଲେ ଯେ ଏହି ଐତିହାସିକ ପଦକ୍ଷେପଗୁଡ଼ିକ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି, ଉନ୍ନତ ଯାତ୍ରୀ ଅଭିଜ୍ଞତା ଏବଂ ବର୍ଦ୍ଧିତ ଲଜିଷ୍ଟିକ୍ କ୍ଷମତା ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ବିକାଶ ଇଞ୍ଜିନରେ ପରିଣତ କରିବା ପାଇଁ ରେଳବାଇର ଦୃଷ୍ଟିକୋଣକୁ ଖୋଲିଦେଇଛି, ଯାହା ରାଜ୍ୟର ଦୀର୍ଘକାଳୀନ ସାମାଜିକ ଆର୍ଥିକ ବିକାଶ ପାଇଁ ପଥ ପ୍ରଶସ୍ତ କରିବ।

## ଅପ୍ରେଲ ପହିଲାରୁ ...

କରିବା ପାଇଁ ରାଜ୍ୟ ସରକାର ଜୀବିକାମୂଳକ ଓ ଦୀର୍ଘକାଳୀନ ଆର୍ଥିକ ମଡେଲ୍ ଉପରେ କାମ କରୁଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି । ଏକ ଐତିହାସିକ ଘୋଷଣା କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ୪୬ ହଜାରରୁ ଉର୍ଦ୍ଧ୍ୱ ସିଆରପି ଭଉଣୀମାନଙ୍କୁ ସ୍ମାର୍ଟ ଫୋନ, ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନୂଆ ୟୁନିଫର୍ମ ଏବଂ ପରିଚୟ ମିଳିବ । ବ୍ୟାଙ୍କ ଋଣ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ନିଜ ଉଦ୍ୟୋଗକୁ ଆଗେଇ ନେଇପାରୁଛନ୍ତି। ଏହା ସହ ଋଣରେ ସୁଧ ଭାର କମିଥିବାରୁ ସେମାନଙ୍କ ଆୟ ଓ ବ୍ୟବସାୟ ବୃଦ୍ଧି ପାଉଛି। ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତ କରି ଏହାର ସମ୍ପୂର୍ଣ୍ଣ ସୁଧ ରାଶି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ଫେରସ୍ତ କରୁଛନ୍ତି। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ୨,୮୦,୫୮୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୯୭.୬୬ କୋଟି ଟଙ୍କାରୁ ଅଧିକ ସୁଧ ଫେରସ୍ତ ରାଶି ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷ ରେ ବର୍ତ୍ତମାନ ସୁଦ୍ଧା ୫୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରିଛି। କେନ୍ଦ୍ର ସରକାର ବଜେଟରେ ଲକ୍ଷପତି ଦିଦି ଯୋଜନାର ସଂପ୍ରସାରଣ ଓ ଏସଏଚଇ ମାର୍ଟ ଉପରେ ଗୁରୁତ୍ୱ ଦେଇ କ୍ଲଷ୍ଟର ଲେବଲରେ ମହିଳା ସଶକ୍ତିକରଣକୁ ଏକ ସୁଦୃଢ଼ ଓ ଶକ୍ତିଶାଳୀ କର୍ମଦକ୍ଷ ଭାବେ ରୂପାନ୍ତରିତ ହେବ ବୋଲି କରିଥିବା ଘୋଷଣାର ସେ ପୁନରାବୃତ୍ତି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ ଓ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଜିଲ୍ଲା ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଆଭାଷୀ ମାଧ୍ୟମରେ ଯୋଗ ଦେଇଥିଲେ । ମିଶନ ଶକ୍ତି ବିଭାଗର ଏହି ପଦକ୍ଷେପ ମହିଳାମାନଙ୍କୁ ସ୍ୱାବଲମ୍ବୀ, ସକ୍ଷମ ଓ ସଶକ୍ତ କରିବା ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ ଭାବରେ ପ୍ରକାଶ କରିଛି।

## ଲୋକସେବା...

ଅକ୍ଟୋବର ୧୬ ଏବଂ ୨୪ରେ ୨ଥର ବଦଳି ବିଜ୍ଞପ୍ତି ଜାରି ହୋଇଥିଲା। ସମ୍ପୃକ୍ତ ଅଧିକାରୀ ନିଜ ସ୍ଥାନ ନଛାଡ଼ିବାରୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସରକାରୀ ବିଶୃଙ୍ଖଳା ଭାବେ କାହିଁକି ଗ୍ରହଣ କରାନଯିବ ଦର୍ଶାଇବାକୁ ନୋଟିସରେ ଉଲ୍ଲେଖ କରାଯାଇଛି।

## ରାହୁଲଙ୍କ ଭାଷଣକୁ ...

ଏବଂ ଚୀନ୍ ମଧ୍ୟରେ ୨୦୨୦ ସାମରିକ ଗତିରୋଧ ପ୍ରସଙ୍ଗ ଉଠାଇଥିଲେ। ସେ ସେତେବେଳେ ସେନା ମୁଖ୍ୟ ଥିବା ଜେନେରାଲ ନରୱାଣେଙ୍କ ଅପ୍ରକାଶିତ ପୁସ୍ତକ ଉପରେ ଏକ ପତ୍ରିକା ଲେଖା ଆଧାରରେ ଶାସକ ଦଳକୁ ଟାର୍ଗେଟ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏଥିରେ ଆପତ୍ତି କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀଙ୍କ ଆପତ୍ତି ଥିଲା ଯେ ରାହୁଲ ଗାନ୍ଧୀ ଏକ ଅପ୍ରକାଶିତ ପୁସ୍ତକ ଉଦ୍ଧୃତ କରୁଥିଲେ ଯାହା ଯାଞ୍ଚ କରାଯାଇ ପାରିବ ନାହିଁ। ଲୋକସଭା ବାଚସ୍ପତି ମଧ୍ୟ ରାହୁଲ ଗାନ୍ଧୀଙ୍କୁ ଗୃହରେ କେବଳ ସେହି ଜିନିଷ ଉପସ୍ଥାପନ କରିବାକୁ କହିଥିଲେ ଯାହାକୁ ସେ ଯାଞ୍ଚ କରିପାରିବେ। ଏହା ସତ୍ତ୍ୱେ, ରାହୁଲ ଗାନ୍ଧୀଙ୍କ ପ୍ରସଙ୍ଗ ଉଠାଇବା ଯୋଗୁଁ, ଗୃହ କାର୍ଯ୍ୟ ପ୍ରଥମେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏବଂ ପରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଦୁଇ ଥର ମୁଲତବୀ ହେବା ପରେ, ରାହୁଲ ଗାନ୍ଧୀ ପୁଣି ଥରେ ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ, କହିଥିଲେ ଯେ ସେ ଏକ ଜାତୀୟ ସୁରକ୍ଷା ପ୍ରସଙ୍ଗ ଉଠାଉଥିଲେ ଏବଂ ତେଣୁ ତାଙ୍କୁ କହିବାକୁ ଅନୁମତି ଦିଆଯାଉନାହିଁ। ତା'ପରେ ଗୃହ କାର୍ଯ୍ୟ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା

## ହେବ ତୃତୀୟ...

ସାମ୍ପ୍ରତିକ ପର୍ଯ୍ୟନ୍ତ, ଗ୍ରୀନଲ୍ୟାଣ୍ଡ ଯେକୌଣସି ଅନ୍ତର୍ଜାତୀୟ ସଂଘର୍ଷର କେନ୍ଦ୍ର ହେବା କଳ୍ପନା କରିବା କଷ୍ଟକର ଥିଲା। ତଥାପି, ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେରିକା ଗ୍ରୀନଲ୍ୟାଣ୍ଡକୁ ଚାହୁଁଛି ଏବଂ ଏହି ଇଚ୍ଛା ହାସଲ କରିବା ପାଇଁ ପରୋକ୍ଷ ଭାବରେ ସାମରିକ ଶକ୍ତି ବ୍ୟବହାର କରିବାକୁ ମଧ୍ୟ ଧମକ ଦେଇଛି। ଟ୍ରମ୍ପ ଡେନମାର୍କ ଏବଂ ୟୁରୋପକୁ ନିୟମିତ ଭାବରେ ଚେତାବନୀ ଦେଇଛନ୍ତି।

# ଲକ୍ଷ୍ମୀ ଚାନ୍ଦଙ୍କ 'ଫେରି ଆସିଥିବା ପାଦ' ଉପନ୍ୟାସକୁ ମୟୂରଭଞ୍ଜ ପୁସ୍ତକମେଳା ପୁରସ୍କାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ମୟୂରଭଞ୍ଜର ଦ୍ୱାଦଶତମ ପୁସ୍ତକମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ପୁସ୍ତକ ମେଳା ସଭାପତି ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିବାବେଳେ ଜିଲ୍ଲାର ପ୍ରଶାସନିକ ଅଧିକାରୀ ଉପଜିଲ୍ଲାପାଳ ବିଶିଷ୍ଟ କବି ଡଃ ଦୟାସିନ୍ଧୁ ପରିଡ଼ା ମୁଖ୍ୟଅତିଥି, ସମାଜସେବୀ ମମତା ମହାପାତ୍ର ମୁଖ୍ୟବକ୍ତା ଏବଂ ପୂର୍ବତନ ରାଜ୍ୟ ସୂଚନା କମିଶନର ଆଇନଜ୍ଞ ଶଶିପ୍ରଭା ବିନ୍ଧାଣୀ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ ପୂର୍ବକ ସଭାରେ ଉଦ୍‌ବୋଧନ ଦେଇଥିଲେ। ସମ୍ପାଦକ ଇଂ. ମନୋଜ କୁମାର ଦଳବେହେରା ମହୋତ୍ସବ ଆୟୋଜନ ଓ ପରିଚାଳନାରେ ଜିଲ୍ଲାପ୍ରଶାସନଙ୍କ ସକାରାତ୍ମକ ମନୋଭାବ ସମ୍ବନ୍ଧରେ ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ପ୍ରକାଶ କରି ରାଜ୍ୟ ତଥା ଜିଲ୍ଲାପ୍ରଶାସନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସମାରୋହରେ ଲକ୍ଷ୍ମୀ ଚାନ୍ଦ, ଭୁବନେଶ୍ୱରଙ୍କ 'ଫେରି ଆସିଥିବା ପାଦ' ଉପନ୍ୟାସକୁ ପୁସ୍ତକ ମେଳା ସମ୍ମାନ, ଡଃ ଦେବାଶିଷ ପାତ୍ର ବାଲେଶ୍ୱର ଫକୀରମୋହନ ବିଶ୍ୱ-ବିଦ୍ୟାଳୟଙ୍କୁ ଗଳ୍ପ ପୁରସ୍କାର, ସୁଜିତ କୁମାର ଶତପଥୀ ବଲାଙ୍ଗୀରଙ୍କୁ କବିତା ସମ୍ମାନ ଓ ସ୍ନିଗ୍ଧା ନାୟକ ଝାରସୁଗୁଡ଼ାଙ୍କୁ ଶିଶୁ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହ ମାଟିର କୃତୀ ପ୍ରତିଭା ଇଂ. ସୁଶାନ୍ତ କୁମାର ବେହେରାଙ୍କୁ ବିତନୁ ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

ଏତଦ୍‌ବ୍ୟତୀତ ମେଳା ଦିନ ମାନଙ୍କରେ ଛାତ୍ରଛାତ୍ରୀ, ମା'ମାଉସୀ ମହିଳାବର୍ଗ ତଥା ଅଭିଭାବକଙ୍କ ଅଂଶଗ୍ରହଣରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା- ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ଫେନ୍‌ସି ଡ୍ରେସ୍, ଏକକ ଅଭିନୟ ଶଙ୍ଖ ଓ ହୁଳହୁଳି, ପ୍ରବନ୍ଧ, ଗଳ୍ପ ଲିଖନ, ଦେଶାତ୍ମବୋଧକ/ ଭଜନ, ଗୀତାଶ୍ଳୋକ ଆବୃତ୍ତି, ପାରମ୍ପରିକ/ ଲୋକନୃତ୍ୟ, ଲକ୍ଷ୍ମୀପୁରାଣ ପାଠ, ଶାସ୍ତ୍ରୀୟ ନୃତ୍ୟ, କବିତା ଲିଖନ, ପିଠା ପ୍ରସ୍ତୁତି ଆଦିର ଅନ୍ୟୂନ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି, ପ୍ରମାଣପତ୍ର ପୁରସ୍କାର ଦେଇଥିଲେ। ମଞ୍ଚ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ କବୀ ଓ ଅଧିବକ୍ତା ପାର୍ବତୀ ବାରିକ। ସାଧାରଣ ସମ୍ପାଦକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ସଭ୍ୟ/ ସଭ୍ୟା ସର୍ବଶ୍ରୀ ଅଧ୍ୟାପକ ସମରେନ୍ଦ୍ର ବିଶା, ସନ୍ଦୀପ କୁମାର ଚାନ୍ଦ, ଡଃ ଶଶିଧର ବିଶ୍ୱାଳ, ଶିଉଲାଲ ମହାନ୍ତ, କାବେରୀ ମିଶ୍ର, ଜ୍ୟୋତିର୍ମୟୀ କବାଟ, ବାସନ୍ତୀଲତା ମହାପାତ୍ର, ସ୍ନେହଲତା ନାୟକ, ସ୍ୱପ୍ନା ଦଣ୍ଡପାଟ, ପ୍ରଦୀପ କୁମାର ଭୂୟାଁ ପ୍ରମୁଖ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ : ୨୮ ଜଣ ରେଳ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପୂର୍ବତଟ ରେଳବାଇର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଜାନୁଆରୀ ୨୦୨୬ ମାସରେ ଅବସର ଗ୍ରହଣ କରିଥିବା ୨୮ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନଜନକ ଭାବେ ବିଦାୟ ଜଣାଇଛି। ଏହା ସହିତ ଭାରତୀୟ ରେଳବାଇରେ ସେମାନଙ୍କର ଦୀର୍ଘ ଓ ଉତ୍ସର୍ଗୀକୃତ ସେବାଜୀବନର ଏକ ସ୍ମରଣୀୟ ଅଧ୍ୟାୟ ସମାପ୍ତ ହୋଇଛି।

ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭାଗର ବିବରଣୀ ନିମ୍ନରୂପ : (ପର୍ସନାଲ ଡିପାର୍ଟମେଣ୍ଟ) ଏନ୍. ଶ୍ରୀନିବାସ ରାଓ, ପ୍ରଭାକର ପଣ୍ଡା, ସିଗ୍ନାଲ୍ ଏବଂ ଟେଲିକମ୍ୟୁନିକେସନ୍ ବିଭାଗ (ସିଗନାଲ ଟେଲିକମ୍ୟୁନି କେସନ) ସଲିମ୍ ଖାନ୍, ଅନୁଆର୍ ଖାନ୍, ଇଞ୍ଜିନିୟରିଂ ବିଭାଗ, (ଇଞ୍ଜିନିୟରିଂ) ଦମ୍ପନା ବୋୟିନା ସତ୍ୟନାରାୟଣ, କମଳ କାନ୍ତ ତ୍ରିପାଠୀ, ସୀତାରାଣୀ ମୁର୍ମୁ, ସକିଳା ମୁର୍ମୁ, ଜ୍ୟୋତିନ୍ଦ୍ର କୁମାର ମହାରଥି, ଯାନ୍ତ୍ରିକ ବିଭାଗ (ମେକାନିକାଲ) ମୋହନ ବାଙ୍ଗାରୀ, ପ୍ରତାପ କୁମାର ବେହେରା, ସୁନାରାମ ସୋରେନ୍, ରାଇବାରୀ ଦେଇ,ସୁନିଲ୍ କୁମାର ଦେୟ, ଉନ୍ନତି ନାୟକ,ବିଜୟ କୁମାର ମହାପାତ୍ର, ବିଦ୍ୟୁତ ବିଭାଗ (ଇଲେକ୍ଟ୍ରିକାଲ) ସରତ କୁମାର ଜେନା, ନିର୍ମଳ କୁମାର ପୃଷ୍ଟି, ଅଶୋକ କୁମାର ରାଉତ, ପ୍ରବୋଧ କୁମାର ମହାପାତ୍ର, ସକିଳା ମୁର୍ମୁ, ଲକ୍ଷ୍ମୀଧର ସୁତାର,ସିବ ସାହୁ, ଚାଳନ (ଅପରେଟିଂ) ମଟ୍ଟା ରାମକୃଷ୍ଣ, ପଞ୍ଚାନନ ବାରିକ, ଶଶୀ ଭୂଷଣ ପାଲ, କୃଷ୍ଣଚନ୍ଦ୍ର ଭୋଇ, ଆକାଉଣ୍ଟସ୍ ବିଭାଗ ନରେନ୍ଦ୍ର ପ୍ରସାଦ ଜେନା, ସୁରକ୍ଷା ବିଭାଗ (ସିକ୍ୟୁରିଟି) ରବିନ୍ଦ୍ର କୁମାର ବେହେରା ଏହି ଅବସରରେ ଖୋର୍ଦ୍ଧା ରୋଡ୍‌ରେ ଆୟୋଜିତ ଏକ ସମାରୋହରେ ଅତିରିକ୍ତ ଡିଭିଜନାଲ ରେଳ ପରିଚାଳକ (ଭିତ୍ତିଭୂମି) ଶୁଭ୍ରା ଜ୍ୟୋତି ମଣ୍ଡଳ ଏବଂ ଭାରପ୍ରାପ୍ତ ବିଭାଗୀୟ କାର୍ମିକ ଅଧିକାରୀ ପ୍ରମୋଦ କୁମାର ବେହେରା ଆନୁଷ୍ଠାନିକ ଭାବେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନସନ୍ ପେମେଣ୍ଟ ଅର୍ଡର (ପିପିଓ) ଏବଂ ଅବସର ପତ୍ର ପ୍ରଦାନ କରିଥିଲେ।

ଏହି ସମାରୋହରେ ଶ୍ରୀ ମଣ୍ଡଳ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଦ୍ୱାରା ସୁରକ୍ଷିତ, ସୁଚାରୁ ଓ କାର୍ଯ୍ୟକୁଶଳ ରେଳ ପରିଚାଳନା ସୁନିଶ୍ଚିତ କରିବାରେ ଦିଆଯାଇଥିବା ଅମୂଲ୍ୟ ଅବଦାନକୁ ସ୍ୱୀକାର କରିଥିଲେ। ସେମାନଙ୍କୁ ଅବସର ପରବର୍ତ୍ତୀ ଜୀବନକୁ ସକାରାତ୍ମକ ଭାବେ ଗ୍ରହଣ କରିବା, ସମୟକୁ ଫଳପ୍ରଦ ଭାବେ ବ୍ୟବହାର କରିବା ଏବଂ ଏକ ସୁଖୀ, ସ୍ୱସ୍ଥ ଓ ପରିପୂର୍ଣ୍ଣ ଜୀବନ ବିତାଇବାକୁ ଶୁଭେଚ୍ଛା ଜଣାଇଥିଲେ।

ଭାରତୀୟ ରେଳବାଇ ପାଇଁ ସେମାନଙ୍କର ପ୍ରଶଂସନୀୟ ସେବା ପ୍ରତି କୃତଜ୍ଞତା ଜଣାଇ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ସହ ସମାରୋହର ସମାପନ କରାଯାଇଥିଲା।

ଭାରତୀୟ ରେଳବାଇରେ ଦୀର୍ଘକାଳ ଧରି ପ୍ରଶଂସନୀୟ ସେବା ନିର୍ବାହ କରି ଅବସରଗ୍ରହଣ କରିଥିବା କର୍ମଚାରୀମାନଙ୍କ ପ୍ରତି ହାର୍ଦ୍ଦିକ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇ ସମାରୋହଟି ସଫଳତାର ସହ ସମାପିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ସଂଯୋଜନା ଭାରପ୍ରାପ୍ତ ବିଭାଗୀୟ କାର୍ମିକ ଅଧିକାରୀ ପ୍ରମୋଦ କୁମାର ବେହେରା କରିଥିବା ସହ କାର୍ଯ୍ୟକ୍ରମର ସୁଗମ ଓ ସୁସଂଗଠିତ ପରିଚାଳନା ସୁନିଶ୍ଚିତ କରିଥିଲେ।

# ବିଶ୍ୱ ଆର୍ଦ୍ରଭୂମି ଦିବସରେ ସଂରକ୍ଷଣ ପାଇଁ ଆହ୍ୱାନ ଦେଲେ ନବୀନ ପଟ୍ଟନାୟକ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ବିରୋଧୀ ଦଳନେତା ନବୀନ ପଟ୍ଟନାୟକ ବିଶ୍ୱ ଆର୍ଦ୍ରଭୂମି ଦିବସ ଅବସରରେ ଆର୍ଦ୍ରଭୂମିଗୁଡ଼ିକର ସଂରକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ଆର୍ଦ୍ରଭୂମିଗୁଡ଼ିକ ପ୍ରକୃତିର ଢାଲ ଭଳି କାମ କରେ ଏବଂ ଜଳବାୟୁ ସମ୍ବନ୍ଧୀୟ ବିପଦରୁ ଆମକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ସୋସିଆଲ ମିଡିଆରେ ସେୟାର କରାଯାଇଥିବା ଏକ ବାର୍ତ୍ତାରେ ପଟ୍ଟନାୟକ କହିଛନ୍ତି ଯେ ଆର୍ଦ୍ରଭୂମି ଗୁଡ଼ିକ ଜଳସ୍ରୋତର ନିୟନ୍ତ୍ରଣ, ବନ୍ୟା ନିୟନ୍ତ୍ରଣ ଏବଂ ମାଟି ଭାଙ୍ଗିଯିବାକୁ ରୋକିବାରେ ସହାୟକ ହୁଏ। ସେ କହିଛନ୍ତି ଯେ ବିପର୍ଯ୍ୟୟ-ପ୍ରତିରୋଧକ କ୍ଷମତାକୁ ମଜବୁତ କରିବା ଏବଂ ଏକ ସସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଆର୍ଦ୍ରଭୂମିଗୁଡ଼ିକର ସଂରକ୍ଷଣ ଅତ୍ୟନ୍ତ ଆବଶ୍ୟକ।

# ଝାଡ଼େଶ୍ୱରୀ ମନ୍ଦିରରେ ବିଶ୍ୱଶାନ୍ତି ଶୈବ ମହାଯଜ୍ଞ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଝରଣାସାହି ସ୍ଥିତ ମା' ଝାଡ଼େଶ୍ୱରୀ ମନ୍ଦିର ଯଜ୍ଞଶାଳାରେ ଆଗାମୀ ଫେବୃୟାରୀ ମାସ ୧୨ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ଶୈବ ମହାଯଜ୍ଞ, ମା'ଙ୍କ ବାର୍ଷିକ ଉତ୍ସବ ଓ ଫେବୃୟାରୀ ୧୫ ତାରିଖ ଦିନ ଜାଗର ଉତ୍ସବ ଅନୁଷ୍ଠିତ ହେବ ବୋଲି ପରିଚାଳନା ସମିତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅଙ୍କୁର ରୋପଣ କାର୍ଯ୍ୟକ୍ରମରୁ ୧୧ ତାରିଖ ଦିନ ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହେବ। ୧୨, ୧୩, ୧୪ ତିନିଦିନ ଧରି ତ୍ରିଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ଦିଆଯିବ। ୧୪ ତାରିଖ ଦିନ ମଧ୍ୟ ମା'ଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଦିନ ୧ ଘଣ୍ଟା ଠାରୁ ପ୍ରାୟ ୩୦୦୦ ଭକ୍ତ ପ୍ରସାଦ ସେବନ କରିବେ ବୋଲି ସଭାପତି ଜଣାଇଛନ୍ତି। ଗତ ୨୫ ତାରିଖ ଦିନ ମନ୍ଦିର ପ୍ରାଙ୍ଗଣରେ ହୋଇଥିବା ବୈଠକରେ ଟ୍ରଷ୍ଟ ବୋର୍ଡର ସଭାପତି ସୁରେଶ କୁମାର ରାଉତରାୟ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ସୁଦାମ ଚନ୍ଦ୍ର ଦାସ, ସହ ସମ୍ପାଦକ ରାମ ନାରାୟଣ ଦାଶ, କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାପାତ୍ର ଓ ବରିଷ୍ଠ ସଦସ୍ୟ ବିଜୟ ଦ୍ୱିବେଦୀ, ଚନ୍ଦ୍ରମଣି ମହାପାତ୍ର, ନଳିନୀ ମହାନ୍ତି, ରମେଶ ବେଉରିଆ, ପ୍ରଦ୍ୟୁମ୍ନ ଦାସ, ରାମଚନ୍ଦ୍ର ସାମନ୍ତରାୟ, ଲୋକନାଥ ଷଡ଼ଙ୍ଗୀ, ଅମର ବେହେରା, ପବିତ୍ର ସେନାପତି ଓ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଏହି ଉତ୍ସବ ନିମନ୍ତେ ପ୍ରାୟ ୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି ସହ ସଂପାଦକ ସୂଚନା ଦେଇଥିଲେ। ତେଣୁ ସମସ୍ତ ସଦସ୍ୟମାନେ ମୁକ୍ତ ହସ୍ତରେ ଅର୍ଥ ଓ ସାମଗ୍ରୀ ଦାନ କରିବାକୁ ତଥା ଅନ୍ୟାନ୍ୟ ବଦାନ୍ୟ ବ୍ୟକ୍ତିମାନଙ୍କ ଠାରୁ ଦାନ ସଂଗ୍ରହ କରି ପୂର୍ବ ବର୍ଷ ମାନଙ୍କ ପରି ଉତ୍ସବ କୁ ସଫଳ କରିବା ନିମନ୍ତେ ସଭାପତି ଆହ୍ୱାନ ଜଣାଇଥିଲେ ଓ ସଂଘବଦ୍ଧ ଭାବେ କାର୍ଯ୍ୟ କରିବା ନିମନ୍ତେ ଉପଦେଶ ଦେଇଥିଲେ। ତା'ପରେ ଡିସେମ୍ବର ମାସ ପର୍ଯ୍ୟନ୍ତ ମନ୍ଦିରର ଆୟ ବ୍ୟୟ ବିବରଣୀ କୋଷାଧ୍ୟକ୍ଷ ପ୍ରଦାନ କରିଥିଲେ ଓ ତାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଧନ୍ୟବାଦ ପ୍ରସ୍ତାବ ସହ ସଭା ସାଙ୍ଗ ହୋଇଥିଲା।




ଭୁବନେଶ୍ୱର : ରବୀନ୍ଦ୍ର ମଣ୍ଡପ ପରିସରରେ ଅନୁଷ୍ଠିତ ନାଟ୍ୟ ନିର୍ଦ୍ଦେଶକ ଅସୀମ ବସୁଙ୍କ ସ୍ମୃତି ତର୍ପଣ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। (ଫଟୋ : ସମ୍ବାଦକଳିକା)

# ସରକାରୀ ନିଯୁକ୍ତିରେ କମ୍ପ୍ୟୁଟର ଯୋଗ୍ୟତା ପାଳନକୁ କଡ଼ା ନିର୍ଦ୍ଦେଶ, ଓକେସିଏଲର ଓଏସ୍‌ସିଆଇଟି କୋର୍ସ ବାଧ୍ୟତାମୂଳକ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ସରକାରୀ, ଅର୍ଦ୍ଧ-ସରକାରୀ ଓ ପିଏସୟୁ ନିଯୁକ୍ତିରେ କମ୍ପ୍ୟୁଟର ଯୋଗ୍ୟତା ସମ୍ପର୍କିତ ନିୟମକୁ ସଠିକ୍ ଭାବେ ପାଳନ କରିବା ପାଇଁ ରାଜ୍ୟ ସରକାର କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ଗତ ୨୭ ତାରିଖରେ ଜାରି ହୋଇଥିବା ସରକାରୀ ପତ୍ରରେ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ, ରେଭେନ୍ୟୁ ଡିଭିଜନାଲ୍ କମିଶନର ଓ ଜିଲ୍ଲାପାଳମାନଙ୍କୁ ଏହି ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ସ୍ପଷ୍ଟ ଭାବେ କୁହାଯାଇଛି।

ସରକାରୀ ପତ୍ରରେ ୮ ଫେବୃୟାରୀ ୨୦୨୧ ତାରିଖରେ ଜାରି ହୋଇଥିବା ନୋଟିଫିକେସନ୍‌କୁ ଉଦ୍ଧୃତ କରାଯାଇଛି। ସେହି ନୋଟିଫିକେସନ୍ ଅନୁଯାୟୀ, ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଏକେସିଏଲ) ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ କମ୍ପ୍ୟୁଟର ପାଠ୍ୟକ୍ରମ (ଓଏସ୍‌ସିଆଇଟି)କୁ ସରକାରୀ ନିଯୁକ୍ତି ପାଇଁ ମୌଳିକ କମ୍ପ୍ୟୁଟର ଦକ୍ଷତାର ଏକ ମାନ୍ୟତାପ୍ରାପ୍ତ ଓ ଭରସାଯୋଗ୍ୟ ପ୍ରମାଣ ଭାବେ ସ୍ୱୀକୃତି ଦିଆଯାଇଛି। ପତ୍ରରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ୟୁଜିସି କିମ୍ବା ଏଆଇସିଟିଇ ସ୍ୱୀକୃତ ସଂସ୍ଥାରୁ ପ୍ରଦତ୍ତ ପିଜିଡିସିଏ ଓ ଡିସିଏ ସାର୍ଟିଫିକେଟ୍, ଏବଂ ଏନ୍‌ଆଇଇଏଲଆଇଟି ଓ ଲେଭେଲ୍ ଯେଉଁଠାରେ କମ୍ପ୍ୟୁଟର ଯୋଗ୍ୟତା ନିର୍ଦ୍ଦିଷ୍ଟ ରହିଛି, ସେଠାରେ ଓଏସସିଆଇଟି ପାଠ୍ୟକ୍ରମକୁ ସମତୁଲ୍ୟ ଯୋଗ୍ୟତା ଭାବେ ଗ୍ରହଣ କରାଯିବ। ସରକାରଙ୍କ ଏହି ସ୍ପଷ୍ଟୀକରଣ ଦ୍ୱାରା ସରକାରୀ ଚାକିରି ଆକାଂକ୍ଷୀମାନଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଦୂର ହେବ। ରାଜ୍ୟସ୍ତରୀୟ କମ୍ପ୍ୟୁଟର ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିଥିବା ପ୍ରାର୍ଥୀମାନେ ନିଯୁକ୍ତି ପ୍ରକ୍ରିୟାରେ ସମାନ ସୁଯୋଗ ପାଇପାରିବେ ବୋଲି ଆଶା କରାଯାଉଛି।





## ୩ଟି ରେଷ୍ଟୁରାଣ୍ଟରେ ଅବକାରୀ ଚଢ଼ଉ

ଭୁବନେଶ୍ୱର,୨।୨
ନ୍ୟୁଜ୍‌ବ୍ୟୁରୋ

ରାଜଧାନୀର ୩ଟି ଏସି ହୋଟେଲ ଓ ରେଷ୍ଟୁରାଣ୍ଟରେ ଅବକାରୀ ବିଭାଗ ଚଢ଼ଉ କରିଛି। ସେଠାରୁ ମଦ ଜବତ କରିବା ସହ ରେଷ୍ଟୁରାଣ୍ଟ ମାଲିକଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ସୋମବାର ଦିନ ଭୁବନେଶ୍ୱରରେ ଥିବା ହଙ୍ଗର ହ୍ୟାକର, ଯୌକ ରେଷ୍ଟୁରାଣ୍ଟ ଏବଂ ମାଓ୍ୱା ରେଷ୍ଟୁରାଣ୍ଟରେ ଅବକାରୀ ବିଭାଗ ଅଚାନକ ଚଢ଼ଉ କରିଥିଲା। ଚଢଉ ବେଳେ ହଙ୍ଗର ହ୍ୟାକରରୁ ୭.୫ଲିଟର ବିଦେଶୀ ମଦ ଏବଂ ମାଓ୍ୱା ରେଷ୍ଟୁରାଣ୍ଟରୁ ୧୫ଲିଟର ବିୟର ଜବତ କରାଯାଇଥିଲା। ହଙ୍ଗର ହ୍ୟାକରର ମାଲିକ ଏମ୍‌ଡି ଶୋବନି ଖାନଙ୍କ ସହ ମାଓ୍ୱା ରେଷ୍ଟୁରାଣ୍ଟର ମାଲିକ କିଶୋର ଚନ୍ଦ୍ର ରାଉତଙ୍କୁ ଅବକାରୀ ବିଭାଗ ଅଟକ ରଖିଥିଲା।

## ହାଇକୋର୍ଟଙ୍କ ବଡ଼ ରାୟ : ଛାଡ଼ପତ୍ରପ୍ରାପ୍ତ ବିବାହିତ ଝିଅଙ୍କୁ ମିଳିବ ପେନସନ

କଟକ,୨।୨
ନ୍ୟୁଜ୍‌ବ୍ୟୁରୋ



ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ। ବିବାହ ବିଚ୍ଛେଦ ଅଥବା ଛାଡ଼ପତ୍ର ହୋଇ ସାରିଥିବା ନିର୍ଭରଶୀଳ ଝିଅଙ୍କୁ ପରିବାର ପେନସନ ମିଳିବ। ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ଉପରେ ନିର୍ଭର କରୁଥିବା ଛାଡ଼ପତ୍ରପ୍ରାପ୍ତ ବିବାହିତ ଝିଅ ପରିବାର ପେନସନ ପାଇବେ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଯାହା ବେଶ୍ ଯୁଗାନ୍ତକାରୀ ଓ ସମାଜକୁ ଏକ ଉତ୍ତମ ବାର୍ତ୍ତା ପ୍ରଦାନ କରିଛି। ମାମଲାଟି ଏପରି ଥିଲା ଯେ, ଆବେଦନକାରୀଙ୍କ ବାପା କୃଷି ବିଭାଗରେ ଓଭରସିଅର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ପେନସନ ପାଉଥିଲେ। ୨୦୧୧ରେ ବାପାଙ୍କ ଦେହାନ୍ତ ହେବା ପରେ ଆବେଦନକାରୀଙ୍କ ମା' ପରିବାର ପେନସନ ପାଇଥିଲେ। ଆବେଦନକାରୀଙ୍କ ମା'ଙ୍କ ୨୦୧୯ରେ ପରଲୋକ ହୋଇଥିଲା। ବିବାହ ପରେ ଶ୍ୱଶୁର ଘରେ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। ଏହାପରେ ୨୦୧୦ରୁ ଆବେଦନକାରୀ ବାପାଙ୍କ ଘରେ ରହି ଆସୁଥିଲେ। ଚଳିବା ପାଇଁ ସେ ବାପାଙ୍କ ଉପରେ ନିର୍ଭର କରୁଥିଲେ। ୨୦୧୯ରେ ଆବେଦନକାରୀଙ୍କ ବିବାହ ବିଚ୍ଛେଦ ନିର୍ଦ୍ଦେଶ ଅଦାଲତ ପ୍ରଦାନ କରିଥିଲେ। ମା'ଙ୍କ ମୃତ୍ୟୁ ପରେ ସେ ନିର୍ଭରଶୀଳ ଛାଡପତ୍ର ଝିଅ ଭାବେ ପରିବାର ପେନସନ ପାଇଁ ଦରଖାସ୍ତ ଦାଖଲ କରିଥିଲେ। ତାଙ୍କ ପରିବାର ପେନସନ ଦରଖାସ୍ତକୁ କର୍ତ୍ତୃପକ୍ଷ ଗ୍ରହଣ କରିବାକୁ ମନା କରିଥିଲେ। ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପିତାମାତାଙ୍କ ମୃତ୍ୟୁ ପରେ ନିର୍ଭରଶୀଳ ଝିଅକୁ ପରିବାର ପେନସନରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ବାପା-ମାଙ୍କ ମୃତ୍ୟୁ ପରେ ନିର୍ଭରଶୀଳ ଝିଅକୁ ୮ ସପ୍ତାହ ଭିତରେ ପରିବାର ପେନସନ ମଞ୍ଜୁର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



ଭୁବନେଶ୍ୱର : ଲୋକ ଭବନରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୋପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଉପସ୍ଥିତ ଅଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ଅନ୍ୟମାନେ। (ଫଟୋ : ସମ୍ବାଦକଳିକା)




ଭୁବନେଶ୍ୱର : ଆଦିବାସୀ ମେଳା ଅବସରରେ ସନ୍ଧ୍ୟା ନଇଁଲେ ଆଦିବାସୀ ନୃତ୍ୟ ଗୀତରେ ଦୁଲୁକୁଛି ମଞ୍ଚ। (ଫଟୋ : ସମ୍ବାଦକଳିକା)

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଯାଜପୁରରେ ସ୍କୁଲ୍ ଛୁଟି

ଯାଜପୁର,୨।୨ :ନ୍ୟୁଜ୍‌ବ୍ୟୁରୋ

ମଙ୍ଗଳବାର ଯାଜପୁରରେ ୪୮ ସ୍କୁଲ୍ ଛୁଟି। ଯାଜପୁର ପୌରାଞ୍ଚଳର ୪୮ ସରକାରୀ ଓ ବେସରକାରୀ ସ୍କୁଲ୍ ବନ୍ଦ ରହିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସ୍କୁଲ ଛୁଟି ଘୋଷଣା କରିଛନ୍ତି।

ସୂଚନା ଥାଉକି, ମଙ୍ଗଳବାର ରାଷ୍ଟ୍ରପତି ଯାଜପୁର ଆସୁଛନ୍ତି। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ଯାଜପୁର ସହର। ରାଷ୍ଟ୍ରପତିଙ୍କ ଗସ୍ତ ନିମନ୍ତେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ପୁଲିସ ପ୍ରଶାସନ, ମନ୍ଦିର ପ୍ରଶାସନ ଦିନରାତି ଏକ୍ କରି ଦେଇଛନ୍ତି। ସହରର ବିଭିନ୍ନ ସ୍ଥାନକୁ ସଫାସୁତୁରା କରାଯାଇଛି। ଅସମ୍ପୂର୍ଣ୍ଣ ଥିବା କାମକୁ ସମ୍ପୂର୍ଣ୍ଣ କରାଯାଇଛି। ଏନ୍‌ସି କଲେଜ ଛକ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାକୁ ପରିଷ୍କାର କରାଯାଇଛି। ମେଡିକାଲ ଛକରୁ ବିରଜା ମନ୍ଦିର ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାକୁ ସମ୍ପୂର୍ଣ୍ଣ ପିଚୁ କରାଯିବା ସହ ଧଳା ରଙ୍ଗରେ ସେଡିଂ କରାଯାଇଛି। ରାଷ୍ଟ୍ରପତି ଆକାଶ ମାର୍ଗରୁ କୁସୁମା ସମ୍ମୁଖ ପ୍ରଶାସନିକ ଭବନ ପଡ଼ିଆରେ ଅବତରଣ କରିବେ। ଏଣୁ ଏହି ପଡ଼ିଆକୁ ସମ୍ପୂର୍ଣ୍ଣ ଭାବେ ପିଚୁ କରାଯାଇ ଏହାର



ଚତୁଃପାର୍ଶ୍ୱରେ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ପଡ଼ିଆର ତିନୋଟି ସ୍ଥାନରେ ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଇଛି। ରାଷ୍ଟ୍ରପତି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିବେ। ପୂଜା ପରେ ନାଭିଗୟାରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ବିରଜା ମନ୍ଦିରକୁ ଭଲ ଭାବରେ ସଫା କରାଯାଇ ମନ୍ଦିରକୁ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ବଛା ବଛା ହାତଗଣତି ୮ରୁ ୧୦ ଜଣ ସେବାୟତ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କ ପୂଜାକାର୍ଯ୍ୟ ଓ ନାଭିଗୟାରେ ପିଣ୍ଡଦାନକୁ ସମ୍ପାଦନ କରିବେ ବୋଲି ସ୍ଥିର ହୋଇଛି।

## ସରକାରଙ୍କ ଘୋଷଣା : ବୁର୍ଲାରେ ଖୋଲିବ ନୂଆ ତହସିଲ କାର୍ଯ୍ୟାଳୟ

ସମ୍ବଲପୁର,୨।୨ :ନ୍ୟୁଜ୍‌ବ୍ୟୁରୋ

ସମ୍ବଲପୁର ପାଇଁ ବଡ଼ ଘୋଷଣା। ଖୁସିହେବେ ବୁର୍ଲାବାସୀ। ସମ୍ବଲପୁର ବୁର୍ଲାରେ ଖୋଲିବ ନୂଆ ତହସିଲ ଅଫିସ। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସୋମବାର ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ବସିଥିଲା। ଏଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ତେବେ ସମୀକ୍ଷା ପରେ ସେ ଏହି ସୂଚନା ଦେଇଛନ୍ତି। ଏହି ଖବର ପାଇବା ପରେ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। କାରଣ ସେମାନଙ୍କୁ ତହସିଲ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯିବାକୁ ପଡ଼ିବ ନାହିଁ। ଅନ୍ୟପକ୍ଷେ ବୁଦ୍ଧିଜୀବୀ ଏହାକୁ ପ୍ରଶଂସା କରିଛନ୍ତି।



## ୬ କୋଟି ଟଙ୍କା ଠକେଇ : ମାଷ୍ଟରମାଇଣ୍ଡ ଗିରଫ

କଟକ,୨।୨ :ନ୍ୟୁଜ୍‌ବ୍ୟୁରୋ

୬ କୋଟି ଟଙ୍କାର ଠକେଇ ମାମଲାରେ ମାଷ୍ଟରମାଇଣ୍ଡକୁ ପୋଲିସ ଗିରଫ କରିଛି। ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଅଞ୍ଚଳର ମାଷ୍ଟରମାଇଣ୍ଡ ଶ୍ରୀନିବାସ ରାଓକୁ ଭୁବନେଶ୍ୱରରୁ ଗିରଫ କରିଛି ପୋଲିସ। ଗିରଫ ପରେ ଅଭିଯୁକ୍ତକୁ ବ୍ରହ୍ମପୁର ଏସଡିଜେଏମ୍ କୋର୍ଟରେ ହାଜର କରିଛି ସାଇବର କ୍ରାଇମବ୍ରାଞ୍ଚ।


ପ୍ରକାଶ ଅପେକ୍ଷାରେ...

"କଥାକଳିକା"

ଫେବୃୟାରୀ ସଂଖ୍ୟା-୨୦୨୬




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ

**ସମକାଳର କଥା :** ଚନ୍ଦ୍ରକଳା ନାୟକ, ସୋମା ଚାନ୍ଦ, ସୁନୀତା କର, ବିନୋଦ, ଜ୍ଞାନରଞ୍ଜନ ମହାନ୍ତି, ଉମାକାନ୍ତ ରାଉତ, ପଦ୍ମାଳୟା ପାଢ଼ୀ, ରାଜଲକ୍ଷ୍ମୀ ତ୍ରିପାଠୀ।

**ଅନ୍ୟ ଭାଷାର କଥା :** ଲିଙ୍ଗରାଜ ମହାନ୍ତି, ଅଶୋକ କୁମାର ସା'

**ଯୁବ ମାନସର କଥା :** ଲିପ୍‌ସା ପଟେଲ, ହିମାଂଶୁ ଭୂଷଣ ସାହୁ, ପ୍ରକାଶ ସାହୁ, ସୁଚରିତା ବେହେରା, ମୀନାକ୍ଷୀ ପଣ୍ଡା, ରଞ୍ଜନ ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


## ଟ୍ରାନ୍ସଜେଣ୍ଡର ଅଞ୍ଜଳି ହତ୍ୟା ମାମଲା : କିନ୍ନରଙ୍କ ରାସ୍ତା ଅବରୋଧ

ଭୁବନେଶ୍ୱର,୨।୨
ନ୍ୟୁଜ୍‌ବ୍ୟୁରୋ

ଟ୍ରାନ୍ସଜେଣ୍ଡର ଅଞ୍ଜଳି ହତ୍ୟା ମାମଲାରେ କିନ୍ନରମାନେ ସୋମବାର କ୍ୟାପିଟାଲ ହସ୍ପିଟାଲ ଛକରେ ରାସ୍ତା ଅବରୋଧ କରିଥିଲେ। ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଏବଂ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି କିନ୍ନର।

ସୂଚନାଯୋଗ୍ୟ ଯେ ରବିବାର ରାତିରେ ପିପିଲି ଥାନା ଅନ୍ତର୍ଗତ ସିଙ୍ଗା ନିକଟରେ କିନ୍ନର ଅଞ୍ଜଳିଙ୍କୁ ଦୁର୍ବୃତ୍ତ ଛୁରୀରେ ଆକ୍ରମଣ କରିଥିଲେ। ସାଥୀ କିନ୍ନରମାନେ ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୁକ୍ତମାନେ ଏବେ ବି ଫେରାର ଅଛନ୍ତି ଏବଂ ପିପିଲି ପୋଲିସ ସେମାନଙ୍କୁ ଖୋଜୁଛି।

## ଫିଟିବ ହ୍ୟୁମାନ୍ ସାଗରଙ୍କ ଅକାଳ ମୃତ୍ୟୁ ରହସ୍ୟ : ଆସିଲା ମେଡିକାଲ ରିପୋର୍ଟ

କଟକ,୨।୨ :ନ୍ୟୁଜ୍‌ବ୍ୟୁରୋ

କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅକାଳ ବିୟୋଗର ରହସ୍ୟ ଫିଟାଇବା ପାଇଁ ମର୍କତନଗର ଥାନାରେ ରୁଜୁ ମାମଲାରେ ପୁଲିସର ଏକ ମେଡିକାଲ୍ ରିପୋର୍ଟ ହସ୍ତଗତ ହୋଇଛି। ହ୍ୟୁମାନ୍ ଚିକିତ୍ସିତ ହେଉଥିବା ଗଣ୍ଡରପୁର ସ୍ଥିତ ଏକ ବେସରକାରୀ ହସ୍ପିଟାଲ୍ ଏହି ରିପୋର୍ଟ ପ୍ରଦାନ କରିଛି। ଲିଭର୍ ସିରୋସିସ୍ ହେବା ପରଠୁ ଉକ୍ତ ହସ୍ପିଟାଲ୍‌ରେ ହ୍ୟୁମାନ୍ ଚିକିତ୍ସିତ ହେଉଥିଲେ। ଉକ୍ତ ହସ୍ପିଟାଲଟି ଲିଭର୍ ରୋଗର ସ୍ୱତନ୍ତ୍ର ଚିକିତ୍ସା ପାଇଁ ରହିଥିବାରୁ ହ୍ୟୁମାନ୍ ସେଠାରେ ନିଜର ରେଗୁଲାର ଟ୍ରିଟ୍‌ମେଣ୍ଟ୍ କରାଉଥିଲେ। ଏପରିକି ସେ ଗୁରୁତର ହେବାର କିଛି ଦିନ ପୂର୍ବରୁ ଉକ୍ତ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ଯାଇଥିଲେ। ଗଲା କିଛି ବର୍ଷର ଚିକିତ୍ସା ତଥ୍ୟ ଉକ୍ତ ରିପୋର୍ଟରେ ହସ୍ପିଟାଲ୍ ପକ୍ଷରୁ ପ୍ରଦାନ କରାଯାଇଛି। ଅନ୍ୟପଟେ ଗତ ନଭେମ୍ବର ମାସ ୧୭ ତାରିଖରେ ହ୍ୟୁମାନ୍‌ଙ୍କ ମୃତ୍ୟୁ ହେବାର କିଛି ଦିନ ପୂର୍ବରୁ ସେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ। ତେଣୁ ଏମ୍ସରେ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ମେଡିକାଲ୍ ରିପୋର୍ଟ ରହିଛି। ଯାହାକୁ ପାଇବା ପାଇଁ ମର୍କତନଗର ଥାନା ପୁଲିସ ଚିଠି ଲେଖି ଏମ୍ସକୁ ଅନୁରୋଧ କରିଥିଲା।

ମାତ୍ର ଗଲା ମାସେରୁ ଅଧିକ ସମୟ ହେବ ଏହି ଚିଠି ଲେଖାଯାଇଥିଲେ ବି ଏମ୍ସ ପକ୍ଷରୁ କୌଣସି ଉତ୍ତର ଦିଆଯାଉନି। ଏହି କ୍ରମରେ ଟଙ୍କା କାରବାର ବିଷୟ ଜାଣିବା ପାଇଁ ଥାନା ପକ୍ଷରୁ ୮ଟି ବ୍ୟାଙ୍କ୍‌କୁ ଟ୍ରାଞ୍ଜାକ୍ସନ୍ ତଥ୍ୟ ମଗାଯାଇଥିଲା। ହେଲେ ଗୋଟିଏ ବି ବ୍ୟାଙ୍କ୍ ତଥ୍ୟ ପ୍ରଦାନ କରିନି। ଫଳରେ ହ୍ୟୁମାନଙ୍କ ଟଙ୍କା କାରବାର ତଥ୍ୟ ପୁଲିସ ଏଯାବତ୍ କାଣିଚାଏ ଜାଣିପାରିନି। ମର୍କତନଗର ଥାନା ପୁଲିସ କେବଳ କିଛି ଅଭିଯୁକ୍ତ ଓ ହ୍ୟୁମାନଙ୍କ ଫୋନ୍ କଲ୍ ରେକର୍ଡ ଧରି ବସିଛି। ତେଣୁ ମା' ଶେଫାଳି ସୁନା ଦେଇଥିବା ଏତଲାକୁ ଏହା ମଧ୍ୟରେ ମାସେରୁ ଅଧିକ ସମୟ ବିତିଥିଲେ ବି ମାମଲାରେ ଅଗ୍ରଗତି ହୋଇନି।

### ଏସଆଇ ପ୍ରଶ୍ନପତ୍ର ଲିକ୍ ମାମଲା

## ରିମାଣ୍ଡରେ ଆସିବ ସିଲିକନ୍ ଟେକ୍‌ଲାବ୍‌ର ମାଲିକ

କଟକ,୨।୨ :ନ୍ୟୁଜ୍‌ବ୍ୟୁରୋ

ହାଇକୋର୍ଟରେ ହୋଇଥିବା ଏଏସ୍‌ଓ (ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର) ପରୀକ୍ଷା ପ୍ରଶ୍ନ ପ୍ରଘଟ ମାମଲାରେ ସିଲିକନ୍ ଟେକ୍ ଲାବର ମାଲିକ ସୁରେଶ ନାୟକକୁ ରିମାଣ୍ଡରେ ଆଣିବ କଟକ କମିଶନରେଟ୍ ପୋଲିସ। ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ସୁରେଶ ନାୟକ ଗିରଫ ହୋଇ ଜେଲରେ ଅଛି। ଲାଲ୍‌ବାଗ୍ ଥାନା ପୋଲିସ ଖୁବ୍‌ଶୀଘ୍ର ସୁରେଶକୁ ନିଜ ମାମଲା ସହିତ ଯୋଡ଼ିବ ଓ ଜେରା କରିବା ପାଇଁ କୋର୍ଟରେ ରିମାଣ୍ଡ ଆବେଦନ କରିବ ବୋଲି ସୂଚନା ମିଳିଛି।

ଗତ ଜୁଲାଇ ମାସରେ ହୋଇଥିବା ଏଏସ୍‌ଓ ପରୀକ୍ଷା ପରିଚାଳନା ଦାୟିତ୍ୱ 'ସିଲିକନ୍ ଟେକ୍ ଲାବ୍' ସଂସ୍ଥା



ପାଖରେ ଥିଲା। ମାତ୍ର ପରୀକ୍ଷା ପରେ କର୍ତ୍ତୃପକ୍ଷ ଜାଣିବାକୁ ପାଇଲେ ଯେ, ପରୀକ୍ଷାର ପ୍ରଶ୍ନ ପୂର୍ବରୁ ଲିକ୍ ହୋଇଛି। ତେଣୁ ପରୀକ୍ଷାକୁ ରଦ୍ଦ କରାଯାଇଥିଲା। ପରେ ଲାଲ୍‌ବାଗ ଥାନାରେ ଏତଲା ହେବାରୁ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପ୍ରଶ୍ନ ଲିକ୍ ପଛରେ ସିଲିକନର ହାତ ଥିବା ସ୍ପଷ୍ଟ ହୋଇଥିଲା। ଏପରିକି ସଂସ୍ଥାର ମାଲିକ ସୁରେଶ ନାୟକଙ୍କ ଜାଣତରେ ଏହି କେଳେଙ୍କାରୀ କରାଯାଇଥିଲା। ତନ୍ମଧ୍ୟରୁ ରବିବାର ୪ ଜଣ କର୍ମଚାରୀ ଓ ୨ ଦଲାଲଙ୍କୁ ପୁଲିସ ଗିରଫ କରିଥିଲା। ପରେ ପୁଲିସ ବହୁ ଲୋକଙ୍କୁ ପଚରାଉଚରା କରିଥିଲା। ଏହି କ୍ରମରେ ଜେଲ୍‌ରେ ଥିବା ସଂସ୍ଥାର ମାଲିକ ସୁରେଶ ନାୟକ ଓ ଅନ୍ୟ ୪ ଜଣଙ୍କୁ ଲାଲବାଗ୍ ପୋଲିସ ଏଏସ୍‌ଓ ପ୍ରଶ୍ନଲିକ୍ ମାମଲାରେ ଖୁବ୍‌ଶୀଘ୍ର ଯୋଡ଼ିବ। ଏହା ପରେ ସୁରେଶକୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରିବ। ଏସ୍‌ଆଇ ମାମଲା ଏବେ ସିବିଆଇ ଦ୍ୱାରା ତଦନ୍ତ କରାଯାଉଛି। ମାମଲା ମଧ୍ୟ ସିବିଆଇ କୋର୍ଟରେ ଅଛି। ତେଣୁ ରିମାଣ୍ଡରେ ଆଣିବା ପାଇଁ ଅଳ୍ପ ଦିନ ମଧ୍ୟରେ କଟକ ପୁଲିସ ସୁରେଶର ରିମାଣ୍ଡ ଆବେଦନ କରିବ ବୋଲି ସୂଚନା ମିଳିଛି।

### ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ସମନ୍ୱୟ ବୈଠକ

## ଅଘଟଣ ଏଡ଼ାଇବାକୁ ଅଧିକ ଗୁରୁତ୍ୱ : ଜଗିବ ସିସିଟିଭି କ୍ୟାମେରା

ଭୁବନେଶ୍ୱର, ୨।୨ :ନ୍ୟୁଜ୍‌ବ୍ୟୁରୋ

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ପାଇଁ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୃଙ୍ଖଳିତ ଦର୍ଶନ, ଶୂନ୍ୟ ଅଘଟଣକୁ ବିଧାୟକ ବାବୁ ସିଂ ଏବଂ ଜିଲ୍ଲାପାଳ ଅମ୍ରୀତ ଋତୁରାଜ ଗୁରୁତ୍ୱ ଦେଇଛନ୍ତି। ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଅୟୋଜିତ ଏହି ବୈଠକରେ ନିଷ୍ପତ୍ତି ମୁତାବକ ଭୋର ୩ଟାରେ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପହୁଡ଼ ଖୋଲି ମଙ୍ଗଳ ଆଳତୀ ଓ ଅବକାଶ ନୀତି କରାଯାଇ ସାଢେ ୩ଟା ଠାରୁ ଦିନ ୧୧ଟା ପର୍ଯ୍ୟନ୍ତ ସାହାଣ ମେଲା ଦର୍ଶନ ପାଇଁ ଅନୁମତି ଦିଆଯିବ। ସେବାୟତ ପରିବାରଙ୍କ ଦର୍ଶନ ପାଇଁ ଗୋଟିଏ ଘଣ୍ଟା ଅର୍ଥାତ ଭୋର ୪ଟାରୁ ୫ଟା ଯାଏଁ ଅନୁମତି ଦିଆଯିବ। ସମସ୍ତ ନୀତି ଠିକଣା ସମୟରେ ସାରି ରାତି ଠିକ୍ ୧୦ଟାରେ ମହାଦୀପ ଉଠିବ। ଚାରି ପ୍ରହର ପୂଜାର ସମସ୍ତ ପର୍ଯ୍ୟାୟ, ହରିହର ଭେଟ ଏବଂ ବଡ଼ସିଂହାର ସାରି ତା'ପରଦିନ ସକାଳ ୮ଟା ସୁଦ୍ଧା ପହୁଡ଼ ପଡ଼ିବ।

ଏଥର ଚାରି ପ୍ରହର ପୂଜା ବେଳେ ମନ୍ଦିର କର୍ତ୍ତୃପକ୍ଷ ଉପସ୍ଥିତ ରହି ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିବେ। ନୀତି ବିଳମ୍ବ ନ ହେବା ପାଇଁ ଭୋଗ



ବୁହା ଓ ତୀର୍ଥ ପାଣି ଅଣାଯିବା ବାଟକୁ ଅବରୋଧ ମୁକ୍ତ କରାଇବା ଲାଗି ଶ୍ୱେତ ପ୍ରଲେପରେ ଚିହ୍ନଟ କରାଯିବ ଓ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ବେଢାରେ ଅଯଥା ଭିଡ଼ କମାଇବା ଲାଗି ଏଥର ଦୂରଦର୍ଶନ ବ୍ୟତିତ ଅନ୍ୟ କୌଣସି ସଂସ୍ଥାକୁ ଜିମି କ୍ୟାମେରା ବ୍ୟବହାର ଲାଗି ଅନୁମତି ଦିଆଯିବ ନାହିଁ। ଅନ୍ୟ ବେସରକାରୀ ଚ୍ୟାନେଲଗୁଡ଼ିକୁ କେବଳ ଜଣେ ଲେଖା କ୍ୟାମେରାମ୍ୟାନ୍ ଓ ଜଣେ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କୁ ଅନୁମତି ଦିଆଯିବ। ସୀମିତ ସଂଖ୍ୟକ ସଂସ୍ଥାର ସ୍ୱେଚ୍ଛାସେବୀଙ୍କୁ ବେଢା ଭିତରକୁ ଅନୁମତି ଦିଆଯିବ। ଭିଆଇପି ପାସ୍ ଦର୍ଶନ ବ୍ୟବସ୍ଥାକୁ ପ୍ରତ୍ୟାହାର ନିମନ୍ତେ ସେବାୟତ ପ୍ରତିନିଧିମାନେ ସମର୍ଥନ କରିଥିବା ବେଳେ କିଛି କର୍ପୋରେଟର ଭିନ୍ନ ମତ ରଖିଥିଲେ। ତେଣୁ ଏହାକୁ ନେଇ କୌଣସି ନିଷ୍ପତ୍ତି ହୋଇପାରିନି। ନକଲି ସେବାୟତଙ୍କ ଅନୁପ୍ରବେଶ ରୋକିବାକୁ ସେବାୟତଙ୍କୁ ପରିଚୟ ପତ୍ର ପ୍ରଦାନ କରିବାକୁ ପ୍ରସ୍ତାବ ରଖାଯାଇଛି। ଶ୍ରଦ୍ଧାଳୁମାନେ ଧାଡ଼ିରେ ସିଂହଦ୍ୱାର ଦେଇ ପ୍ରବେଶ କରି ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିବେ। ତେଣୁ ଉଭୟ ଦ୍ୱାରରେ ୫ଟି ଲେଖାଏଁ ଶୀତତାପ ନିୟନ୍ତ୍ରିତ ଆଶୁ ଚିକିତ୍ସା ବ୍ୟବସ୍ଥା କରାଯିବ। ସେଣ୍ଟ ଜୋନ ଆମ୍ବୁଲାନ୍ସ ସେବା ଏବଂ ଆବଶ୍ୟକ ସ୍ଥଳେ ହାଇଟେକ କିମ୍ବା ସମ୍ ହସ୍ପିଟାଲ ସହଯୋଗରେ ୨ଟି ଲେଖାଏଁ ଏଏଲ୍‌ଏସ (ଆଡଭାନ୍ସଡ ଲାଇଫ ସପୋର୍ଟ) ଏବଂ ବିଏଲ୍‌ଏସ(ବେସିକ ଲାଇଫ ସପୋର୍ଟ) ଆମ୍ବୁଲାନ୍ସ ନିୟୋଜିତ ରହିବ। ଶୃଙ୍ଖଳିତ ଧାଡି ଦର୍ଶନ ପାଇଁ ଆବଶ୍ୟକସ୍ଥଳେ ଶୀତତାପ ନିୟନ୍ତ୍ରିତ ସେଡ୍ ବ୍ୟବସ୍ଥା କରାଯିବ। ସେଡ୍‌ରେ ପଙ୍ଖା ଉପଲବ୍ଧ ରହିବ। ଓ୍ୱାଟ୍‌କୋ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପିଇବା ପାଣି ଯୋଗାଇ ଦିଆଯିବ। ସୁରକ୍ଷା ଲାଗି ଆବଶ୍ୟକ ଫୋର୍ସ ମୁତୟନ ସାଙ୍ଗକୁ ଏକ କିଲୋମିଟର ପର୍ଯ୍ୟନ୍ତ ସିସିଟିଭି କ୍ୟାମେରା ଲାଗିବ। ସମସ୍ତ ସଂଯୋଗୀକରଣ ରାସ୍ତା ମଧ୍ୟ ୧୦ ତାରିଖ ମଧ୍ୟରେ ମରାମତି କରାଯିବ।

ବିନ୍ଦୁ ସାଗରର ମହନୀ ଘାଟରୁ ଦଳ ସଫେଇ ସହ ଶ୍ରୀଲିଙ୍ଗରାଜ ମନ୍ଦିର, ଡାକରା ବିଭୀଷଣ ମନ୍ଦିର ଏବଂ କେଦାରଗୌରୀ ମନ୍ଦିରକୁ ଆଲୋକୀକରଣ, ଫୁଲ ସାଜସଜ୍ଜା, ସେଫଇ ଆଦି କାର୍ଯ୍ୟ ବିଏମ୍‌ସି ଦ୍ୱାରା ସମ୍ପାଦନ ହେବ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ବିଏମସି ହସ୍ପିଟାଲ ତରଫରୁ ସବୁ ପ୍ରକାର ମେଡିକାଲ ସହାୟତା ପ୍ରଦାନ କରାଯିବ। ଓ୍ୱାଟ୍‌କୋ ୧୨ ତାରିଖ ପୂର୍ବରୁ ନୂଆ ଶୌଚାଳୟ କମ୍ପ୍ଲେକ୍ସକୁ ସେବୋପଯୋଗୀ କରାଇବ। ଅତିରିକ୍ତ ଅସ୍ଥାୟୀ ଶୌଚାଳୟ ବି କରାଯିବ। ବାହାର ଧାଡି ସେଡ୍ ପୂର୍ତ୍ତ ବିଭାଗ ଓ ମନ୍ଦିର ବେଢା ଧାଡି ଦର୍ଶନ ବ୍ୟବସ୍ଥା ଏଏସ୍‌ଆଇ ଦ୍ୱାରା କରାଯିବ। ଏଏସ୍‌ଆଇ ଦ୍ୱାରା ମନ୍ଦିର ଭିତର ଏବଂ ସିଂହଦ୍ୱାର ରଙ୍ଗ କାମ କରିବାକୁ ଚୂଡ଼ାନ୍ତ ହୋଇଛି।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଦୀପ ସେବା ଟ୍ରଷ୍ଟ, ସ୍କାଉଟ୍ସ ଗାଇଡ୍ସ ଓ ରେଡକ୍ରସ ଦ୍ୱାରା ଅନେକ ପ୍ରକାର ସେବା ଉପଲବ୍ଧ ହେବ। କୁଟ ତରଫରୁ ଅତିରିକ୍ତ ଆମ ବସ୍ ବ୍ୟବସ୍ଥା ହେବ। ଅଗ୍ନିଶମ ବିଭାଗ ତରଫରୁ ୨୪ ଘଣ୍ଟିଆ ସେବା ଯୋଗାଇ ଦିଆଯିବ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲାଯାଇ ଭଜନ, ଜଣାଣ, ଶିବସ୍ତୋତ୍ର ଆଦି ପ୍ରସାର କରିବା ସହ ନିଖୋଜ ବ୍ୟକ୍ତିଙ୍କ ତଥ୍ୟ ଓ ନୀତି ବାବଦ ତଥ୍ୟ ରଖାଯିବ। ବୈଠକରେ ଡିସିପି,ଏସିପି ଜୋନ-୪, ଶ୍ରୀଲିଙ୍ଗରାଜ ଥାନା ଅଧିକାରୀ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅନେକ କର୍ପୋରେଟର, ପ୍ରମୁଖ ସେବା ନିଯୋଗର ପ୍ରତିନିଧି ବୃନ୍ଦ ଓ ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।